OCTOBER 31, 2026
SATURDAY, BHUBANESWAR

ଅକ୍ଟୋବର ୩୧, ୨୦୨୬
ଶନିବାର, ଭୁବନେଶ୍ୱର

ବିଜ୍ଞାପନ ଓ ପ୍ରସାର ପାଇଁ
ଯୋଗାଯୋଗ କରନ୍ତୁ
9937085463
akhyara.advertisement@gmail.com

ଅକ୍ଷର
AKHYARA ODISHA ଓଡ଼ିଶା

epaper.akhyaraodisha.in
www.akhyaraodisha.in
DIGITAL MEDIA PARTNER
AKHYARA LIVE
akhyaraodisha@gmail.com

VOLUME - 2 ● ISSUE- 55 ବର୍ଷ- ୨ ● ସଂଖ୍ୟା- ୫୫ | RNI REGD NO. ORIORI/25/A2226 ● DAILY EDITION | ପୃଷ୍ଠା-୧୨ ● ମୂଲ୍ୟ- ୭/- PAGES - 12 ● PRICE- 7/-

ଆକାଶମାର୍ଗରୁ ବନ୍ୟା ସ୍ଥିତି ପରଖିଲେ ମୁଖ୍ୟମନ୍ତ୍ରୀ





- ପ୍ରଶାସନିକ ତତ୍ପରତା ଖୁବଶୀଘ୍ର ସୁଧୁରିବ ସ୍ଥିତି
- ଜଳବନ୍ଦୀ ଅଞ୍ଚଳରେ ଉଦ୍ଧାର ଓ ରିଲିଫ୍ ଜାରି
- ପ୍ରବଳ ବର୍ଷା। ଓ ବନ୍ୟା। ମୁକାବିଲାରେ ସରକାର ସତର୍କ
- ମୃତୟନ ହେଲେ ୪୫ ଓଡ୍ରାଫ୍ ଓ ୫୦ରୁ ଅଧିକ ଅଗ୍ନିଶମ ଟିମ୍

ଛତ୍ରପୁର, ୩୦/୧୦ : ବାତ୍ୟା 'ଅର୍ଣ୍ଣବ' ପ୍ରଭାବରେ ଦକ୍ଷିଣ ଓ ଉପକୂଳ ଓଡ଼ିଶାରେ ଲାଗି ରହିଥିବା ପ୍ରବଳ ବର୍ଷା ଯୋଗୁଁ ଗଞ୍ଜାମ ଏବଂ ଗଜପତି ଜିଲ୍ଲାରେ ବନ୍ୟା ପରିସ୍ଥିତି ସୃଷ୍ଟି ହୋଇଛି। ସ୍ଥିତିର ଅନୁଧ୍ୟାନ ପାଇଁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏବଂ ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ ଆକାଶମାର୍ଗରୁ ବନ୍ୟାଞ୍ଚଳ ପରିଦର୍ଶନ କରିଛନ୍ତି, ବାତ୍ୟା 'ଅର୍ଣ୍ଣବ' ପ୍ରଭାବରେ ପ୍ରବଳ ବର୍ଷା ଯୋଗୁଁ ଗଞ୍ଜାମ ଜିଲ୍ଲାରେ ସୃଷ୍ଟି ହୋଇଥିବା ବନ୍ୟା ସ୍ଥିତିରେ ଧୀରେ ଧୀରେ ସୁଧାର ଆସୁଛି। ଭଞ୍ଜନଗରଠାରୁ ଛତ୍ରପୁର ପର୍ଯ୍ୟନ୍ତ ଋଷିକୁଲ୍ୟା ନଦୀକୂଳିଆ ଅଞ୍ଚଳର ବିଭିନ୍ନ ଗାଁରେ ବନ୍ୟାଜଳ ପ୍ରବେଶ କରିଥିବା ବେଳେ କେତେକ ସ୍ଥାନରେ ନଦୀବନ୍ଧରେ ଘାଇ ସୃଷ୍ଟି ହେବାରୁ ଲୋକେ ଜଳବନ୍ଦୀ ହୋଇଥିଲେ। ଏବେ ପ୍ରଶାସନ ପକ୍ଷରୁ ଜଳ ନିଷ୍କାସନ ସହ ଉଦ୍ଧାର ଓ ରିଲିଫ୍ କାର୍ଯ୍ୟକୁ ଜୋରଦାର କରାଯାଉଛି।ବାତ୍ୟା 'ଅର୍ଣ୍ଣବ' ପ୍ରଭାବରେ ରାଉରକେଲା ☞ପୃଷ୍ଠା-୨

ଓଡ଼ିଶାର ବନ୍ୟା ସ୍ଥିତି ନେଇ ମୁଖ୍ୟମନ୍ତ୍ରୀଙ୍କ ସହ ଟେଲିଫୋନରେ କଥା ହେଲେ ରାଷ୍ଟ୍ରପତି



ଭୁବନେଶ୍ୱର, ୩୦/୧୦ : ରାଜ୍ୟରେ ବାତ୍ୟା 'ଅର୍ଣ୍ଣବ' ଏବଂ ତତ୍‌ଜନିତ ବନ୍ୟା ପରିସ୍ଥିତିକୁ ନେଇ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଓଡ଼ିଶାର ମୁଖ୍ୟମନ୍ତ୍ରୀଙ୍କ ସହ ଟେଲିଫୋନରେ ଆଲୋଚନା କରିଛନ୍ତି। ରାଷ୍ଟ୍ରପତି ବାତ୍ୟା ପରବର୍ତ୍ତୀ ରାଜ୍ୟର ସାମ୍ପ୍ରତିକ ସ୍ଥିତି ଏବଂ ବନ୍ୟା ଯୋଗୁଁ ପ୍ରଭାବିତ ତଥା ବିସ୍ଥାପିତ ଲୋକମାନଙ୍କ ସମ୍ପର୍କରେ ପଚାରି ବୁଝିଛନ୍ତି। ମୁଖ୍ୟମନ୍ତ୍ରୀ ନିଜର ଏକ୍ସ ହ୍ୟାଣ୍ଡେଲରେ ଏହି ସୂଚନା ଦେଇ କହିଛନ୍ତି ଯେ, ସେ ରାଷ୍ଟ୍ରପତିଙ୍କୁ ପ୍ରଭାବିତ ଜିଲ୍ଲାଗୁଡ଼ିକର ସ୍ଥିତି ଏବଂ ରାଜ୍ୟ ସରକାରଙ୍କ ପକ୍ଷରୁ ଯୁଦ୍ଧକାଳୀନ ଭିତ୍ତିରେ ଚାଲିଥିବା ଉଦ୍ଧାର, ରିଲିଫ୍ ଓ ପୁନରୁଦ୍ଧାର କାର୍ଯ୍ୟ ସମ୍ପର୍କରେ ବିସ୍ତୃତ ଭାବେ ଅବଗତ କରାଇଛନ୍ତି। ରାଷ୍ଟ୍ରପତି ଓଡ଼ିଶାବାସୀଙ୍କ ସୁରକ୍ଷା ପାଇଁ ଗଭୀର ଚିନ୍ତା ପ୍ରକଟ କରିବା ସହିତ ସମସ୍ତ ପ୍ରକାର ସହଯୋଗର ଆଶ୍ୱାସନା ଦେଇଛନ୍ତି, ଯାହାକି ରାଜ୍ୟବାସୀ ଏବଂ ପ୍ରଶାସନର ମନୋବଳକୁ ବହୁଗୁଣିତ କରିଛି।

ଓଡ଼ିଶାର ୩୫ଲକ୍ଷ କୃଷକଙ୍କ ବ୍ୟାଙ୍କ ଖାତାରେ 'ପିଏମ୍ କିଷାନ' ଟଙ୍କା

'କୃଷକଙ୍କ ଉନ୍ନତି ହିଁ ଓଡ଼ିଶାର ସାମଗ୍ରୀକ ବିକାଶର ପ୍ରକୃତ ଚାବିକାଠୀ : ମୁଖ୍ୟମନ୍ତ୍ରୀ



- ❖ ଧାନ କୁଇଣ୍ଟାଲ ପିଛା ୩୧୦୦ ଟଙ୍କା, ଅନ୍ନଦାତାଙ୍କ ଜୀବନରେ ଆନନ୍ଦର ଲହରି
- ❖ 'ଯୋଗ୍ୟ ଚାଷୀ ପାଇବେ ସହାୟତା, କେହି ରହିବେନି ବଞ୍ଚିତ
- ❖ ଚାଷୀ ଏବଂ ପିଲାଙ୍କ ଭବିଷ୍ୟତ ପାଇଁ ନୂତନ ଅଧ୍ୟାୟ

ଭୁବନେଶ୍ୱର, ୩୦/୧୦ : ଭୁବନେଶ୍ୱର ସ୍ଥିତ ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟର କୃଷି ଶିକ୍ଷା ସଦନରେ ଆୟୋଜିତ ରାଜ୍ୟସ୍ତରୀୟ 'ପିଏମ୍ କିଷାନ ଉତ୍ସବ' ଏକ ଉତ୍ସବମୁଖର ପରିବେଶରେ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ଯୋଗଦେଇ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଦୃଢ଼ୋକ୍ତି ପ୍ରକାଶ କରିଛନ୍ତି ଯେ, କୃଷକମାନେ କେବଳ ଚାଷୀ ନୁହନ୍ତି, ବରଂ ସମାଜର ମେରୁଦଣ୍ଡ ତଥା ଅନ୍ନଦାତା। ଯଶସ୍ୱୀ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଅନ୍ନଦାତାଙ୍କୁ ସେମାନଙ୍କ ନ୍ୟାଯ୍ୟ ଅଧିକାର ପ୍ରଦାନ କରିବା ପାଇଁ ପ୍ରଥମ ଦିନରୁ ହିଁ ବିଭିନ୍ନ ଯୁଗାନ୍ତକାରୀ କାର୍ଯ୍ୟକ୍ରମ ଆରମ୍ଭ କରିଛନ୍ତି। ମୁଖ୍ୟମନ୍ତ୍ରୀ ଆହୁରି ମଧ୍ୟ କହିଛନ୍ତି ଯେ, ରାଜ୍ୟର କୌଣସି ଜଣେ ବି ଯୋଗ୍ୟ କୃଷକ ଯେପରି ଏହି ଯୋଜନାର ସହାୟତାରୁ ବଞ୍ଚିତ ନ ହୁଅନ୍ତି, ସେଥିପାଇଁ ଆମ ସରକାର ସତନ୍ତ୍ର ପଦକ୍ଷେପ ନେଇଛନ୍ତି। ଚାଷୀଭାଇମାନେ ସେମାନଙ୍କର ନିକଟସ୍ଥ ରାଜସ୍ୱ କାର୍ଯ୍ୟାଳୟ କିମ୍ବା କୃଷି କାର୍ଯ୍ୟାଳୟକୁ ଯାଇ ଆଗ୍ରିଷ୍ଟାକ୍ ପୋର୍ଟାଲରେ ତୁରନ୍ତ ପଞ୍ଜୀକରଣ କରାଇନେବାକୁ ସେ ଅନୁରୋଧ କରିଥିଲେ। କୃଷକମାନଙ୍କ ଉନ୍ନତି ଓ ଆର୍ଥିକ ବିକାଶ ହିଁ ଓଡ଼ିଶାର ସାମଗ୍ରୀକ ବିକାଶକୁ ଆଗକୁ ନେବ ବୋଲି ସେ ଦୃଢ଼ୋକ୍ତି ପ୍ରକାଶ କରିଛନ୍ତି। କେନ୍ଦ୍ର ସରକାରଙ୍କ ପିଏମ୍ କିଷାନ ଯୋଜନା ସହିତ ତାଳ ଦେଇ ରାଜ୍ୟ ସରକାର ନିଜସ ପାଣ୍ଠିରୁ ସିଏମ୍ କିଷାନ ଯୋଜନା କାର୍ଯ୍ୟକ୍ରମ କରୁଛନ୍ତି। ଏହି ଯୋଜନା ମାଧ୍ୟମରେ ରାଜ୍ୟର କ୍ଷୁଦ୍ର ଓ ନାମମାତ୍ର ଚାଷୀଙ୍କୁ ବାର୍ଷିକ ୪ ହଜାର ଟଙ୍କା ଏବଂ ଭୂମିହୀନ କୃଷି ପରିବାରକୁ ଜୀବନଜୀବିକା ସହାୟତା ବାବଦରେ ୧୨,୫୦୦ ଟଙ୍କା ପ୍ରଦାନ କରାଯାଉଛି। ଏଥିରେ ସହରାଞ୍ଚଳର ଚାଷୀ ଏବଂ ବିଶେଷ ଭାବେ ଦୁର୍ବଳ ଜନଜାତି ଗୋଷ୍ଠୀର ଚାଷୀମାନଙ୍କୁ ମଧ୍ୟ ସାମିଲ କରାଯାଇଛି। କୃଷକ କଲ୍ୟାଣ ଏବଂ ସଶକ୍ତିକରଣ ଆମ ସରକାରର ମୂଳ ସଂକଳ୍ପ। ଆଜି ଭାରତର ଯଶସ୍ୱୀ ପ୍ରଧାନମନ୍ତ୍ରୀ ଗୁଜୁରାଟର ବନାସକାଣ୍ଠାରୁ ଆଭାସୀ ମାଧ୍ୟମରେ ଦେଶବ୍ୟାପୀ 'ପିଏମ୍-କିଷାନ' ଯୋଜନାର ୨୪ତମ କିସ୍ତି ପ୍ରଦାନର ଶୁଭାରମ୍ଭ କରିଛନ୍ତି। ଏହି ପରିପ୍ରେକ୍ଷୀରେ, ଭୁବନେଶ୍ୱରସ୍ଥିତ ରାଜ୍ୟସ୍ତରୀୟ 'ପିଏମ୍ କିଷାନ' ସେହିପରି 'ସିଏମ୍ କିଷାନ' ହିତାଧିକାରୀଙ୍କ ପିଲାମାନଙ୍କ ଉଚ୍ଚଶିକ୍ଷା ପାଇଁ ଉଦ୍ଦିଷ୍ଟ କୃଷି ବିଦ୍ୟାନିଧି ଯୋଜନା ଅଧୀନରେ ଡାକ୍ତରୀ, ଇଞ୍ଜିନିୟରିଂ, କୃଷି ଏବଂ ଆନୁସଙ୍ଗିକ ବୈଷୟିକ ପାଠ୍ୟକ୍ରମ ପଢ଼ିବା ପାଇଁ ଛାତ୍ରବୃତ୍ତି ପ୍ରଦାନ କରାଯାଉଛି। ୨୦୨୪-୨୫ରେ ୧୩,୯୨୩ ପିଲାଙ୍କୁ ୫୩.୬୯ କୋଟି ଟଙ୍କା କୃଷି ବିଦ୍ୟାନିଧି ବୃତ୍ତି ଦିଆଯାଇଥିବା ବେଳେ ୨୦୨୫-୨୬ରେ ସର୍ବକାଳୀନ ରେକର୍ଡ ସୃଷ୍ଟି କରି ୬୮,୯୧୦ ପିଲାଙ୍କୁ ୨୯୧.୬୦ କୋଟି ଟଙ୍କା ପ୍ରଦାନ କରାଯାଇଛି। ପୂର୍ବ ବର୍ଷ ଅପେକ୍ଷା ଏହି ପରିମାଣ ପ୍ରାୟ ୫ ଗୁଣ ବୃଦ୍ଧି ହୋଇଛି। ଚଳିତ ଶିକ୍ଷାବର୍ଷରେ ରେକର୍ଡ ସଂଖ୍ୟକ ମେଧାବୀ ଛାତ୍ରଛାତ୍ରୀଙ୍କୁ କୋଟିକୋଟି ଟଙ୍କାର ଅର୍ଥରାଶି ଛାତ୍ରବୃତ୍ତି ବାବଦରେ ପ୍ରଦାନ କରାଯାଇଛି ବୋଲି ପ୍ରକାଶ କରି ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ଏହା ରାଜ୍ୟର କୃଷି ଇତିହାସରେ ଏକ ଅଭୂତପୂର୍ବ ସଫଳତା। ସେ ଆହୁରି ମଧ୍ୟ କହିଛନ୍ତି ଯେ, ରାଜ୍ୟ ସରକାରଙ୍କ ସମୃଦ୍ଧ କୃଷକ ଯୋଜନା ମାଧ୍ୟମରେ ଧାନ କୁଇଣ୍ଟାଲ ପିଛା ୩୧୦୦ ଟଙ୍କା ପ୍ରଦାନ କରାଯାଉଥିବାବେଳେ ଚଳିତ ବର୍ଷ ଲକ୍ଷାଧିକ ଚାଷୀ ପଞ୍ଜୀକରଣ କରିଛନ୍ତି। ଏହାଦ୍ୱାରା ଅନ୍ନଦାତାମାନଙ୍କ ମୁହଁରେ ଆଜି ଆନନ୍ଦର ଲହରି ଖେଳିଯାଇଛି। ବିଗତ ଦିନରେ ଲଗାଣ ବର୍ଷା, ବନ୍ୟା ଏବଂ ☞ପୃଷ୍ଠା-୨

ଉତ୍ତରାଖଣ୍ଡରେ ବଡ଼ଧରଣର ବିମାନ ଦୁର୍ଘଟଣା

ପାଇଲଟ୍‌ଙ୍କ ସମେତ ୬ ଜଣ ମୃତ



ନୂଆଦିଲ୍ଲୀ, ୩୦/୧୦ : ଉତ୍ତରାଖଣ୍ଡର ବଦ୍ରିନାଥରୁ ଡେରାଡୁନ ଅଭିମୁଖେ ଆସୁଥିବା ଏକ ହେଲିକପ୍ଟର ଦୁର୍ଘଟଣାଗ୍ରସ୍ତ ହେବା ଫଳରେ ଜଣେ ପାଇଲଟ୍‌ଙ୍କ ସମେତ ସମୁଦାୟ ୬ ଜଣ ଯାତ୍ରୀଙ୍କର ମୃତ୍ୟୁ ଘଟିଛି। 'ଟ୍ରାନ୍ସ ଭାରତ' (Trans Bharat) କମ୍ପାନୀ ଦ୍ୱାରା ପରିଚାଳିତ ଏହି ହେଲିକପ୍ଟରଟି ଶୁକ୍ରବାର ଅପରାହ୍ନ ୧:୧୨ ସମୟରେ ଉଡ଼ାଣ ଭରିଥିବାବେଳେ ହଠାତ୍ ଆକାଶରେ ନିଖୋଜ ହୋଇଯାଇଥିଲା। କ୍ୟାପଟେନ୍ ହିମାଂଶୁ ଓ ୫ ଜଣ ଯାତ୍ରୀ ପ୍ରଥାପା, ଅରୁଣ. ଶଙ୍କର ଗୌଡ଼ା, ସୁଧୀର କେ ଏବଂ ଏସଏସ ନଟରାଜ। ସମସ୍ତ ଯାତ୍ରୀ ବେଙ୍ଗାଲୁରୁରୁ ଉତ୍ତରାଖଣ୍ଡ ବୁଲିବାକୁ ଆସିଥିଲେ। ଏ ନେଇ ଉତ୍ତରାଖଣ୍ଡ ସରକାରଙ୍କ ପକ୍ଷରୁ ସୂଚନା ଦିଆଯାଇଛି। ଶୁକ୍ରବାର ଦିନ ଖରାପ ☞ପୃଷ୍ଠା-୨

ୟୁପିରେ ବିଜେପି ସରକାର ଗଠନ ହେଲେ ଲାଗୁ ହେବ ୟୁସିସି : ଅମିତ ଶାହ

'୨୦୨୭ ନିର୍ବାଚନ ପୂର୍ବରୁ ବିଜେପିର ମାଷ୍ଟରଷ୍ଟ୍ରୋକ୍'



- ▲ ସମସ୍ତ ସମ୍ପ୍ରଦାୟ ପାଇଁ ସମାନ ନିୟମ
- ▲ ଗୁଜରାଟ ଓ ଆସାମ ପରେ ଏବେ ଉତ୍ତର ପ୍ରଦେଶର ପାଳି

ଲକ୍ଷ୍ନୌ, ୩୦/୧୦ : ଲକ୍ଷ୍ନୌରେ ଆୟୋଜିତ ଏକ ଦଳୀୟ କାର୍ଯ୍ୟକ୍ରମରେ ଯୋଗଦେଇ କେନ୍ଦ୍ରମନ୍ତ୍ରୀ ଅମିତ ଶାହ ଆଗାମୀ ୨୦୨୭ ଉତ୍ତର ପ୍ରଦେଶ ବିଧାନସଭା ନିର୍ବାଚନ ପାଇଁ ଏକ ବଡ଼ ଘୋଷଣା କରିଛନ୍ତି। ସେ କହିଛନ୍ତି ଯେ ଯଦି ରାଜ୍ୟରେ ବିଜେପି କ୍ରମାଗତ ତୃତୀୟ ଥର ପାଇଁ କ୍ଷମତାକୁ ଆସେ, ତେବେ ରାଜ୍ୟରେ 'ୟୁନିଫର୍ମ ସିଭିଲ୍ କୋଡ୍' ବା ସମାନ ନାଗରିକ ସଂହିତା ଲାଗୁ କରାଯିବ। ଭାରତୀୟ ଜନତା ପାର୍ଟି ର ଶୀର୍ଷ ନେତୃତ୍ୱ ୨୦୨୭ ଉତ୍ତର ପ୍ରଦେଶ ବିଧାନସଭା ନିର୍ବାଚନ ପାଇଁ ପ୍ରସ୍ତୁତିକୁ ଜୋରଦାର କରିଛନ୍ତି। ଦଳର ମୁଖ୍ୟ ରଣନୀତିଜ୍ଞ ଭାବେ ବିବେଚିତ ଅମିତ ଶାହଙ୍କ ତତ୍ତ୍ୱାବଧାନରେ, ବିଜେପି ନିଜର ନିର୍ବାଚନ ପ୍ରଚାରକୁ ଅଧିକ ପ୍ରଭାବଶାଳୀ କରିବା ପାଇଁ ସାଙ୍ଗଠନିକ କାର୍ଯ୍ୟକଳାପକୁ ତ୍ୱରାନ୍ୱିତ ☞ପୃଷ୍ଠା-୨

ମାଟ୍ରିକ୍ ପରୀକ୍ଷା ଫର୍ମଫିଲପ୍ ବିଜ୍ଞପ୍ତି ପ୍ରକାଶ

- ❖ ନଭେମ୍ବର ୨ରୁ ୨୧ ତାରିଖ ମଧ୍ୟରେ କରିବେ ଫର୍ମ ପୂରଣ
- ❖ ୫.୫ ଲକ୍ଷରୁ ଅଧିକ ଛାତ୍ରଛାତ୍ରୀ ଫର୍ମ ପୂରଣ କରିବାର ସମ୍ଭାବନା

କଟକ, ୩୦/୧୦: ମାଧ୍ୟମିକ ଶିକ୍ଷା ପରିଷଦ (ବୋର୍ଡ) ପକ୍ଷରୁ ୨୦୨୭ ହାଇସ୍କୁଲ୍ ସାର୍ଟିଫିକେଟ୍ (ମାଟ୍ରିକ୍) ରେଗୁଲାର ଓ ଏକ୍ସ-ରେଗୁଲାର ପରୀକ୍ଷା ପାଇଁ ଫର୍ମ ପୂରଣ ପ୍ରକ୍ରିୟା ଆରମ୍ଭ ହେବାକୁ ଯାଉଛି। ଆସନ୍ତା ନଭେମ୍ବର ୨ ତାରିଖରୁ ନଭେମ୍ବର ୨୧ ତାରିଖ ପର୍ଯ୍ୟନ୍ତ ଫର୍ମ ପୂରଣ ପାଇଁ ସମୟସୂଚୀ ଧାର୍ଯ୍ୟ କରାଯାଇଛି। ଅନ୍‌ଲାଇନ୍‌ରେ ଫର୍ମ ପୂରଣ କରିବା ନିମନ୍ତେ ବୋର୍ଡର ସରକାରୀ ୱେବସାଇଟ୍‌ରେ ଲିଙ୍କ୍ ପ୍ରଦାନ କରାଯାଇଛି। ଦଶମ ଶ୍ରେଣୀର ଛାତ୍ରଛାତ୍ରୀମାନେ ନିଜ ନିଜ ବିଦ୍ୟାଳୟର କର୍ତ୍ତୃପକ୍ଷଙ୍କ ମାଧ୍ୟମରେ ଏହି ପ୍ରକ୍ରିୟା ସମ୍ପନ୍ନ କରିବେ। ଏହାଛଡ଼ା ରେଗୁଲାର ଓ ଏକ୍ସ-ରେଗୁଲାର ପତ୍ର ବିନିମୟ କୋର୍ସ ପରୀକ୍ଷା ପାଇଁ ମଧ୍ୟ ପ୍ରାର୍ଥୀମାନେ ଏହି ନିର୍ଦ୍ଧାରିତ ସମୟ ମଧ୍ୟରେ ଫର୍ମ ପୂରଣ କରିବାକୁ କୁହାଯାଇଛି।ରାଜ୍ୟର ୯ ହଜାରରୁ ଅଧିକ ହାଇସ୍କୁଲରୁ ପ୍ରାୟ ୫ ଲକ୍ଷ ୫୦ ହଜାରରୁ ଅଧିକ ଛାତ୍ରଛାତ୍ରୀ ଚଳିତଥର ☞ପୃଷ୍ଠା-୨

ଓସିଏସ୍ ମୁଖ୍ୟ ପରୀକ୍ଷା ସମୟସୂଚୀରେ କୌଣସି ପରିବର୍ତ୍ତନ ନାହିଁ: ମନ୍ତ୍ରୀ ସୁରେଶ ପୂଜାରୀ



ଭୁବନେଶ୍ୱର, ୩୦/୧୦: ବାତ୍ୟା 'ଅର୍ଣ୍ଣବ' ଏବଂ ତତଜନିତ ବନ୍ୟା ଯୋଗୁଁ ଦକ୍ଷିଣ ଓଡ଼ିଶାର ଜନଜୀବନ ପ୍ରଭାବିତ ହୋଇଥିବାବେଳେ, ଅକ୍ଟୋବର ୩୧ରୁ ଆରମ୍ଭ ହେବାକୁ ଥିବା ଓଡ଼ିଶା ସିଭିଲ୍ ସର୍ଭିସେସ୍ (OCS) ମୁଖ୍ୟ ପରୀକ୍ଷାକୁ ନେଇ ଆଶାୟୀମାନଙ୍କ ମଧ୍ୟରେ ଦ୍ୱନ୍ଦ୍ୱ ଦେଖାଦେଇଥିଲା। ଯୋଗାଯୋଗ ବ୍ୟବସ୍ଥା ଠପ୍ ହୋଇଯିବାରୁ ପରୀକ୍ଷା ସୂଚୀ ଘୁଞ୍ଚାଇବାକୁ ଦାବି ହୋଇଥିଲା। ତେବେ ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ ସ୍ପଷ୍ଟ କରିଛନ୍ତି ଯେ, ଓସିଏସ୍ ମୁଖ୍ୟ ପରୀକ୍ଷା କୌଣସି ପ୍ରକାରେ ଘୁଞ୍ଚିବ ନାହିଁ। ପରୀକ୍ଷା ଘୁଞ୍ଚାଇଲେ ପୁଣିଥରେ ଏହା ଆୟୋଜନ ପାଇଁ ପ୍ରାୟ ୬ ମାସ ଲାଗିବା ସହ ରାଜ୍ୟର ଅନ୍ୟାନ୍ୟ ଜିଲ୍ଲାର ଶତାଧିକ ପରୀକ୍ଷାର୍ଥୀ ଅସୁବିଧାରେ ପଡ଼ିବେ ବୋଲି ସେ ମତ ଦେଇଛନ୍ତି। ବନ୍ୟା ପ୍ରଭାବିତ ପରୀକ୍ଷାର୍ଥୀମାନେ ଯେପରି ବିନା କୌଣସି ☞ପୃଷ୍ଠା-୨

ସହଭାଗିତା
ଅକ୍ଷର ଓଡ଼ିଶା
ଆୟୋଜିତ
ଓଡ଼ିଆ ଅସ୍ମିତା ସମ୍ମିଳନୀ ୨୦୨୬
ଆଲୋଚନା | କର୍ମଶାଳା | ବିନିମୟ | ପ୍ରଶ୍ନୋତ୍ତର | ସମ୍ବର୍ଦ୍ଧନା
ଏହି ବୌଦ୍ଧିକ କାର୍ଯ୍ୟକ୍ରମରେ ଯୋଗଦେବା ନିମନ୍ତେ ସାଦର ନିମନ୍ତ୍ରଣ
୪ ନଭେମ୍ବର ୨୦୨୬ | ସକାଳ ୧୦ଟାରୁ
ଜୟଦେବ ଭବନ, ଭୁବନେଶ୍ୱର
ଯୋଗାଯୋଗ / ସହାୟତା କେନ୍ଦ୍ର
9437028998
ମୁଖ୍ୟ ଆବାହକ: ଭରତ ଚନ୍ଦ୍ର ବେହେରା
ସଂଯୋଜକ: ଡ. ଗିରୀଶ ରଞ୍ଜନ ସାହୁ
ମୁଖ୍ୟ ସମ୍ପାଦକ: ଚୌଧୁରୀ ରମାକାନ୍ତ ଦାସ

ଅକ୍ଷର AKHYARA ODISHA ଓଡ଼ିଶା
ବ୍ୟଙ ବିଚାର
ଡ.ଗିରୀଶ ରଂଜନ
ଖାଉଟିଙ୍କ ସାର୍ଥ ରକ୍ଷା ପାଇଁ
ମନ୍ତ୍ରୀ ସବୁବେଳେ ରେଡ଼ି
ଲୋକଙ୍କୁ ମିଳିବ ସୁବିଧାରେ ଖାଦ୍ୟ
ବନ୍ୟା ଆସିଲେବି ମାଡ଼ି
ରେଟ୍ ଜମାବି ଯିବନି ବଢ଼ି
ମନ୍ତ୍ରୀ ଜଗିବେ ଗୋଦାମ ସବୁକୁ
ହାତେ ଧରି ନିଜେ ବାଢ଼ି

ରାଇକିଆରେ ଭୂସ୍ଖଳନ

ମାଟି ଅତଡ଼ା ତଳୁ ୩ ମୃତଦେହ ଉଦ୍ଧାର




ରାଇକିଆ, ୩୦/୧୦ : କନ୍ଧମାଳ ଜିଲା ରାଇକିଆ ବ୍ଲକ ମାଣିକେଶ୍ୱର ପଞ୍ଚାୟତ ଅନ୍ତର୍ଗତ ଡାଙ୍ଗେସି ଗ୍ରାମରେ ଘଟିଥିବା ଭୂସ୍ଖଳନରେ ନିଖୋଜ ଥିବା ଗୋଟିଏ ପରିବାରର ତିନିଜଣଙ୍କ ମୃତ୍ୟୁ ଘଟିଛି। ମୃତକମାନେ ହେଲେ ଅଚ୍ୟୁତ ପ୍ରଧାନ, ତାଙ୍କ ସ୍ତ୍ରୀ ମାନସୀ ପ୍ରଧାନ ଏବଂ ସେମାନଙ୍କ ୭ ମାସର ଶିଶୁ। ଘରଠାରୁ ପ୍ରାୟ ୨୦୦ ମିଟର ଦୂରରେ ମାଟି ଅତଡ଼ା ଓ ପଙ୍କ ମଧ୍ୟରେ ସେମାନଙ୍କ ମୃତଦେହ ରହିଥିବା ଗ୍ରାମବାସୀଙ୍କ ସୂତ୍ରରୁ ଜଣାପଡ଼ିଛି।ଗୁରୁବାର ସକାଳେ ଗ୍ରାମବାସୀ ଅଚ୍ୟୁତଙ୍କ ଘର ସମ୍ପୂର୍ଣ୍ଣ ଭାସିଯାଇଥିବା ଦେଖିବାକୁ ପାଇଥିଲେ। ଏହାପରେ ସେମାନେ ଖୋଜାଖୋଜି କରିଥିଲେ। ତେବେ ପ୍ରବଳ ଜଳସ୍ରୋତ ଓ ମାଟି ଅତଡ଼ା ଖସି ପଙ୍କ ଭରି ରହିଥିବାରୁ ନିଖୋଜ ପରିବାରର ସନ୍ଧାନ ପାଇବା ସମ୍ଭବ ହୋଇ ନ ଥିଲା। ବହୁ କଷ୍ଟରେ ଗ୍ରାମବାସୀ ଗୁରୁବାର ସନ୍ଧ୍ୟାରେ ☞ପୃଷ୍ଠା-୨

ମୃତକଙ୍କ ପରିବାରକୁ ସମବେଦନା ସହ ଅର୍ଥକ ସହାୟତା ଘୋଷଣା



ଭୁବନେଶ୍ୱର/ଫୁଲବାଣୀ, ୩୦/୧୦ : କନ୍ଧମାଳ ଜିଲ୍ଲା ରାଇକିଆ ବ୍ଲକ ମାଣିକେଶ୍ୱର ପଞ୍ଚାୟତ ଅନ୍ତର୍ଗତ ଡାଙ୍ଗେଶି ଗ୍ରାମରେ ବାତ୍ୟା 'ଅର୍ଣ୍ଣବ' ଜନିତ ପ୍ରବଳ ବର୍ଷା ଓ ଭୂସ୍ଖଳନ ଯୋଗୁଁ ଗୋଟିଏ ପରିବାରର ୩ ଜଣଙ୍କ ମୃତ୍ୟୁ ଘଟଣାକୁ ନେଇ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଗଭୀର ଶୋକ ପ୍ରକାଶ କରିଛନ୍ତି। ଅଚ୍ୟୁତ ପ୍ରଧାନ, ଅନୀଷା ପ୍ରଧାନ ଏବଂ ସେମାନଙ୍କ ଶିଶୁସନ୍ତାନଙ୍କ ଏପରି ଅକାଳ ବିୟୋଗରେ ମୁଖ୍ୟମନ୍ତ୍ରୀ ଶୋକସନ୍ତପ୍ତ ପରିବାରବର୍ଗଙ୍କ ପ୍ରତି ☞ପୃଷ୍ଠା-୨



ଶନିବାର ୩୧।୧୦।୨୦୨୬
ଅକ୍ଷର
AKHYARA ODISHA ଓଡ଼ିଶା

ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ...

ଆକାଶମାର୍ଗରୁ ବନ୍ୟା ସ୍ଥିତି...

ସମେତ ସମଗ୍ର ସୁନ୍ଦରଗଡ଼ ଜିଲ୍ଲାରେ ବର୍ଷା ହୋଇଛି । ସହରରେ ଗମନାଗମନ ବହୁମାତ୍ରାରେ ବାଧାପ୍ରାପ୍ତ ହୋଇଛି । ଏହାସହ ଦୋକାନବଜାରରେ ବେପାର ଏକପ୍ରକାର ଠପ୍ ହୋଇଯାଇଥିଲା ।ଜିଲ୍ଲାର ଲେଫ୍ରିପଡ଼ାରେ ସର୍ବାଧିକ ବର୍ଷା ହୋଇଛି । ଏଠାରେ ୪୯.୩ ମିଲିମିଟର ବର୍ଷା ହୋଇଥିବାବେଳେ ଟାଙ୍ଗରପାଲିରେ ୪୨.୪ ମିଲିମିଟର ଓ କୋଇଡ଼ାରେ ୪୧ ମିଲିମିଟର ବର୍ଷା ରେକର୍ଡ କରାଯାଇଛି । ସେହିଭଳି ସବ୍‌ଡ଼େଗା ଓ ବଣାଇରେ ସର୍ବନିମ୍ନ ୧୧ ମିଲିମିଟର ବର୍ଷା ହୋଇଛି । ସ୍ମାର୍ଟସିଟି ରାଉରକେଲା ଓ ଏହାର ଆଖପାଖ ଅଞ୍ଚଳରେ ଜାରି ରହିଥିବା ଅବିରତ ବର୍ଷା ଯୋଗୁ ଜନଜୀବନ ବିପର୍ଯ୍ୟସ୍ତ ହୋଇପଡ଼ିଛି । ଲଗାତାର ବର୍ଷା ଫଳରେ ବିଭିନ୍ନ ରାସ୍ତାରେ ପାଣି ଜମି ରହିଛି, ଫଳରେ ଗାଡ଼ି ଚାଳକ, ପଥଚାରୀ ଯାବତୀୟ ସମସ୍ୟାର ସମ୍ମୁଖୀନ ହେଉଛନ୍ତି । ଜିଲ୍ଲାପାଳ ଭି. କୀର୍ତ୍ତି ଭାସନ କହିଛନ୍ତି ଯେ ବନ୍ୟା ପ୍ରଭାବିତ ଅଞ୍ଚଳରେ ଚିଲିଫ୍ ଓ ଉଦ୍ଧାର କାର୍ଯ୍ୟକୁ ଆହୁରି ତ୍ୱରାନ୍ୱିତ କରାଯାଇଛି । ଗତକାଲିଠାରୁ ବିପନ୍ନଙ୍କ ନିକଟରେ ଚିଲିଫ୍ ସାମଗ୍ରୀ ପହଞ୍ଚାଯାଉଛି । ଅଧିକ ଜଳସ୍ରୋତ ଯୋଗୁଁ ଯେଉଁ ସ୍ଥାନକୁ ବୋଟ୍ ପହଞ୍ଚିବା ସମ୍ଭବ ହେଉନାହିଁ, ସେଠାରେ ହେଲିକପ୍ଟର ମାଧ୍ୟମରେ ଖାଦ୍ୟ ପ୍ୟାକେଟ୍ ଓ ଅତ୍ୟାବଶ୍ୟକ ସାମଗ୍ରୀ ଏୟାରଡ୍ରପ୍ କରିବା ପାଇଁ ପ୍ରସ୍ତୁତି ଚାଲିଛି । ଗତକାଲି ପରୀକ୍ଷାମୂଳକ ଭାବେ ଆକାଶମାର୍ଗରେ ୬ ଜଣଙ୍କୁ ଉଦ୍ଧାର କରାଯାଇଥିଲା । ଆଜି ଏହି ଉଦ୍ଧାର କାର୍ଯ୍ୟକୁ ଆହୁରି ତ୍ୱରାନ୍ୱିତ କରାଯିବ । ଜଳବନ୍ଦୀ ଅଞ୍ଚଳରେ ଫସିଥିବା ଲୋକଙ୍କୁ ଶୀଘ୍ର ସୁରକ୍ଷିତ ସ୍ଥାନକୁ ଆଣିବା ପାଇଁ ଉଦ୍ଧାରକାରୀ ଦଳଗୁଡ଼ିକୁ ସଜାଗ ରଖାଯାଇଛି । ବନ୍ୟା ମୁକାବିଲା ପାଇଁ ଜିଲ୍ଲାର ବିଭିନ୍ନ ସ୍ଥାନରେ ପ୍ରାୟ ୪୫ଟି ଓଡ୍ରାଫ୍ ଟିମ୍ ଏବଂ ୫୦ରୁ ଅଧିକ ଅଗ୍ନିଶମ ବାହିନୀ ଟିମ୍ ମୁତୟନ ହୋଇଛନ୍ତି । ଟିମ୍‌ଗୁଡ଼ିକ ଜଳବନ୍ଦୀ ଅଞ୍ଚଳରୁ ଲୋକଙ୍କୁ ଉଦ୍ଧାର କରିବା ସହ ଆବଶ୍ୟକ ସ୍ଥାନରେ ରିଲିଫ୍ ସାମଗ୍ରୀ ପହଞ୍ଚାଉଛନ୍ତି ।ଏପଟେ ଋଷିକୁଲ୍ୟା ନଦୀର ଜଳସ୍ତର ମଧ୍ୟ ଧୀରେ ଧୀରେ ହ୍ରାସ ପାଉଛି । ଗତକାଲି ପୁରୁଷୋତ୍ତମପୁରଠାରେ ନଦୀର ଜଳସ୍ତର ୧୯.୨ ମିଟର ଥିବା ବେଳେ ବର୍ତ୍ତମାନ ଏହା ୧୮.୯ ମିଟରକୁ ଖସିଛି । ଆଗକୁ ବର୍ଷାର ପରିମାଣ ହ୍ରାସ ପାଇଲେ ଆଜି ସନ୍ଧ୍ୟା ସୁଦ୍ଧା ବନ୍ୟା ସ୍ଥିତିରେ ଆହୁରି ସୁଧାର ଆସିବା ନେଇ ଆଶା କରାଯାଉଛି । ବିପଦସଙ୍କୁଳ ଅଞ୍ଚଳରେ ରହୁଥିବା ଲୋକେ ପ୍ରଶାସନର ପରାମର୍ଶକୁ ଗୁରୁତ୍ୱ ଦେଇ ଆଗୁଆ ସୁରକ୍ଷିତ ସ୍ଥାନ କିମ୍ବା ବାତ୍ୟା ଆଶ୍ରୟସ୍ଥଳୀକୁ ସ୍ଥାନାନ୍ତର ହେବାକୁ ଜିଲ୍ଲାପାଳ ଅନୁରୋଧ କରିଛନ୍ତି । ପାଣି ଗାଁ ଭିତରକୁ ପ୍ରବେଶ କରିବା ପରେ ସ୍ଥାନାନ୍ତରଣ କାର୍ଯ୍ୟ ଅଧିକ କଷ୍ଟକର ହେଉଥିବାରୁ ପୂର୍ବରୁ ସତର୍କତାମୂଳକ ପଦକ୍ଷେପ ନେବାକୁ ସେ ପରାମର୍ଶ ଦେଇଛନ୍ତି । ଅନ୍ୟପକ୍ଷରେ ବନ୍ୟାଜଳ ଚାଷଜମିରେ ପଶିବା ଯୋଗୁଁ ବହୁ ଫସଲ ନଷ୍ଟ ହୋଇଥିବା ଆଶଙ୍କା ରହିଛି । ଜଳ ନିଷ୍କାସନ ପରେ କ୍ଷୟକ୍ଷତିର ଆକଳନ କରିବାକୁ ବିଭାଗୀୟ ଅଧିକାରୀମାନଙ୍କୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଛନ୍ତି । ଚାଷଜମିରେ ବାଲି ଓ ପଙ୍କ ଜମିବା ସହ ବିଭିନ୍ନ ରାସ୍ତାଘାଟ ଓ ଭିତ୍ତିଭୂମି ମଧ୍ୟ କ୍ଷତିଗ୍ରସ୍ତ ହୋଇଛି । ଆସନ୍ତା ଦୁଇ ଦିନ ମଧ୍ୟରେ ଜିଲ୍ଲାର ପ୍ରାଥମିକ କ୍ଷୟକ୍ଷତି ରିପୋର୍ଟ ପ୍ରସ୍ତୁତ କରାଯିବ । ଏହାପରେ ବନ୍ୟା ଯୋଗୁଁ ହୋଇଥିବା କ୍ଷୟକ୍ଷତିର ବାସ୍ତବ ସ୍ଥିତି ଅନୁଧ୍ୟାନ ପାଇଁ କେନ୍ଦ୍ରୀୟ ଦଳ ଗଞ୍ଜାମ ଗସ୍ତ କରିବାର କାର୍ଯ୍ୟକ୍ରମ ରହିଛି । ଛତ୍ରପୁର ବ୍ଲକର ୬ ପଞ୍ଚାୟତ ଜଳବନ୍ଦି, ବନ୍ୟାଞ୍ଚଳ ବୁଲି ସ୍ଥିତି ପରଖିଲେ ଛତ୍ରପୁର ବିଧାୟକମହାବାତ୍ୟାର ତାଣ୍ଡବ ୨୬ ବର୍ଷ ପରେ ମଧ୍ୟ ଓଡ଼ିଶାବାସୀଙ୍କ ମନରୁ ଲିଭି ନାହିଁ । ୧୯୯୯ ଅକ୍ଟୋବର ୨୯ ତାରିଖର ସେହି କଳାଦିନକୁ ଯେଉଁମାନେ ଦେଖିଛନ୍ତି, ଏବେ ବି ଥରି ଉଠନ୍ତି । ଏବେ ପୁଣି ସେହି ଅକ୍ଟୋବର ଶେଷ ସପ୍ତାହକୁ ନେଇ ଉପକୂଳ ଏବଂ ଦକ୍ଷିଣ ଓଡ଼ିଶାବାସୀଙ୍କ ମନରେ ଚିନ୍ତା । ଏହାର କାରଣ ହେଲା ସମ୍ଭାବ୍ୟ ବାତ୍ୟା । ଭାରତୀୟ ପାଣିପାଗ ବିଭାଗ ବିଭାଗର ପୂର୍ବାନୁମାନ ଅନୁସାରେ ଅକ୍ଟୋବର ୨୭ ତାରିଖ ରାତିରେ ବାତ୍ୟା ଅର୍ଣ୍ଣବ ଆନ୍ଧ୍ର ପ୍ରଦେଶର ସ୍ଥଳଭାଗ ଛୁଇଁଥିଲା । କିନ୍ତୁ ଏହା ପୂର୍ବରୁ ଏପର୍ଯ୍ୟନ୍ତ ବର୍ଷାର ତାଣ୍ଡବ ଦେଖିବାକୁ ମିଳୁଛି । ଆନ୍ଧ୍ରପ୍ରଦେଶର ଉପକୂଳ ଏବଂ ଦକ୍ଷିଣ ଓଡ଼ିଶାରେ ବିପର୍ଯ୍ୟୟ ସ୍ଥିତି ଦେଖିବାକୁ ମିଳୁଛି । ସେହିପରି ଙ୍ଗଜନଗର ଅଞ୍ଚଳରେ ରାଜରାସ୍ତାରେ ପାଣି ଲହଡ଼ି ଭାଙ୍ଗିଲା ଭଳି ଦୃଶ୍ୟ ଦେଖାଯାଉଛି ।

ଓଡ଼ିଶାର ୩୫ ଲକ୍ଷରୁ...

ସାମ୍ପ୍ରତିକ ବାତ୍ୟା ପରବର୍ତ୍ତୀ ବର୍ଷା ଯୋଗୁଁ ରାଜ୍ୟର କେତେକ ଜିଲ୍ଲାରେ ଫସଲ ନଷ୍ଟ ହୋଇଥିବା ପ୍ରସଙ୍ଗରେ ମୁଖ୍ୟମନ୍ତ୍ରୀ ଦୃଢ଼ ଆଶ୍ୱାସନା ଦେଇ କହିଛନ୍ତି ଯେ, ଯେତେ ବିପତ୍ତି ଆସୁ ନ କାହିଁକି, ଆପଣଙ୍କ ସରକାର ଓ ମୁଖ୍ୟମନ୍ତ୍ରୀ ସର୍ବଦା ଆପଣଙ୍କ ଦୁଃଖସୁଖରେ ସାଥୀ ହୋଇ ଠିଆ ହୋଇଛନ୍ତି । କ୍ଷତିଗ୍ରସ୍ତ ଫସଲର ଆକଳନ କରାଯାଇ ନିୟମାନୁଯାୟୀ ଚାଷୀମାନଙ୍କୁ ଯଥାଶୀଘ୍ର ଉପଯୁକ୍ତ କ୍ଷତିପୂରଣ ପ୍ରଦାନ କରାଯିବ । ସୂଚନାଯୋଗ୍ୟ, ପ୍ରଧାନମନ୍ତ୍ରୀ ଗୁଜୁରାଟର ବନାସକାଣ୍ଠା ଠାରେ ଅନୁଷ୍ଠିତ ଜାତୀୟ ସମାରୋହରୁ ଆଭାସୀ ମାଧ୍ୟମରେ ଏହି ସହାୟତା ରାଶି ବଣ୍ଟନର ଶୁଭାରମ୍ଭ କରିଛନ୍ତି । ସାରା ଦେଶରେ ୯.୩୪ କୋଟିରୁ ଅଧିକ ଚାଷୀଙ୍କୁ ୧୮,୬୯୦ କୋଟି ଟଙ୍କା ପ୍ରଦାନ କରାଯାଇଛି । ମୋଦୀଙ୍କର ଏହି କାର୍ଯ୍ୟକ୍ରମକୁ ଓଡିଶାରେ ରାଜ୍ୟସ୍ତରୀୟ କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ସମେତ ଉପମୁଖ୍ୟମନ୍ତ୍ରୀ ତଥା କୃଷି ଓ କୃଷକ ସଶକ୍ତିକରଣ, ଶକ୍ତି ମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ, ଆଇନ, ପୂର୍ତ୍ତ ଓ ଅବକାରୀ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ, ଭୁବନେଶ୍ୱର ସାଂସଦ ଅପରାଜିତା ଷଡ଼ଙ୍ଗୀ, ଏକାମ୍ର-ଭୁବନେଶ୍ୱର ବିଧାୟକ ବାବୁ ସିଂ, ଖୋର୍ଦ୍ଧା ବିଧାୟକ ପ୍ରଶାନ୍ତ କୁମାର ଜଗଦେବ ଏବଂ ରାଜ୍ୟର ଅନ୍ୟାନ୍ୟ ମନ୍ତ୍ରୀ ଓ ବିଧାୟକମାନେ ସିଧାପ୍ରସାରଣ ଦେଖିଥିଲେ । ଏହି ଅବସରରେ ଓଡ଼ିଶାର ବିଭିନ୍ନ ପ୍ରାନ୍ତର କୃଷକମାନଙ୍କ ସହିତ ମୁଖ୍ୟମନ୍ତ୍ରୀ ସିଧାସଳଖ କଥା ମଧ୍ୟ ହୋଇଥିଲେ, ଯାହାକି କୃଷକ ମହଲରେ ବେଶ୍ ଉତ୍ସାହ ସୃଷ୍ଟି କରିଥିଲା । ଏହି ଜାତୀୟ କାର୍ଯ୍ୟକ୍ରମ ଅବସରରେ ଓଡ଼ିଶାର ୩୫ ଲକ୍ଷ ୩୮ ହଜାରରୁ ଊର୍ଦ୍ଧ୍ୱ ଯୋଗ୍ୟ କୃଷକଙ୍କ ବ୍ୟାଙ୍କ ଜମାଖାତାକୁ ଡିବିଟି ଜରିଆରେ ୨ ହଜାର ଟଙ୍କା ଲେଖାଏଁ ସହାୟତା ରାଶି ଭାବରେ ସମୁଦାୟ ୭୦୭.୬୦ କୋଟି ଟଙ୍କା ପ୍ରଦାନ କରାଯାଇଛି ।

'୨୦୨୭ ନିର୍ବାଚନ ପୂର୍ବରୁ...

କରିଛି । ବିଜେପି କାର୍ଯ୍ୟକାରିଣୀ କମିଟିର ଏକ ବୈଠକ ଉଦ୍‌ଘାଟନ କରିବା ପାଇଁ କେନ୍ଦ୍ର ମନ୍ତ୍ରୀ ଶାହ ଲକ୍ଷ୍ନୌରେ ପହଞ୍ଚିଥିଲେ । ଏହି ଅବସରରେ ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥ, ରାଜ୍ୟ ସଭାପତି ପଙ୍କଜ ଚୌଧୁରୀ, ରାଜ୍ୟ ସାଧାରଣ ସମ୍ପାଦକ (ସଙ୍ଗଠନ) ଧର୍ମପାଲ ସିଂହ, ରାଜ୍ୟ ପ୍ରଭାରୀ ବିନୋଦ ତାୱଡେ ଏବଂ ଉପ-ମୁଖ୍ୟମନ୍ତ୍ରୀ କେଶବ ପ୍ରସାଦ ମୌର୍ଯ୍ୟ ଓ ବ୍ରଜେଶ ପାଠକ ମଧ୍ୟ ଉପସ୍ଥିତ ଥିଲେ । ଦଳର ବରିଷ୍ଠ ନେତାମାନଙ୍କ ଉପସ୍ଥିତିରେ, ଶାହ ଉତ୍ତର ପ୍ରଦେଶ ବିଜେପି ଟିମ୍‌ରେ ଉତ୍ସାହ ଭରିଦେଇଛନ୍ତି । ସେ ଘୋଷଣା କରିଛନ୍ତି ଯେ ଯଦି ରାଜ୍ୟରେ ବିଜେପି କ୍ରମାଗତ ତୃତୀୟ ଥର ପାଇଁ କ୍ଷମତାକୁ ଆସେ ରାଜ୍ୟରେ ୟୁସିସି ଲାଗୁ କରାଯିବ । ଶାହ କହିଛନ୍ତି ଯେ ଅନ୍ୟ କେତେକ ରାଜ୍ୟରେ ୟୁସିସି ପୂର୍ବରୁ ହିଁ ଲାଗୁ ହୋଇସାରିଛି ଏବଂ ବର୍ତ୍ତମାନ ଉତ୍ତର ପ୍ରଦେଶର ପାଳି ଆସିଛି । ସେ ବିଜେପି ସରକାର ଗଠନ କରିବାକୁ ଜନତାଙ୍କୁ ଆହ୍ୱାନ ଦେଇଛନ୍ତି ଏବଂ ପ୍ରତିଶ୍ରୁତି ଦେଇଛନ୍ତି ଯେ ଏହା ପରେ ୟୁସିସି ଲାଗୁ କରାଯିବ ।ପୂର୍ବରୁ ୟୁସିସି ଗୁଜରାଟ ଓ ଆସାମରେ ଲାଗୁ ହୋଇ ସାରିଛି । ୟୁସିସି ଲାଗୁ ହେବା ପରେ ରାଜ୍ୟରେ ସମସ୍ତ ସମ୍ପ୍ରଦାୟ ପାଇଁ ବିବାହ, ଛାଡ଼ପତ୍ର, ଉତ୍ତରାଧିକାରୀ ଏବଂ ଲିବ୍ ଇନ୍ ରିଲେସନସିପ୍ ପାଇଁ ସମାନ ନିୟମ ଲାଗୁ ହେବ । ପଞ୍ଜିକୃତ ହେବ ଲିଭ୍-ଇନ୍ ରିଲେସନସିପ୍, ସମସ୍ତ ଧର୍ମରେ ବିବାହ ପଞ୍ଜିକରଣ ବାଧ୍ୟତା ମୂଳକ, ସବୁ ଧର୍ମରେ ବିବାହ ବୟସ ସମାନ ଏବଂ ଉତ୍ତରାଧିକାରୀ ପାଇଁ ସମାନ ନିୟମ ଲାଗୁ ହେବ ।

ପାଇଲଟ୍‌ଙ୍କ ସମେତ ୬...

ପାଗ ସତ୍ତ୍ୱେ ବଦ୍ରିନାଥକୁ ବିମାନ ଚଳାଚଳ ଜାରି ରହିଥିଲା । ଅପରାହ୍ନ ୧:୧୨ ସମୟରେ ହେଲିକପ୍ଟରଟି ଡେରାଡୁନ୍ ଅଭିମୁଖେ ଉଡ଼ାଣ ଭରି ଥିଲା । କିନ୍ତୁ ହଠାତ ଏହା ଆକାଶରେ ନିଖୋଜ ହୋଇଗଲା । ଜୋଶୀନାଥ ଅନ୍ତର୍ଗତ ଚାଇ ଗ୍ରାମ ନିକଟରେ ହେଲିକପ୍ଟରଟି ଦୁର୍ଘଟଣାଗ୍ରସ୍ତ ହୋଇଥିବା ଜଣାପଡ଼ିଥିଲା । ତୁରନ୍ତ ସେନା, ଏସଡିଆରଏଫ୍ ଏବଂ ଏନଡିଆରଏଫ୍ ଟିମ ଉଦ୍ଧାର କାର୍ଯ୍ୟରେ ଲାଗି ଯାଇଥିଲେ । ତେବେ ସମସ୍ତ ଯାତ୍ରୀଙ୍କର ମୃତ୍ୟୁ ହୋଇଥିବା ବିପର୍ଯ୍ୟୟ ପରିଚାଳନା ବିଭାଗର ଅଧିକାରୀ ସୂଚନା ଦେଇଛନ୍ତି । ବଦ୍ରିନାଥ ଏବଂ ଯୋଶୀମଠ ନିକଟସ୍ଥ ପାଣ୍ଡୁକେଶ୍ୱରର 'ଭେଦ ଗଡେରା' ନିକଟ ଏକ ପାହାଡ଼ିଆ ଅଞ୍ଚଳରେ ଏହି ଘଟଣା ଘଟିଥିବା ସୂଚନା ମିଳିଛି । ହେଲିକପ୍ଟରଟି 'ଟ୍ରାନ୍ସ ଭାରତ' ନାମକ କମ୍ପାନୀ ଦ୍ୱାରା ପରିଚାଳିତ ହେଉଥିଲା ।

ମାଟ୍ରିକ୍ ପରୀକ୍ଷା ଫର୍ମଫିଲପ୍...

ମାଟ୍ରିକ୍ ପରୀକ୍ଷା ଦେବା ପାଇଁ ଫର୍ମ ପୂରଣ କରିବେ ବୋଲି ଆକଳନ କରାଯାଇଛି । ମାଟ୍ରିକ୍ ରେଗୁଲାର ଓ ଏକ୍ସ ରେଗୁଲାର ପତ୍ର ବିନିମୟ କୋର୍ସ ପରୀକ୍ଷା ଲାଗି ମଧ୍ୟ ପ୍ରାର୍ଥୀମାନେ ଉପରୋକ୍ତ ଧାର୍ଯ୍ୟ ସମୟ ମଧ୍ୟରେ ଫର୍ମ ପୂରଣ କରିବେ ବେଲି ଅବଗତ କରାଯାଇଛି ।

ଓସିଏସ୍ ମୁଖ୍ୟ ପରୀକ୍ଷା ସମୟସୂଚୀରେ...

ଅସୁବିଧାରେ ପରୀକ୍ଷା ଦେଇପାରିବେ, ସେଥିପାଇଁ ସରକାର ସତନ୍ତ୍ର ପଦକ୍ଷେପ ନେଇଛନ୍ତି । ବିଶେଷକରି ଗଞ୍ଜାମ ଜିଲ୍ଲାର ପ୍ରାୟ ୩୨୫ ଜଣ ଏବଂ ଅନ୍ୟାନ୍ୟ ପ୍ରଭାବିତ ଅଞ୍ଚଳର ପ୍ରାୟ ୧୦୦ ଜଣ ପରୀକ୍ଷାର୍ଥୀଙ୍କ ଯାତାୟାତ ଦାୟିତ୍ୱ ସରକାର ବହନ କରିବେ । ଏଥିପାଇଁ ସମ୍ପୃକ୍ତ ଅଞ୍ଚଳର ବ୍ଲକ କନ୍‌ଭେନର ବା (ବିଡିଓ) ମାନଙ୍କୁ ଦାୟିତ୍ୱ ଦିଆଯାଇଥିବାରୁ ପ୍ରଭାବିତ ପରୀକ୍ଷାର୍ଥୀମାନେ ତୁରନ୍ତ ନିଜ ନିଜ ବ୍ଲକ କାର୍ଯ୍ୟାଳୟ ସହ ଯୋଗାଯୋଗ କରିବାକୁ ମନ୍ତ୍ରୀ ପରାମର୍ଶ ଦେଇଛନ୍ତି ।ଅନ୍ୟପକ୍ଷରେ କୋରାପୁଟ, ଗଞ୍ଜାମ ଓ ମାଲକାନଗିରି ଜିଲ୍ଲାର କେତେକ ଅଞ୍ଚଳରେ ଭୂସ୍ଖଳନ ସହ ବିଭିନ୍ନ ସମସ୍ୟା ଦେଖାଦେଇଛି । ବାତ୍ୟା ଯୋଗୁଁ ପ୍ରାୟ ୫୬ଟି ଟ୍ରେନ୍ ବାତିଲ ହୋଇଥିବାବେଳେ ସରକାରୀ ଓ ବେସରକାରୀ ପରିବହନ ସେବା ମଧ୍ୟ ବ୍ୟାହତ ହୋଇଛି । ଫଳରେ ଦୀର୍ଘଦିନ ଧରି ପରୀକ୍ଷା ପାଇଁ ପ୍ରସ୍ତୁତି କରିଥିବା ଅନେକ ଆଶାୟୀ ନିଜ ପରୀକ୍ଷା କେନ୍ଦ୍ରରେ ଠିକ୍ ସମୟରେ ପହଞ୍ଚିବା ନେଇ ଆଶଙ୍କାରେ ଅଛନ୍ତି ।ଏଭଳି ସ୍ଥିତିରେ ପ୍ରଭାବିତ ଅଞ୍ଚଳର ପରୀକ୍ଷାର୍ଥୀଙ୍କ ସମସ୍ୟାକୁ ବିଚାରକୁ ନେଇ ପରୀକ୍ଷା ସୁଗିତ ରଖିବା ସହ ନୂଆ ତାରିଖ ଘୋଷଣା କରିବାକୁ ଦାବି ହୋଇଥିଲା । କିନ୍ତୁ ସରକାରଙ୍କ ପକ୍ଷରୁ ପରୀକ୍ଷା ନିର୍ଦ୍ଧାରିତ ସମୟରେ କରିବା ଏବଂ ପ୍ରଭାବିତ ପରୀକ୍ଷାର୍ଥୀଙ୍କ ଯାତାୟାତ ସୁନିଶ୍ଚିତ କରିବା ଉପରେ ଗୁରୁତ୍ୱ ଦିଆଯାଇଛି ।

ମାଟି ଅତଡ଼ା ତଳୁ ୩...

ପାହାଡ଼ ଚଢ଼ି ସିକବାଡ଼ି ଆଶ୍ରୟସ୍ଥଳୀରେ ପହଞ୍ଚିଥିଲେ । ସେଠାରୁ ପ୍ରଶାସନକୁ ଖବର ଦିଆଯିବା ପରେ ଉଦ୍ଧାର କାର୍ଯ୍ୟ ଆରମ୍ଭ ହୋଇଥିଲା । ଘଟଣା ପରେ ଶୁକ୍ରବାର ପଞ୍ଚାୟତି ରାଜ ଓ ଗ୍ରାମ୍ୟ ଉନ୍ନୟନ ବିଭାଗ ମନ୍ତ୍ରୀ ରବି ନାରାୟଣ ନାଏକ ମାଣିକେଶ୍ୱର ପଞ୍ଚାୟତର କ୍ଷତିଗ୍ରସ୍ତ ଅଞ୍ଚଳ ପରିଦର୍ଶନ କରିଥିଲେ ।

ମୃତକଙ୍କ ପରିବାରକୁ ସମବେଦନା...

ସମବେଦନା ଜଣାଇଛନ୍ତି ।ଏହି ଦୁଃଖଦ ପରିସ୍ଥିତିକୁ ଦୃଷ୍ଟିରେ ରଖି ମୁଖ୍ୟମନ୍ତ୍ରୀ ମୃତକଙ୍କ ପରିବାରର ନିକଟତମ ଆତ୍ମୀୟଙ୍କ ପାଇଁ ମୁଖ୍ୟମନ୍ତ୍ରୀ ରିଲିଫ୍ ପାଣ୍ଠିରୁ ୪ ଲକ୍ଷ ଟଙ୍କା ଲେଖାଏଁ ଆର୍ଥିକ ସହାୟତା ଘୋଷଣା କରିଛନ୍ତି । ଖବର ପାଇ କନ୍ଧମାଳ ଜିଲ୍ଲାପାଳ ବେଦଭୂଷଣ ଓ ଏସପି ରମେନ୍ଦ୍ର ପ୍ରସାଦ ଘଟଣାସ୍ଥଳରେ ପହଞ୍ଚି ସ୍ଥିତିର ଅନୁଧ୍ୟାନ କରିଛନ୍ତି ।

ଦେବଗଡ଼ରେ ଦୁର୍ନୀତି ନିବାରଣ ସଚେତନତା ସପ୍ତାହ ପାଳିତ



ଦେବଗଡ଼,୩୦।୧୦(ଅକ୍ଷର ଓଡ଼ିଶା): ଦେବଗଡ଼ ଜିଲ୍ଲା ଦୁର୍ନୀତି ନିବାରଣ ବିଭାଗ ଓ ଜିଲ୍ଲା ପ୍ରଶାସନର ମିଳିତ ଆନୁକୂଲ୍ୟରେ ଜିଲ୍ଲା ପରିଷଦ ସମ୍ମିଳନୀ କକ୍ଷରେ ଦୁର୍ନୀତି ନିବାରଣ ସଚେତନତା ସପ୍ତାହ ଅବସରରେ ଏକ ଆଲୋଚନା ସଭା ଅନୁଷ୍ଠିତ ହୋଇଯାଇଛି ।ଉପ ଆରକ୍ଷୀ ଅଧୀକ୍ଷକ ଯୋଗେଶ ପ୍ରସାଦ ପଟେଲଙ୍କ ସଭାପତିତ୍ୱରେ ଆୟୋଜିତ ଏହି ସଭାରେ ଜିଲ୍ଲାପାଳ କବିନ୍ଦ୍ର କୁମାର ସାହୁ, ଆରକ୍ଷୀ ଅଧୀକ୍ଷକ କିଶୋର ଚନ୍ଦ୍ର ମୁଣ୍ଡ, ଅତିରିକ୍ତ ଜିଲ୍ଲାପାଳ ରେବେକା ବିଲୁଙ୍ଗ ଏବଂ ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ତଥା ନିର୍ବାହୀ ଅଧିକାରୀ ରାଜେନ୍ଦ୍ର କୁମାର ମିଞ୍ଜ ଯୋଗଦେଇଥିଲେ ।ଏହି ଅବସରରେ ଜିଲ୍ଲାପାଳ ଉପସ୍ଥିତ ଅଧିକାରୀ, କର୍ମଚାରୀ ଓ ଛାତ୍ରଛାତ୍ରୀଙ୍କୁ ସାଧୁତାର ଶପଥ ପାଠ କରାଇଥିଲେ । ଚଳିତ ବର୍ଷର ବିଷୟବସ୍ତୁ 'ସାଧୁତାରୁ ସମୃଦ୍ଧି' ଉପରେ ଆଲୋକପାତ କରି ବକ୍ତାମାନେ ଦୁର୍ନୀତିମୁକ୍ତ ସମାଜ ଗଠନ ପାଇଁ ଲାଞ୍ଚ ନ ନେବା ଓ ନ ଦେବା, ସରକାରୀ କାର୍ଯ୍ୟରେ ସ୍ୱଚ୍ଛତା ବଜାୟ ରଖିବା ଏବଂ ନିଷ୍ଠାର ସହ ନିଜ ଦାୟିତ୍ୱ ନିର୍ବାହ କରିବା ଉପରେ ଗୁରୁତ୍ୱାରୋପ କରିଥିଲେ ।

ବାଙ୍କୋଇ ଫାଣ୍ଡିରେ ତ୍ରିନାଥ ଦେବଙ୍କ ବାର୍ଷିକ ଉତ୍ସବ ପାଳିତ



ବୋଲଗଡ଼ ୩୦/୧୦(ଅକ୍ଷର ଓଡିଶା) ଖୋର୍ଦ୍ଧା ଜିଲ୍ଲା ବୋଲଗଡ଼ ଥାନା ଅନ୍ତର୍ଗତ ବାଙ୍କୋଇ ଫାଣ୍ଡି ଅଧିକାରୀ ମିହିର କୁମାର ପ୍ରଧାନଙ୍କ ଆବାହକତ୍ୱରେ ଫାଣ୍ଡି ପରିସରରେ ଶୁକ୍ରବାର ଦିନ ଶ୍ରୀଶ୍ରୀ ତ୍ରିନାଥ ଦେବଙ୍କ ଅଷ୍ଟମତମ ବାର୍ଷିକ ଉତ୍ସବ ମହା ଆଡମ୍ବରସହକାରେ ପାରମ୍ପରିକ ରୀତିନୀତି ଅନୁଯାୟୀ ଅନୁଷ୍ଠିତ ହୋଇଯାଇଛି । ଏହି ବାର୍ଷିକ ଉତ୍ସବ ହୋମକାର୍ଯ୍ୟରେ କର୍ତ୍ତାଭାବେ ବୋଲଗଡ଼ ଥାନା ଅଧିକାରୀ କାଁହୁ ଚରଣ ସାଇଁ ଓ ପଣ୍ଡିତ ପ୍ରମୋଦ ରଥ ପରିଚାଳନା କରିଥିଲେ । ଏହି କାର୍ଯ୍ୟକ୍ରମରେ ବେଗୁନିଆ ଥାନା ଅଧିକାରୀ ସୁକାନ୍ତ କୁମାର ଦଳେଇ, ଫତେଗଡ଼ ଥାନା ଅଧିକାରୀ ଅଜୟ କୁମାର ସାହୁ, ବାଘମାରୀ ଥାନା ଅଧିକାରି.. ବାଙ୍କୋଇ ଦେଶ ୨୬ ନଂ ଜୋନ ଜିଲ୍ଲାପରିଷଦ ସଭ୍ୟ ସୁବାସ ଚନ୍ଦ୍ର ରାୟଗୁରୁ ,ବଡ଼କୁମାରୀ ଗ୍ରାମପଞ୍ଚାୟତ ସରପଞ୍ଚ ପ୍ରଫୁଲ କୁମାର ପ୍ରଧାନ , ସମିତି ସଭ୍ୟ ରଞ୍ଜନ ଲେଙ୍କା,ଖୋର୍ଦ୍ଧା ଜିଲ୍ଲା ହାବିଲଦାର ଓ କନେଷ୍ଟବଲ ସଂଘର କର୍ମକର୍ତ୍ତାଙ୍କ ସମେତ ବହୁ ମାନ୍ୟ ଗଣ ବ୍ୟକ୍ତିମାନେ ଯୋଗଦେଇ ଶ୍ରୀଶ୍ରୀ ତ୍ରିନାଥ ଦେବଙ୍କ ଦିବ୍ୟ ଦର୍ଶନ ସହିତ କୃପା ଭିକ୍ଷା ଲାଭ କରି ପ୍ରସାଦ ସେବନ କରିଥିଲେ ।

ହାର୍ଡୱାର ଦୋକାନରୁ ନଗଦ ଟଙ୍କା ସହ ସୁନା ଓ ରୂପା ଚୋରି

ନନ୍ଦପୁର ୩୦/୧୦ (ଶ୍ରୀରାମ ଖରା)କୋରାପୁଟ ଜିଲ୍ଲା ନନ୍ଦପୁର ବ୍ଲକ ପାଡୁଆ ବଜାରରେ ଥିବା ଏକ ହାର୍ଡୱାର ଦୋକାନରୁ ବୁଧବାର ବିଳମ୍ବିତ ରାତ୍ରିରେ ଲକ୍ଷାଧିକ ଟଙ୍କା ସୁନା ଓ ରୂପା ଚୋରି ହୋଇଛି । ବାତ୍ୟା ପ୍ରଭାବରେ ବିଦ୍ୟୁତ୍ ଓ ନେଟୱର୍କ ନଥିବାର ସୁଯୋଗ ନେଇ ଦୁର୍ବୃତ୍ତ ମାନେ ଦୋକାନର ତାଲା ଭାଙ୍ଗି ଏଭଳି ଚୋରି କରିଥିବା ଦୋକାନ ମାଲିକ କେ ଗୋବିନ୍ଦା ପାଡୁଆ ଥାନାରେ ଅଭିଯୋଗ କରିଛନ୍ତି । ଥା

କାମାକ୍ଷାନଗର ମହାବିଦ୍ୟାଳୟରେ ସ୍ୱାମୀ ବିବେକାନନ୍ଦଙ୍କ ପ୍ରତିମୂର୍ତ୍ତି ଉନ୍ମୋଚିତ



କାମାକ୍ଷାନଗର,୩୦/୧୦(ସୁମନ୍ତ ଜେନା) କାମାକ୍ଷାନଗର ମହାବିଦ୍ୟାଳୟ ପରିସରରେ ମହାନ ଦାର୍ଶନିକ, ଆଧ୍ୟାତ୍ମିକ ଗୁରୁ ତଥା ଯୁବ ସମାଜର ପ୍ରେରଣାଦାତା ସ୍ୱାମୀ ବିବେକାନନ୍ଦଙ୍କ ଆବକ୍ଷ ପ୍ରତିମୂର୍ତ୍ତି ଉନ୍ମୋଚିତ ହୋଇଛି । ଏହି ଅବସରରେ ମହାବିଦ୍ୟାଳୟ ପରିସରରେ ଉତ୍ସାହ ଓ ଆନନ୍ଦର ପରିବେଶ ସୃଷ୍ଟି ହୋଇଥିଲା ।ଏହି କାର୍ଯ୍ୟକ୍ରମରେ ମହାବିଦ୍ୟାଳୟର ଅଧ୍ୟକ୍ଷ ଡ. ପ୍ରଶାନ୍ତ କୁମାର ମହାନ୍ତି, ପ୍ରାଧ୍ୟାପକ ଶ୍ରୀକାନ୍ତ କୁମାର ପ୍ରଧାନ, ଅଧ୍ୟାପକ ଜ୍ଞାନରଞ୍ଜନ ମିଶ୍ର, ସତ୍ୟନାରାୟଣ ମିଶ୍ର, ଶରତ ଚନ୍ଦ୍ର ବେହେରା, ରଶ୍ମିରଞ୍ଜନ ସେନାପତି, ପ୍ରମୋଦ କୁମାର ସାଇଁ, ଡ. ଜୟକୃଷ୍ଣ ମିଶ୍ର, ପ୍ରଦୀପ କୁମାର ମହାପାତ୍ର, ଅଧ୍ୟାପିକା ବୀଣାପାଣି ନାଏକ, ଭାଗ୍ୟଶ୍ରୀ ସାହୁ, ଶିକ୍ଷା କର୍ମଚାରୀ ପଞ୍ଚାନନ ଜେନା, ଶରତ ଚନ୍ଦ୍ର ରାଉତଙ୍କ ସମେତ ଅନ୍ୟ ଅଧ୍ୟାପକ, ଅଧ୍ୟାପିକା, କର୍ମଚାରୀ ଓ ଛାତ୍ରଛାତ୍ରୀ ଯୋଗଦେଇଥିଲେ । ଏହି ଅବସରରେ ସ୍ୱାମୀ ବିବେକାନନ୍ଦଙ୍କ ମହାନ ଆଦର୍ଶ, ତ୍ୟାଗ, ଜ୍ଞାନ ଓ ମାନବସେବାର ମହତ୍ତ୍ୱକୁ ସ୍ମରଣ କରାଯାଇଥିଲା । ମହାବିଦ୍ୟାଳୟ ପରିସରରେ ତାଙ୍କର ପ୍ରତିମୂର୍ତ୍ତି ସ୍ଥାପନ ଛାତ୍ରଛାତ୍ରୀଙ୍କ ମଧ୍ୟରେ ଉଚ୍ଚ ଆଦର୍ଶ, ନୈତିକ ମୂଲ୍ୟବୋଧ ଓ ସେବା ମନୋଭାବର ବିକାଶରେ ପ୍ରେରଣା ଯୋଗାଇବ ବୋଲି ଆଶା ପ୍ରକାଶ ପାଇଛି ।

ପିଏମ କିଷାନର ୨୪ତମ କିସ୍ତି ଜାରି, ଢେଙ୍କାନାଳର ୧,୦୬,୬୪୨ ଚାଷୀ ଉପକୃତ



ଢେଙ୍କାନାଳ, ୩୦/୧୦ (ବିଜ୍ଞାନ ମହାନ୍ତି) ପିଏମ କିଷାନ ଉତ୍ସବ ଦିବସ ଅବସରରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଆଜି ଗୁଜୁରାଟର ବନାସକାଣ୍ଠାରୁ ଦେଶର ୯ କୋଟି ୩୪ ଲକ୍ଷରୁ ଅଧିକ ଚାଷୀଙ୍କୁ ୧୮,୬୯୦ କୋଟିରୁ ଅଧିକ ଟଙ୍କାର ୨୪ତମ କିସ୍ତି ଡିବିଟି ମାଧ୍ୟମରେ ପ୍ରଦାନ କରିଛନ୍ତି । ଏହି ଅବସରରେ ଭୁବନେଶ୍ୱର ଓୟୁଏଟିର କୃଷି ଶିକ୍ଷା ସଦନରେ ଆୟୋଜିତ ରାଜ୍ୟସ୍ତରୀୟ ଉତ୍ସବରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଓଡ଼ିଶାର ୩୫ ଲକ୍ଷରୁ ଅଧିକ ଚାଷୀଙ୍କୁ ୭୦୦ କୋଟିରୁ ଅଧିକ ଟଙ୍କା ହସ୍ତାନ୍ତର ହୋଇଥିବା କହିଛନ୍ତି । ଏହି ଉପଲକ୍ଷେ ପୁରୁଣା ଜିଲ୍ଲା ପରିଷଦ ହଲରେ ଜିଲ୍ଲାସ୍ତରୀୟ ସଭା ଅନୁଷ୍ଠିତ ହୋଇଥିଲା । ଏଥିରେ କାମାକ୍ଷାନଗର ବିଧାୟକ ଶତ୍ରୁଘ୍ନ ଜେନା ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିବା ବେଳେ ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ଲଳିତ ମୋହନ ବେହେରା ଓ କୃଷି ବିଜ୍ଞାନ କେନ୍ଦ୍ରର ବରିଷ୍ଠ ବୈଜ୍ଞାନିକ ବିମଳେନ୍ଦୁ ମହାନ୍ତି ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ । ମୁଖ୍ୟ ଜିଲ୍ଲା କୃଷି ଅଧିକାରୀ ହେମନ୍ତ କୁମାର ପଢ଼ିହାରୀ କହିଛନ୍ତି, ରବି ଫସଲ ପାଇଁ ଢେଙ୍କାନାଳ ଜିଲ୍ଲାର ୧,୦୬,୬୪୨ ଜଣ ଚାଷୀ ଭାଇ-ଭଉଣୀ ୨ ହଜାର ଟଙ୍କା ଲେଖାଏଁ ସହାୟତା ପାଇବେ । ସଭାରେ ବହୁ ସଂଖ୍ୟକ ଚାଷୀ ଉପସ୍ଥିତ ଥିଲେ ।

ସଡ଼କ ଦୁର୍ଘଟଣାରେ ଦୁଇ ଭାଇଙ୍କ ମୃତ ଘଟଣା

ଏକ ମାସ ପରେ ମଧ୍ୟ ମିଳୁନାହିଁ ସରକାରୀ ସହାୟତା

ପରଜଙ୍ଗ,୩୦ ।୧୦(ଅକ୍ଷର ଓଡ଼ିଶା): ଢେଙ୍କାନାଳ ଜିଲ୍ଲା ପରଜଙ୍ଗ ଥାନା ଦଦରାଘାଟି ଫାଣ୍ଡି ଦେଇ ଯାଇଥିବା ୧୪୯ ନମ୍ବର ଜାତୀୟ ରାଜପଥ ଦଦରାଘାଟି ଜଳ ପ୍ରକଳ୍ପ ନିକଟରେ ଗତ ମାସରେ ଦୁର୍ଘଟଣାରେ ଦୁଇ ଭାଇଙ୍କ ମୃତ ଘଟିଥିବା ବେଳେ ଆଜି ପର୍ଯ୍ୟନ୍ତ ସରକାରୀ ସହାୟତାରୁ ବଞ୍ଚିତ ରହିଛି । ଅଭିଯୋଗ ମୁତାବକ ଆଖୁଆପାଳ ପଞ୍ଚାୟତର ଝରାପାଳ ବସ୍ତିର ଜୟଦେବ ସିଂହଙ୍କ ଦୁଇ ପୁଅ ସଡ଼କ ଦୁର୍ଘଟଣାରେ ମୃତ ଖବର ଅଞ୍ଚଳରେ ଶୋକର ଛାୟା ଖେଳିଯାଇଥିଲା । ମୃତକଙ୍କ ବସ୍ତିକୁ ଗମନାଗମନ ସୁବିଧା ନଥିବାରୁ ଖଟରେ ବୋହା ଗାରୀଆ ଭରା ନାଳ ପାର ହୋଇ ଘର ପର୍ଯ୍ୟନ୍ତ ଉଭୟଙ୍କ ଶବ ପହଞ୍ଚି ଥିଲା । ଜୟଦେବ ଙ୍କ ଜଣେ ପୁଅ ମୃତ ପରେ ଆଖି ଦାନ କରି ମହାନତା ଦେଖାଇ ଗର୍ବିତ କରିଥିଲେ । ଯାହାକି ଅଞ୍ଚଳରେ ବେଶ୍ ଚର୍ଚ୍ଚାର ପରିସରକୁ ଆସିଥିବା ବେଳେ ପରିବାର ବର୍ଗଙ୍କ ପାଖରେ ସ୍ଥାନୀୟ ଲୋକପ୍ରତିନିଧି ମାନେ ପହଞ୍ଚି ସମବେଦନା ଜଣାଇବା ସହ ରେଡକ୍ରସ ଅର୍ଥ ସାଙ୍ଗକୁ ଆନୁଷଙ୍ଗିକ ସରକାରୀ ସହାୟତା ଯୋଗାଇଦେବେ ଦେବେ ବୋଲି ପ୍ରତିଶ୍ରୁତି ଦେବା ସହ ଶାନ୍ତ୍ୱନା ଦେଇ ଫେରିଥିଲେ । ଇତିମଧ୍ୟରେ ମୃତ ଘଟଣା କୁ ଏକ ମାସ ବିତିଯାଇଥିଲେ ମଧ୍ୟ ପରିବାର ଲୋକଙ୍କୁ ରେଡକ୍ରସ ଅର୍ଥ ରାଶି ଆଜି ପର୍ଯ୍ୟନ୍ତ ମିଳିପାରିନାହିଁ କି କୌଣସି ସରକାରୀ ସହାୟତା ରୁ ବଞ୍ଚିତ ରହିଥିବା ନେଇ ମୃତକଙ୍କ ମା ଭାବାନି ସିଂହ ଦୁଃଖର ଅଭିଯୋଗ କରିଛନ୍ତି । ଏଥିପ୍ରତି ଜିଲ୍ଲା ପ୍ରଶାସନ ପକ୍ଷରୁ ଦୃଷ୍ଟି ଦେଇ ଯଥାଶୀଘ୍ର ସହାୟତା ଯୋଗାଇ ଦେବାକୁ ଦାବି ହୋଇଛି ।

ଢେଙ୍କାନାଳରେ ବିଶ୍ୱ ମିତବ୍ୟୟିତା ଦିବସ ପାଳିତ



ଢେଙ୍କାନାଳ, ୩୦/୧୦ (ସୁଶାନ୍ତ କୁମାର ପାଣୀ): ଓଡ଼ିଶା ସରକାରଙ୍କ ଅର୍ଥ ବିଭାଗ ଅଧୀନ ସଞ୍ଚୟ ଓ ଆର୍ଥିକ ସେବା ସଂଗଠନ ଏବଂ ଢେଙ୍କାନାଳ ଜିଲ୍ଲା ପ୍ରଶାସନର ମିଳିତ ଆନୁକୂଲ୍ୟରେ ସଦର ପଞ୍ଚାୟତ ସମିତି ସଭାଗୃହରେ ବିଶ୍ୱ ମିତବ୍ୟୟିତା ଦିବସ-୨୦୨୬ ଓ ସତନ୍ତ୍ର ଆର୍ଥିକ ସାକ୍ଷରତା ଶିବିର ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ସଦର ବ୍ଲକ୍ ଚେୟାରମ୍ୟାନ୍ କାଳନ୍ଦୀ ବାରିକ ଯୋଗଦେଇ ସଞ୍ଚ ସଞ୍ଚୟରେ ନିବେଶ କରିବାକୁ ଆହ୍ୱାନ ଦେଇଥିଲେ । ସଞ୍ଚୟ ବିଭାଗର ସହ-ନିର୍ଦ୍ଦେଶକ ପ୍ରଜ୍ଞା ମିଶ୍ର ସ୍ୱାଗତ ଭାଷଣ ଦେଇ ଡାକଘର ଓ ବ୍ୟାଙ୍କରେ ସଞ୍ଚୟର ନିରାପତ୍ତା ସମ୍ପର୍କରେ ବୁଝାଇଥିଲେ । ଡାକ ଅଧୀକ୍ଷକ ଜମ୍ବେଶ୍ୱର କରାଇଥିଲେ । ଏହି ଶିବିରରେ ବରିଷ୍ଠ ବିରୁଆଁ ପରିଚାଳନା କରିଥିଲେ ।

ଗଜଲକ୍ଷ୍ମୀ ବିସର୍ଜନ ଶୋଭାଯାତ୍ରା ପାଇଁ ପ୍ରସ୍ତୁତି ବୈଠକ

ଡିଜେ ଓ ଅଶ୍ଳୀଳ ନୃତ୍ୟ ମନା



ଢେଙ୍କାନାଳ, ୩୦/୧୦ (ବିଜ୍ଞାନ ମହାନ୍ତି) : ବିଶ୍ୱ ପ୍ରସିଦ୍ଧ ତଥା ଢେଙ୍କାନାଳର ଗଣପର୍ବ ମା' ଗଜଲକ୍ଷ୍ମୀଙ୍କ ପୂଜା ଧୂମଧାମରେ ୪୧ ଗୋଟି ପୂଜା ମଣ୍ଡପରେ ଚାଲିଥିବା ବେଳେ ମୂର୍ତ୍ତି ବିସର୍ଜନ ଶୋଭାଯାତ୍ରାକୁ ଶାନ୍ତିପୂର୍ଣ୍ଣ ଓ ଶୃଙ୍ଖଳିତ ଭାବେ ସମ୍ପନ୍ନ କରିବା ପାଇଁ ଆର୍ଟ ଏଣ୍ଡ କ୍ରାଫ୍ଟ ସେଣ୍ଟର ସଭାଗୃହରେ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଛି । ଜିଲ୍ଲାପାଳ ଆଶିଷ ଈଶ୍ୱର ପାଟିଲଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ଏସପି ଅଜିଙ୍କ୍ୟ ବାବୁରାଓ ମାନେ, ଉପଜିଲ୍ଲାପାଳ ପଦ୍ମଚରଣ ସାହୁ ଏବଂ ମିଳିତ ଗଜଲକ୍ଷ୍ମୀ ପୂଜା ବଜାର କମିଟିର ସଭାପତି ରାମଚନ୍ଦ୍ର ପାତ୍ର ମଞ୍ଚାସୀନ ଥିଲେ । ପ୍ରାରମ୍ଭରେ ଶ୍ରୀ ପାତ୍ର ସମସ୍ତ ପୂଜା ବଜାର କମିଟିକୁ ନିର୍ଦ୍ଧାରିତ ନିୟମ ପାଳନ କରି ସମୟାନୁବର୍ତ୍ତୀ ଭାବେ ଶୋଭାଯାତ୍ରା କରିବାକୁ ଅନୁରୋଧ କରିଥିଲେ । ମଧ୍ୟାହ୍ନ ଭୋଜନ ପାଇଁ ସ୍ଥାନ ଚିହ୍ନଟ ହୋଇଥିବା ଏବଂ ବିସର୍ଜନ ଦିନ ସକାଳୁ ବାଉଁଶ ତୋରଣର ଉପର ଭାଗ ହଟାଇବାକୁ ସେ କହିଥିଲେ, ଯାହା ଦ୍ୱାରା ମୂର୍ତ୍ତି ଯାତାୟାତ ସୁଗମ ହେବ । ଏସପି ଶ୍ରୀ ମାନେ ସର୍ବୋଚ୍ଚ ନ୍ୟାୟାଳୟଙ୍କ ନିର୍ଦ୍ଦେଶ ପାଳନ ଉପରେ ଗୁରୁତ୍ୱ ଦେଇ କହିଥିଲେ, ଶୋଭାଯାତ୍ରାରେ ଡିଜେ ସାଉଣ୍ଡ, ଭାଇବ୍ରେସନ ଏନହାନ୍ସର ମେସିନର ଉଚ୍ଚଶବ୍ଦ, ଅଶ୍ଳୀଳ ନୃତ୍ୟ ଓ ଅସ୍ତ୍ରଶସ୍ତ୍ର ପ୍ରଦର୍ଶନକୁ ଅନୁମତି ଦିଆଯିବ ନାହିଁ ।ଜିଲ୍ଲାପାଳ ଶ୍ରୀ ପାଟିଲ କହିଥିଲେ, ଶୋଭାଯାତ୍ରାକୁ ଶାନ୍ତିପୂର୍ଣ୍ଣ ରଖିବା ପ୍ରତ୍ୟେକ ପୂଜା କମିଟିର ଦାୟିତ୍ୱ । ବୟୋଜ୍ୟେଷ୍ଠ ଓ ଶିଶୁଙ୍କ ସ୍ୱାସ୍ଥ୍ୟ ଉପରେ ଉଚ୍ଚଶବ୍ଦର କୁପ୍ରଭାବକୁ ଦୃଷ୍ଟିରେ ରଖି ଡିଜେ ବ୍ୟବହାରରୁ ଦୂରେଇ ରହିବାକୁ ସେ ଅନୁରୋଧ କରିଥିଲେ । ମିଳିତ କମିଟିର ସଭାପତି ଓ ବରିଷ୍ଠ କର୍ମକର୍ତ୍ତାମାନେ ଶେଷ ପର୍ଯ୍ୟନ୍ତ ଉପସ୍ଥିତ ରହି ସହଯୋଗ କରିବାକୁ କହିଥିଲେ ।ଏଥିସହ ପାନୀୟ ଜଳ, ପରିମଳ, ଅଗ୍ନିଶମ, ବିଦ୍ୟୁତ, ଅବକାରୀ ଓ ସ୍ୱାସ୍ଥ୍ୟ ସେବା ସୁନିଶ୍ଚିତ କରିବାକୁ ସମ୍ପୃକ୍ତ ବିଭାଗକୁ ନିର୍ଦ୍ଦେଶ ଦିଆଯାଇଛି । ଶେଷରେ ଉପଜିଲ୍ଲାପାଳ ପଦ୍ମଚରଣ ସାହୁ ଧନ୍ୟବାଦ ଦେଇଥିଲେ ।

'ଭୂମିକା'ର ବାର୍ଷିକ ସାଧାରଣ ପରିଷଦ ବୈଠକ



କାମାକ୍ଷାନଗର,୩୦/୧୦(ସୁମନ୍ତ ଜେନା) ଢେଙ୍କାନାଳ ଜିଲ୍ଲା କାମାକ୍ଷାନଗର ତଥା ଓଡ଼ିଶାର ପ୍ରମୁଖ ନାଟ୍ୟ ଅନୁଷ୍ଠାନ 'ଭୂମିକା'ର ବାର୍ଷିକ ସାଧାରଣ ପରିଷଦ ବୈଠକ ସଭାପତି ମଧୁସୂଦନ ସେଣ୍ଠଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ବୈଠକରେ ଅନୁଷ୍ଠାନର ବାର୍ଷିକ କାର୍ଯ୍ୟକଳାପର ସମୀକ୍ଷା ସହ ଆଗାମୀ ଦିନର କାର୍ଯ୍ୟକ୍ରମ ଓ ନୂତନ କର୍ମକର୍ତ୍ତା ମନୋନୟନ ନେଇ ଆଲୋଚନା ହୋଇଥିଲା ।ପ୍ରାରମ୍ଭରେ ସମ୍ପାଦକ ହାଡ଼ିବନ୍ଧୁ ମହାନ୍ତି ଅନୁଷ୍ଠାନର ବାର୍ଷିକ ବିବରଣୀ ପାଠ କରିଥିଲେ । କାର୍ଯ୍ୟକାରୀ ସଭାପତି ଅନୁଷ୍ଠାନର ବିଭିନ୍ନ କାର୍ଯ୍ୟକ୍ରମ ଓ ଆଗାମୀ ଯୋଜନା ସମ୍ପର୍କରେ ଆଲୋକପାତ କରିଥିଲେ । ସଭାପତି ଶ୍ରୀ ସେଣ୍ଠ ବିଗତ ଦିନରେ 'ଭୂମିକା'ର ବିଭିନ୍ନ ସଫଳତା, ସରକାରଙ୍କ ପକ୍ଷରୁ ମିଳିଥିବା ସାଂସ୍କୃତିକ କାର୍ଯ୍ୟକ୍ରମ ଓ ଅନୁଷ୍ଠାନର ସ୍ମରଣୀୟ ଅନୁଭୂତି ସମ୍ପର୍କରେ ସ୍ମୃତିଚାରଣ କରିଥିଲେ ।ଏହି ଅବସରରେ ଆଗାମୀ ତିନି ବର୍ଷ ପାଇଁ ନୂତନ କର୍ମକର୍ତ୍ତା ମନୋନୟନ କରାଯାଇଥିଲା । ବରିଷ୍ଠ ସଦସ୍ୟ ଶ୍ରୀରାମ ରାଉତ ନିର୍ବାଚନ ଅଧିକାରୀ ଭାବେ ଦାୟିତ୍ୱ ତୁଲାଇଥିବାବେଳେ ସର୍ବସମ୍ମତିକ୍ରମେ ମଧୁସୂଦନ ସେଣ୍ଠ ସଭାପତି, ବାଳକୃଷ୍ଣ ନାୟକ କାର୍ଯ୍ୟକାରୀ ସଭାପତି, ଜଗଦୀଶ ପ୍ରସାଦ ତ୍ରିପାଠୀ, ଉପସଭାପତି, ହାଡ଼ିବନ୍ଧୁ ମହାନ୍ତି ସମ୍ପାଦକ, ବିମଳ କୁମାର ପରିଡ଼ା ଯୁଗ୍ମ ସମ୍ପାଦକ ଓ ପଙ୍କଜ ଲୋଚନ ଛୋଟରାୟ କୋଷାଧ୍ୟକ୍ଷ ଭାବେ ମନୋନୀତ ହୋଇଥିଲେ ।ସେହିପରି ଦିଲୀପ କୁମାର ରାଉତ, ପଦ୍ମଚରଣ ମୁଦୁଲି, ଅଥୟ କୁମାର ନାୟକ ଓ ଶୁଭ୍ରାଂଶୁ ମହାନ୍ତି କାର୍ଯ୍ୟକାରିଣୀ ସଦସ୍ୟ ଭାବେ ମନୋନୀତ ହୋଇଥିବାବେଳେ ଦିଲୀପ କୁମାର ପ୍ରଧାନ ମିଡିଆ ସେଲ୍ ସଦସ୍ୟ ଭାବେ ମନୋନୀତ ହୋଇଥିଲେ । ଅନୁଷ୍ଠାନର ପ୍ରତିଷ୍ଠାତା ସମ୍ପାଦକ ନିରଞ୍ଜନ ସାହୁ ବୈଠକ ପରିଚାଳନା କରିଥିଲେ । ଏଥିରେ ସଦସ୍ୟ ସୌଭାଗ୍ୟ ନନ୍ଦ, ଆର୍ତ୍ତବନ୍ଧୁ ଦାସ, ସୁନୀଲ ସାହୁ, କାଳନ୍ଦୀ କବି, ଇନ୍ଦ୍ରଜିତ୍ ପଟ୍ଟନାୟକ, ଚନ୍ଦ୍ରମଣି ଲେଙ୍କା, ଧ୍ରୁବଚରଣ ସୁନ୍ଦରାୟ, ଗୋପାଳ ଚନ୍ଦ୍ର ନାଥ, ଭୁବନାନନ୍ଦ ପିତି, ହେମନ୍ତ ରାଉତ, ପଦ୍ମନ ସାହୁ ପ୍ରମୁଖ ଉପସ୍ଥିତ ରହି କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ ।

ଅଲ୍ଟର୍ନେଟିଭ୍ ରିଦମ୍ ଥିଏଟର୍ ପକ୍ଷରୁ 'ନାଟକ ପଠନ ସନ୍ଧ୍ୟା' ଶ୍ରୁତିରେ ବିଭୋର କଲା ନାଟକ 'ନିଆଁ'



ଢେଙ୍କାନାଳ, ୩୦।୧୦ (ବିଜ୍ଞାନ ମହାନ୍ତି) ଜାତୀୟ ସ୍ତରରେ ଜିଲ୍ଲା ଓ ରାଜ୍ୟ ପାଇଁ ବହୁବାର ସୁନାମ ଆଣିଥିବା ନାଟ୍ୟାନୁଷ୍ଠାନ ଅଲ୍ଟର୍ନେଟିଭ୍ ରିଦମ୍ ଥିଏଟର୍ ପକ୍ଷରୁ ନାଟକକୁ ନେଇ ଢେଙ୍କାନାଳ ସହର କୁଞ୍ଜକାନ୍ତସ୍ଥିତ ଅନୁଷ୍ଠାନର ନାଟ୍ୟ ଶିକ୍ଷା କେନ୍ଦ୍ରରେ ଆରମ୍ଭ ହୋଇଥିବା ଭିନ୍ନ ପ୍ରୟାସ, 'ନାଟକ ପଠନ ସନ୍ଧ୍ୟା' କାର୍ଯ୍ୟକ୍ରମର ଦ୍ୱାବିଂଶତମ ସଂସ୍କରଣ ଅନୁଷ୍ଠିତ ହୋଇଯାଇଛି । ଅନୁଷ୍ଠାନର ଅଧ୍ୟକ୍ଷା ଡ. ପୁଷ୍ପଲତା ରଥ ଏବଂ ବରିଷ୍ଠ ଅଭିନେତା ଜୟଦେବ ଶତପଥୀ ପ୍ରଦୀପ ପ୍ରଜ୍ୱଳନ ପୂର୍ବକ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ । ନାଟକ ଏକ ଦୃଶ୍ୟକାବ୍ୟ ହୋଇଥିବା ବେଳେ ତାହାର ଦୃଶ୍ୟ ସଂରଚନା ଯେତିକି ଆକର୍ଷଣୀୟ, ତାହାର କାବ୍ୟ ବିଭବ ମଧ୍ୟ ସେତିକି ମର୍ମସ୍ପର୍ଶୀ । ତେଣୁ ନାଟକର ମଞ୍ଚନ ଅନେକ ସମୟରେ ହେଉଥିବା ବେଳେ ଢେଙ୍କାନାଳରେ ପ୍ରାୟ ୨୨ମାସ ଧରି ନିରବଚ୍ଛିନ୍ନ ଭାବେରେ ନାଟକ ପଠନ ସନ୍ଧ୍ୟାର ଆୟୋଜନ କରାଯାଉଛି । ଶ୍ରୁତିରେ ନାଟକକୁ ସ୍ମୃତି କରି ରଖିବା ପାଇଁ ଅଲ୍ଟର୍ନେଟିଭ୍ ରିଦମ୍ ଥିଏଟର୍ ଏହା ଏକ ନିଆରା ପ୍ରୟାସ । ଦ୍ୱାବିଂଶ ନାଟକ ଭାବରେ ସାଂପ୍ରତିକ ସମୟରେ ନିଶା ସେବନର ଭୟାବହତା ଏବଂ ପରିଣାମ ସମ୍ପର୍କିତ ନାଟ୍ୟକାର ଗୋପୀନାଥ ବାରିକଙ୍କ ଦ୍ୱାରା ରଚିତ ନାଟକ ''ନିଆଁ''କୁ ଅନୁଷ୍ଠାନର କଳାକାରମାନେ ବାଚିକ ଅଭିନୟ ମାଧ୍ୟମରେ ପରିବେଷଣ କରିଥିଲେ । ବିଭିନ୍ନ ଭୂମିକାରେ ମନୋହର ଶତପଥୀ, ନିରଂଜନ ମହାନ୍ତି, କାମାକ୍ଷା ପ୍ରସାଦ ରଣା, ମାନସ କୁମାର ସାହୁ, ଦେବଯାନୀ ଦାସ ଏବଂ ଦିନେଶ ଦାସ ପ୍ରମୁଖ ବାଚିକ ଅଭିନୟ ପରିବେଷଣ କରିଥିଲେ । ଅନୁଷ୍ଠାନର ସମସ୍ତ ସଦସ୍ୟ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ ।

ସେଣ୍ଟଜାଭିଅର ସ୍କୁଲର 'ଗ୍ରାଣ୍ଡପ୍ୟାରେଣ୍ଟସ ଡେ' ପାଳିତ



ଖଜୁରିଆକଟା, ୩୦/୧୦ (ନିଳକଣ୍ଠ ଦାସ)ଢେଙ୍କାନାଳ ଜିଲ୍ଲା ହିନ୍ଦୋଳ ଉପଖଣ୍ଡ ଅଧୀନ କାରନ୍ଦା ସ୍ଥିତ ସେଣ୍ଟ ଜାଭିଅର ପବ୍ଲିକ ସ୍କୁଲରେ ନର୍ସରୀ ରୁ ଦଶମ ଶ୍ରେଣୀ ପର୍ଯ୍ୟନ୍ତ ଛାତ୍ରଛାତ୍ରୀ ମାନଙ୍କ ଗ୍ରାଣ୍ଡ ପ୍ୟାରେଣ୍ଟସ ଡେ ପାଳିତ ହୋଇଯାଇଛି । ପିଲାମାନଙ୍କ ଜେଜେମା, ଜେଜେବାପା, ଅଜା, ଆଇ ମାନଙ୍କୁ ନେଇ ଏହି ସତନ୍ତ୍ର କାର୍ଯ୍ୟକ୍ରମରେ ଅଜାଆଇ ମାନଙ୍କୁ ସୁସ୍ୱାଗତ କରାଯାଇ ବନ୍ଦନା କରାଯାଇ ଥିଲା । ଏଥିସହ ଆଧ୍ୟାତ୍ମିକ ବିଷୟରେ ଆଲୋଚନା ସହ ଭାବବିନିମୟ କରାଯାଇ ସେମାନଙ୍କୁ ବିଭିନ୍ନ ସାମାଜିକ, ଆଧ୍ୟାତ୍ମିକ, ପିଲାମାନଙ୍କ ସହ ଏକ ସୁନ୍ଦର ମୁହୂର୍ତ୍ତ ବିତାଇବାର ଅନୁଭୂତିକୁ ପ୍ରତ୍ୟେକ ଅଜାଆଇ ବୃଦ୍ଧ ପିତାମାତା ଙ୍କ ସହ ଏକ ସୁନ୍ଦର ଭାବାବେଗ ପରିବେଶ ସେଠାରେ ସୃଷ୍ଟି ହୋଇଥିଲା ଯାହାକି ପ୍ରତ୍ୟେକ ମଣିଷ ପାଇଁ ଅତ୍ୟନ୍ତ ଜରୁରୀ ।ତେବେ ଏହି କାର୍ଯ୍ୟକ୍ରମର ମୂଳ ଲକ୍ଷ ଗ୍ରାଣ୍ଡ ପ୍ୟାରେଣ୍ଟସ ମାନଙ୍କୁ ସମ୍ମାନଦେବା,କୃତଜ୍ଞତା ଜଣାଇବା ସହ ନୂତନ ପିଢ଼ିର ପରିବାର ମୂଲ୍ୟବୋଧ ଓ ସଂସ୍କାର ସମ୍ପର୍କରେ ସଚେତନ କରାଇ ସେମାନଙ୍କୁ ଭାବାବେଗ ଅନୁଭବ କରିବା । ଏହି କାର୍ଯ୍ୟକ୍ରମରେ ସ୍କୁଲ ଅଧ୍ୟକ୍ଷା ସୁଜାତା ଶତପଥି ପୌରୋହିତ୍ୟ କରିଥିବାବେଳେ ନୃତ୍ୟଶିକ୍ଷକ ବିପିନି ସାହୁ, ସଂଗୀତ ଶିକ୍ଷକ ଖାରବେଳ ପଟ୍ଟନାୟକଙ୍କ ସମେତ ଅନ୍ୟାନ୍ୟ ଶିକ୍ଷକ ଶିକ୍ଷୟିତ୍ରୀ ଓ ସହକାରୀ ସହଯୋଗୀ ମାନେ ସୁନ୍ଦର ଭାବରେ ପରିଚାଳନା କରିବାସହ ଉପସ୍ଥାପନା କରିଥିଲେ ।

ବୁଗୁଡ଼ାରେ ମା' ଗଜଲକ୍ଷ୍ମୀଙ୍କ ଭସାଣି ଉତ୍ସବ

ବୁଗୁଡ଼ା :୩୦/୧୦/(ଅକ୍ଷର ଓଡିଶା) : ବୁଗୁଡ଼ା ଅଞ୍ଚଳରେ ଚଳିତବର୍ଷ ମା' ଗଜଲକ୍ଷ୍ମୀଙ୍କ ପୂଜା ଉତ୍ସବ କୁମାର ପୂର୍ଣ୍ଣିମା ଦିନରୁ ଅନୁଷ୍ଠିତ ହୋଇଆସୁଥିଲା ବେଳେ ଦୈନିକ ସନ୍ଧ୍ୟାରେ ପୂଜା ମଣ୍ଡପ ଗୁଡିକ ନିକଟରେ ଶ୍ରଦ୍ଧାଳୁଙ୍କ ଭିଡ଼ ଜମୁଥିବା ବେଳେ ନାନା ପ୍ରକାର ସାଦିଷ୍ଟ ଖାଦ୍ୟ ପଦାର୍ଥ ଶ୍ରଦ୍ଧାଳୁଙ୍କୁ ବଣ୍ଟନ କରାଯାଉଥିଲା । ତେବେ ଆଜି ଷଷ୍ଠ ଦିବସରେ କେବଳ ଗ୍ରାମାଞ୍ଚଳ ନୁହେଁ ସହରାଞ୍ଚଳରେ ମଧ୍ୟ ବିଭିନ୍ନ ପୂଜା କମିଟି ପକ୍ଷରୁ ଜାକଜମକରେ ଭସାଣି ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ଏ ପରିପ୍ରେକ୍ଷୀରେ ବୁଗୁଡା ସହରର ହାଇସ୍କୁଲ ଛକ ପୂଜା କମିଟି ପକ୍ଷରୁ ଆୟୋଜିତ ଗଜଲକ୍ଷ୍ମୀ ମେଢ ଗୁଡିକର ବିସର୍ଜନ ଉତ୍ସବ ମହାସମାରୋହରେ ଅନୁଷ୍ଠିତ ହୋଇଯାଇଛି । ବାଦ୍ୟ ବାଜଣା ଓ ନାନା ବେଶ ପଟୁଆର ସହ ବାଣ ଫୁଟାଇ ମା'ଙ୍କୁ ଶୋଭାଯାତ୍ରାରେ ବିଦାୟ ଦେଇ ପୁଷ୍ପରିଣୀରେ ବିସର୍ଜନ କରାଯାଇଥିଲା ।

ମାଲକାନଗିରିରେ 'ଶୌର୍ଯ୍ୟ କାଫେ' ଶିଳାନ୍ୟାସ

ଅମର ଶହୀଦଙ୍କୁ ଜିଲ୍ଲା ପ୍ରଶାସନର ବିନମ୍ର ଶ୍ରଦ୍ଧାଞ୍ଜଳି




ମାଲକାନଗିରି, ୩୦/୧୦/(ପ୍



ଚୌଧୁରୀ ରମାକାନ୍ତ ଦାସ
ମୁଖ୍ୟ ସମ୍ପାଦକ, ଅକ୍ଷର ଓଡ଼ିଶା
ଅବସରପ୍ରାପ୍ତ ଯୁଗ୍ମ ସଚିବ
ରାଜ୍ୟସଭା, ସଂସଦ ଭବନ
ନୂଆଦିଲ୍ଲୀ - ୧୧୦୦୦୧

ମୁଖ୍ୟ ସମ୍ପାଦକଙ୍କ କଲମରୁ

ସର୍ଦ୍ଦାର ବଲ୍ଲଭଭାଇ ପଟେଲ



ଭାରତର ଇତିହାସ କେବଳ ରାଜାମହାରାଜାଙ୍କ ଶାସନ, ଯୁଦ୍ଧବିଗ୍ରହ ଓ ସାମ୍ରାଜ୍ୟର ଉତ୍‌ଥାନପତନର କାହାଣୀ ନୁହେଁ, ଏହା ଅସଂଖ୍ୟ। ତ୍ୟାଗ, ଅସୀମ ଧୈର୍ଯ୍ୟ, ଅଟଳ ଆତ୍ମବିଶ୍ୱାସ ଏବଂ ଜାତୀୟ ଆତ୍ମାର ଅଦମ୍ୟ ଶକ୍ତିର ଏକ ଅବିସ୍ମରଣୀୟ ଗାଥା। ଏହି ଗାଥାର ଏକ ଉଜ୍ଜ୍ୱଳ ଅଧ୍ୟାୟ ହେଉଛନ୍ତି ଲୌହମାନବ ସର୍ଦ୍ଦାର ବଲ୍ଲଭଭାଇ ପଟେଲ। ତାଙ୍କ ନାମ ଉଚ୍ଚାରଣ କରିବାମାତ୍ରେ ଆମ ମନରେ ଭାସିଉଠେ ଏକ ଦୃଢ଼ଶକ୍ତିର ମଣିଷଙ୍କ ପ୍ରତିଚ୍ଛବି, ଯିଏ ଅସଂଖ୍ୟ। ବାଧାବିଘ୍ନ ସତ୍ତ୍ୱେ ଭାରତର ଏକତାକୁ ନିଜ ଜୀବନର ପରମ ଲକ୍ଷ୍ୟ କରିଥିଲେ। ତାଙ୍କ ଜନ୍ମଦିନ ଅକ୍ଟୋବର ୩୧କୁ ଜାତୀୟ ଏକତା ଦିବସ ଭାବେ ପାଳନ କରିବା କେବଳ ଜଣେ ମହାନ ନେତାଙ୍କୁ ସ୍ମରଣ କରିବା ନୁହେଁ, ବରଂ ଭାରତର ଅଖଣ୍ଡତା, ଭାଇଚାରା, ସାମ୍ବିଧାନିକ ମୂଲ୍ୟବୋଧ ଓ ସାମୂହିକ ଦାୟିତ୍ୱ ପ୍ରତି ଆମର ଅଙ୍ଗୀକାରକୁ ପୁନର୍ବାର ଦୃଢ଼ କରିବାର ଏକ ମହତ୍ୱପୂର୍ଣ୍ଣ ଅବସର। ୧୮୭୫ ମସିହା ଅକ୍ଟୋବର ୩୧ରେ ଗୁଜରାଟର ନଡିଆଦରେ ଜନ୍ମଗ୍ରହଣ କରିଥିବା ପଟେଲ ସାଧାରଣ କୃଷକ ପରିବାରରୁ ନିଜ ଜୀବନଯାତ୍ରା ଆରମ୍ଭ କରିଥିଲେ। ତାଙ୍କ ପିତା ଝାଭେରଭାଇ ଓ ମାତା ଲାଡାବାଇଙ୍କ ସଂସ୍କାର ତାଙ୍କ ମନରେ ପରିଶ୍ରମ, ସାହସ, ଶୃଙ୍ଖଳା ଓ କର୍ତବ୍ୟନିଷ୍ଠାର ମୂଳଦୁଆ ପକାଇଥିଲା। ଜୀବନର ପ୍ରତ୍ୟେକ ପରୀକ୍ଷାରୁ ସେ ଧୈର୍ଯ୍ୟ ଓ ଆତ୍ମବିଶ୍ୱାସର ସହିତ ସାମ୍ନା କରିଥିଲେ। ଆଇନ ଶିକ୍ଷା ଗ୍ରହଣ କରି ସେ ଜଣେ ସଫଳ ଆଇନଜୀବୀ ଭାବେ ପ୍ରତିଷ୍ଠା ଲାଭ କରିଥିଲେ, କିନ୍ତୁ ନିଜସ ସଫଳତାର ସୀମାରେ ତାଙ୍କ ଜୀବନ ଅଟକି ରହିନଥିଲା। ଦେଶର ପରାଧୀନତା, ଲୋକଙ୍କ ଦୁର୍ଦ୍ଦଶା ଓ ବ୍ରିଟିଶ ଶାସନର ଅନ୍ୟାୟ ତାଙ୍କୁ ଜାତୀୟ ଆନ୍ଦୋଳନରେ ସାମିଲ ହେବାକୁ ପ୍ରେରିତ କରିଥିଲା। ମହାତ୍ମା ଗାନ୍ଧୀଙ୍କ ଆଦର୍ଶରେ ପ୍ରଭାବିତ ହୋଇ ସେ ସାଧୀନତା ସଂଗ୍ରାମକୁ ନିଜ ଜୀବନର ମୁଖ୍ୟ ଲକ୍ଷ୍ୟ କରିଥିଲେ। ଖେଡା ସତ୍ୟାଗ୍ରହ ଓ ବାରଡୋଲି ଆନ୍ଦୋଳନରେ ତାଙ୍କ ନେତୃତ୍ୱ ଜନସାଧାରଣଙ୍କ ମନରେ ଅସାଧାରଣ ସାହସ ସୃଷ୍ଟି କରିଥିଲା। ବିଶେଷକରି ବାରଡୋଲିର କୃଷକମାନେ ନ୍ୟାୟାସଙ୍ଗତ ଦାବି ପାଇଁ ତାଙ୍କ ଦୃଢ଼ ସଂଗ୍ରାମ ତାଙ୍କୁ 'ସର୍ଦ୍ଦାର' ଉପାଧି ଦେଇଥିଲା। ଏହା କେବଳ ଏକ ଉପାଧି ନଥିଲା, ବରଂ ଜନସାଧାରଣଙ୍କ ଆସ୍ଥା, ସ୍ନେହ ଓ ସମ୍ମାନର ପ୍ରତୀକ ଥିଲା। ସାଧୀନତା ଆନ୍ଦୋଳନରେ ତାଙ୍କର ଅବଦାନ ତାଙ୍କୁ ଜଣେ ଦକ୍ଷ ସଂଗଠକ, ଦୃଢ଼ ନିଷ୍ପତିକାରୀ ଓ ଜନନେତା ଭାବେ ପ୍ରତିଷ୍ଠିତ ଭାବେ ପ୍ରତିଷ୍ଠିତ କରିଥିଲା। କିନ୍ତୁ ତାଙ୍କ ଜୀବନର ସବୁଠାରୁ ବଡ ଐତିହାସିକ ପରୀକ୍ଷା ଆସିଥିଲା ୧୯୪୭ ମସିହାରେ, ଯେତବଳେ ଦୀର୍ଘ ସଂଗ୍ରାମ ପରେ ଭାରତ ସାଧୀନତା ଲାଭ କଲା। ସାଧୀନତା ସହିତ ଦେଶ ବିଭାଜନର ଯନ୍ତ୍ରଣା, ସାମ୍ପ୍ରଦାୟିକ ହିଂସା, ଲକ୍ଷଲକ୍ଷ ଲୋକଙ୍କ ବିସ୍ଥାପନ ଓ ପ୍ରଶାସନିକ ଅନିଶ୍ଚିତତା ଭାରତ ସମ୍ମୁଖରେ ଭୟଙ୍କର ଆହ୍ୱାନ ସୃଷ୍ଟି କରିଥିଲା। ଏହା ସହିତ ଦେଶରେ ଶହ ଶହ ଦେଶୀୟ ରାଜ୍ୟ ଥିଲା, ଯାହାର ଶାସକମାନଙ୍କୁ ଭାରତୀୟ ସଂଘରେ ଯୋଗଦେବା ପାଇଁ ରାଜି କରାଇବା ଅତ୍ୟନ୍ତ ଜଟିଳ କାର୍ଯ୍ୟ ଥିଲା। ଯଦି ଏହି ରାଜ୍ୟଗୁଡିକ ଭିନ୍ନ ଭିନ୍ନ ଦିଗରେ ଚାଲିଯାଇଥାନ୍ତେ, ତେବେ ନବସାଧୀନ ଭାରତର ରାଜନୈତିକ ଏକତା, ସୁରକ୍ଷା ଓ ଆର୍ଥିକ ବିକାଶ ଗଭୀର ସଙ୍କଟରେ ପଡିପାରିଥାନ୍ତା। ଏହି ଐତିହାସିକ ସମୟରେ ଦେଶର ପ୍ରଥମ ଉପପ୍ରଧାନମନ୍ତ୍ରୀ ଓ ଗୃହମନ୍ତ୍ରୀ ଭାବେ ପଟେଲ ଅସାଧାରଣ ଦାୟିତ୍ୱ ଗ୍ରହଣ କରିଥିଲେ। ଭି.ପି.ମେନନଙ୍କ ସହଯୋଗରେ ସେ ଆଲୋଚନା, କୂଟନୀତି, ଦୃଢ ନିଷ୍ପତି ଓ ଆବଶ୍ୟକ ସ୍ଥଳରେ ରାଜନୈତିକ ପଦକ୍ଷେପ ମାଧ୍ୟମରେ ଅଧିକାଂଶ ଦେଶୀୟ ରାଜ୍ୟକୁ ଭାରତୀୟ ସଂଘର ସାମିଲ କରିବାରେ ନିର୍ଣ୍ଣାୟକ ଭୂମିକା ନେଇଥିଲେ। ଜୁନାଗଡ ଓ ହାଇଦ୍ରାବାଦ ପରି ଜଟିଳ ପ୍ରସଙ୍ଗରେ ସମାଧାନ ଏହି ଏକତା ପ୍ରକ୍ରିୟାର ଗୁରୁତ୍ୱପୂର୍ଣ୍ଣ ଅଧ୍ୟାୟ ଥିଲା।

ଜମ୍ମୁ ଓ କାଶ୍ମୀରର ଭାରତ ସହ ମିଶ୍ରଣର ନିଜସ ଐତିହାସିକ ପରିସ୍ଥିତି ଥିଲା, ତେଣୁ ସମଗ୍ର ଏକତ୍ରୀକରଣ ପ୍ରକ୍ରିୟାକୁ ଜଣେ ବ୍ୟକ୍ତିଙ୍କ କାର୍ଯ୍ୟ ବୋଲି କହିବା ଇତିହାସର ସରଳକରଣ ହେବ। ତଥାପି ଦେଶୀୟ ରାଜ୍ୟଗୁଡିକର ଏକତ୍ରୀକରଣରେ ପଟେଲଙ୍କ ଅବଦାନ ଭାରତୀୟ ଇତିହାସରେ ଅତୁଳନୀୟ ସ୍ଥାନ ଅଧିକାର କରିଛି। ସେ ପ୍ରମାଣ କରିଥିଲେ ଯେ ଜାତୀୟ ଏକତା କେବଳ ଭାବପ୍ରବଣ ସ୍ଲୋଗାନରେ ପ୍ରତିଷ୍ଠିତ ହୁଏନାହିଁ, ଏଥିପାଇଁ ଦୂରଦୃଷ୍ଟି, ଧୈର୍ଯ୍ୟ, ଆଲୋଚନା, ନ୍ୟାୟାବୋଧ ଓ ଦୃଢ ନେତୃତ୍ୱ ଆବଶ୍ୟକ। ସେହିପରି ଦେଶର ପ୍ରଶାସନିକ ଢାଂଚାକୁ ସୁଦୃଢ କରିବା ଦିଗରେ ମଧ୍ୟ ତାଙ୍କ ଅବଦାନ ଗୁରୁତ୍ୱପୂର୍ଣ୍ଣ। ଅଖି, ଭାରତୀୟ ପ୍ରଶାସନିକ ସେବାଗୁଡିକୁ ସେ ଦେଶର ଏକତା ଓ ପ୍ରଶାସନିକ ସ୍ଥିରତାର ଏକ ମୁଖ୍ୟ ଆଧାର ଭାବେ ଦେଖୁଥିଲେ। ତାଙ୍କ ମତରେ ଦେଶର ଶାସନ ବ୍ୟବସ୍ଥା ନିରପେକ୍ଷ, ଦକ୍ଷ ଓ ଦାୟିତ୍ୱବାନ ହେବା ଆବଶ୍ୟକ। ଏହି ଦୃଷ୍ଟିକୋଣ ଆଜି ମଧ୍ୟ ପ୍ରଶାସନିକ କ୍ଷେତ୍ରରେ ପ୍ରାସଙ୍ଗିକ। ୧୯୫୦ ମସିହା ଡିସେମ୍ବର ୧୫ରେ ତାଙ୍କର ପରଲୋକ ଘଟିଥିଲା, କିନ୍ତୁ ତାଙ୍କ ଆଦର୍ଶ ଓ ଜାତୀୟ ଏକତା ପାଇଁ ଅବଦାନ ଆଜି ମଧ୍ୟ କୋଟି କୋଟି ଭାରତୀୟଙ୍କୁ ପ୍ରେରଣା ଦେଉଛି। ୨୦୧୪ ମସିହାରୁ ଅକ୍ଟୋବର ୩୧କୁ ଜାତୀୟ ଏକତା ଦିବସ ଭାବେ ପାଳନ କରାଯାଉଛି। ଏହି ଦିନ ଦେଶବ୍ୟାପୀ ଏକତା ଦୌଡ, ଶପଥ ଗ୍ରହଣ, ଆଲୋଚନାଚକ୍ର ଓ ବିଭିନ୍ନ ସଚେତନତା କାର୍ଯ୍ୟକ୍ରମ ମାଧ୍ୟମରେ ଜାତୀୟ ସଂହତିର ବାର୍ତା ପ୍ରସାର କରାଯାଏ। ଗୁଜରାଟର କେବଡିଆଠାରେ ନର୍ମଦା ନଦୀ ନିକଟରେ ନିର୍ମିତ 'ଏକତାର ପ୍ରତିମୂର୍ତି' ପଟେଲଙ୍କ ସ୍ମୃତିକୁ ଏକ ବିଶ୍ୱବ୍ୟାପୀ ପରିଚୟ ଦେଇଛି। ୧୮୨ ମିଟର ଉଚ୍ଚତାବିଶିଷ୍ଟ ଏହି ପ୍ରତିମୂର୍ତି ଦୃଢ ସଂକଳ୍ପ ଓ ଜାତୀୟ ଏକତାର ପ୍ରତୀକ ଭାବେ ପରିଚିତ। ତେବେ ଏକତାର ପ୍ରକୃତ ଅର୍ଥ କେବଳ ଏକ ବିଶାଳ ପ୍ରତିମୂର୍ତ୍ତି କିମ୍ବା ଆନୁଷ୍ଠାନିକ ଉତ୍ସବରେ ସୀମିତ ନୁହେଁ। ଏହାର ପ୍ରକୃତ ଅର୍ଥ ହେଉଛି ଦେଶର ପ୍ରତ୍ୟେକ ନାଗରିକଙ୍କୁ ସମ୍ମାନ, ସମାନ ସୁଯୋଗ, ନ୍ୟାୟ ଓ ସୁରକ୍ଷା ପ୍ରଦାନ କରିବା। ଭାଷା, ଧର୍ମ, ଜାତି, ଅଂଚଳ, ପୋଷାକ ଓ ଖାଦ୍ୟାଭ୍ୟାସରେ ଭିନ୍ନତା ଥାଇ ମଧ୍ୟ ଆମେ ସମସ୍ତେ ଭାରତୀୟ - ଏହି ଭାବନା ହିଁ ଜାତୀୟ ଏକତାର ମୂଳ ଆଧାର। ଭାରତର ଶକ୍ତି ଏହାର ବିବିଧତାରେ ନିହିତ। ତେଣୁ ଭିନ୍ନ ମତକୁ ଶତ୍ରୁତାର କାରଣ ନକରି ପରସ୍ପର ସମ୍ମାନ ଓ ସଂଳାପ ମାଧ୍ୟମରେ ସମାଧାନ ଖୋଜିବା ଆମ ସମସ୍ତଙ୍କ କର୍ତବ୍ୟ। ଆଜି ସାମାଜିକ ଗଣମାଧ୍ୟମରେ ଭ୍ରାନ୍ତ ସୂଚନା, ଘୃଣାପୂର୍ଣ୍ଣ ମନ୍ତବ୍ୟ ଓ ଅଂଚଳଭିତିକ ବିଭେଦର ପ୍ରସାର ଜାତୀୟ ସଂହତି ପାଇଁ ନୂଆ ଆହ୍ୱାନ ସୃଷ୍ଟି କରୁଛି। ଏପରି ସମୟରେ ପ୍ରତ୍ୟେକ ନାଗରିକଙ୍କୁ ସୂଚନାର ସତ୍ୟତା ଯାଞ୍ଚ କରିବା, ଅନ୍ୟର ମତକୁ ସମ୍ମାନ ଦେବା ଏବଂ ହିଂସା କିମ୍ବା ଘୃଣାକୁ ପ୍ରୋତ୍ସାହନ ନଦେବା ଆବଶ୍ୟକ। ଏକତାର ଅର୍ଥ ସମସ୍ତେ ଗୋଟିଏ ମତ ରଖିବେ ନୁହେଁ, ବରଂ ମତଭେଦ ଥିଲେ ମଧ୍ୟ ସମ୍ବିଧାନର ସୀମା ମଧ୍ୟରେ ପରସ୍ପର ସହ ରହିବାର ସକଳ୍ପ ହିଁ ପ୍ରକୃତ ଏକତା। ଏହି ପରିପ୍ରେକ୍ଷୀରେ ଓଡ଼ିଶା ପାଇଁ ମଧ୍ୟ ଜାତୀୟ ଏକତା ଦିବସର ଏକ ସତନ୍ତ୍ର ଗୁରୁତ୍ୱ ରହିଛି। ଭାଷାଭିତିକ ରାଜ୍ୟ ଗଠନର ଗୌରବମୟ ଇତିହାସ ଥିବା ଓଡିଶା ଆମକୁ ଶିଖାଏ ଯେ ନିଜ ଭାଷା, ସଂସ୍କୃତି ଓ ପରିଚୟକୁ ସୁରକ୍ଷିତ ରଖି ମଧ୍ୟ ଜାତୀୟ ଏକତାକୁ ସୁଦୃଢ କରାଯାଇପାରେ। ଓଡିଆ ଭାଷାର ସମ୍ମାନ, ଆଦିବାସୀ ସଂସ୍କୃତିର ସୁରକ୍ଷା, ସୀମାନ୍ତ ଅଂଚଳର ସମାବେଶୀ ବିକାଶ, ଯୁବପିଢିଙ୍କ ପାଇଁ ଶିକ୍ଷା ଓ ରୋଜଗାରର ସୁଯୋଗ ଏବଂ ସମସ୍ତ ଅଂଚଳର ସମାନ ଅଗ୍ରଗତି ଜାତୀୟ ଏକତାକୁ ଆହୁରି ମଜବୁତ କରିପାରିବ। ରାଜ୍ୟର ଗାଁଠାରୁ ସହର ପର୍ଯ୍ୟନ୍ତ ଲୋକଙ୍କ ମଧ୍ୟରେ ସହଯୋଗ, ସାମାଜିକ ସଦ୍ଭାବ ଓ ନାଗରିକ ଦାୟିତ୍ୱବୋଧ ବଢାଇବା ଆବଶ୍ୟକ।

ବିପର୍ଯ୍ୟୟ ପୀଡ଼ିତଙ୍କୁ ପ୍ରାଥମିକ ଚିକିତ୍ସା ସେବା

ବିପର୍ଯ୍ୟୟ କେବେ ଆସିବ, କେଉଁଠି ଆସିବ ଏବଂ କେତେ ଜୀବନକୁ ପ୍ରଭାବିତ କରିବ, ତାହା କେହି ଜାଣିନାହାନ୍ତି। ବନ୍ୟାର ପ୍ରଖର ସ୍ରୋତ, ବାତ୍ୟାର ତାଣ୍ଡବ, ଭୂସ୍ଖଳନ, ଅଗ୍ନିକାଣ୍ଡ କିମ୍ବା ସଡ଼କ ଦୁର୍ଘଟଣା ଭଳି ଘଟଣା ଯେକୌଣସି ମୁହୂର୍ତ୍ତରେ ମଣିଷର ସାଭାବିକ ଜୀବନକୁ ଦୋହଲାଇ ଦେଇପାରେ। ଏପରି ଦୁର୍ଦ୍ଦିନରେ ଯେତେବେଳେ ଚାରିଆଡ଼େ ଆତଙ୍କ, ଆର୍ତ୍ତଚିତ୍କାର ଓ ଅସହାୟତାର ଚିତ୍ର ଦେଖାଯାଏ, ସେତେବେଳେ ଗୋଟିଏ ସାହସୀ ହାତର ସହାୟତା, ଆଶ୍ୱାସନାର ଦୁଇପଦ କଥା ଓ ସଠିକ୍ ସମୟରେ ମିଳିଥିବା ପ୍ରାଥମିକ ଚିକିତ୍ସା ଜଣେ ମଣିଷ ପାଇଁ ନୂଆ ଜୀବନର ଆଶା ହୋଇପାରେ।ଏଠି କହିପାରିବା ଗୋଟିଏ ସହାନୁଭୂତିର ସ୍ପର୍ଶ, ବଞ୍ଚାଇପାରେ ଗୋଟିଏ ଅମୂଲ୍ୟ ଜୀବନ ପ୍ରକୃତରେ, ବିପର୍ଯ୍ୟୟର କ୍ଷତ କେବଳ ଶରୀରରେ ସୀମିତ ରହେ ନାହିଁ। ଏହା ମଣିଷର ମନ, ପରିବାର ଓ ସମାଜକୁ ମଧ୍ୟ ଗଭୀର ଭାବେ ପ୍ରଭାବିତ କରେ। ଏପରି ସମୟରେ ପ୍ରାଥମିକ ଚିକିତ୍ସା କେବଳ ଏକ ଚିକିତ୍ସା ପଦ୍ଧତି ନୁହେଁ,ଏହା ହେଉଛି ମାନବିକତାର ପ୍ରଥମ ପରିଚୟ। ଜୀବନ ପ୍ରତି ସମ୍ମାନ ଏବଂ ବିପନ୍ନ ମଣିଷ ପାଖରେ ଠିଆ ହେବାର ଏକ ମହତ୍ତ୍ୱପୂର୍ଣ୍ଣ ପ୍ରୟାସ।

ଦୁର୍ଘଟଣା କିମ୍ବା ବିପର୍ଯ୍ୟୟ ପରେ ଆହତ ବ୍ୟକ୍ତିଙ୍କୁ ଡାକ୍ତରଖାନାରେ ପହଞ୍ଚାଇବା ପୂର୍ବରୁ ଯେଉଁ ସହାୟତା ଦିଆଯାଏ, ତାହା ଅନେକ ସମୟରେ ଜୀବନରକ୍ଷାକାରୀ ହୋଇଥାଏ। କିନ୍ତୁ ଏଥିପାଇଁ କେବଳ ଉତ୍ସାହ ଯଥେଷ୍ଟ ନୁହେଁ।ଆବଶ୍ୟକ ହୁଏ ଜ୍ଞାନ, ଅଭ୍ୟାସ, ଧୈର୍ଯ୍ୟ ଓ ପରିସ୍ଥିତି ଅନୁଯାୟୀ ନିଷ୍ପତ୍ତି ନେବାର ଦକ୍ଷତା।ଜଣେ ଆହତ ବ୍ୟକ୍ତିଙ୍କୁ ଦେଖି ଭୟଭୀତ ହୋଇଯିବା କିମ୍ବା ଭିଡ଼ ଜମାଇ କେବଳ ଦର୍ଶକ ସାଜିବା ପରିବର୍ତ୍ତେ ତାଙ୍କ ନିକଟକୁ ଯାଇ ପରିସ୍ଥିତିର ସୁରକ୍ଷିତ ମୂଲ୍ୟାୟନ କରିବା, ଜରୁରୀକାଳୀନ ସହାୟତା ଡାକିବା ଏବଂ ନିଜ ତାଲିମ ଅନୁଯାୟୀ ଆବଶ୍ୟକ ସହାୟତା ପ୍ରଦାନ କରିବା ଜଣେ ସଚେତନ ନାଗରିକର କର୍ତ୍ତବ୍ୟ। ମନେ ରଖିବା ଉଚିତ, ଭୁଲ୍ ପଦ୍ଧତିରେ ଆହତଙ୍କୁ ଉଠାଇବା କିମ୍ବା ଅଜ୍ଞତାରେ ଚିକିତ୍ସା କରିବା ଦ୍ୱାରା କ୍ଷତି ବଢ଼ିପାରେ। ତେଣୁ ପ୍ରାଥମିକ ଚିକିତ୍ସାର ମୂଳମନ୍ତ୍ର ହେଉଛି ନିଜ ସୁରକ୍ଷା, ଆହତଙ୍କ ସ୍ଥିତିର ଆକଳନ, ତୁରନ୍ତ ଜରୁରୀକାଳୀନ ସହାୟତା ଏବଂ ତାଲିମ ଅନୁଯାୟୀ ଉପଯୁକ୍ତ ପଦକ୍ଷେପ।

ବିପର୍ଯ୍ୟୟ ସମୟରେ ପ୍ରଶାସନ ଓ ଉଦ୍ଧାରକାରୀ ଦଳଙ୍କ ସହିତ ସମନ୍ୱୟ ରଖି ନିଜ ଅଞ୍ଚଳରେ ଲୋକଙ୍କୁ ସହାୟତା କରୁଥିବା ପ୍ରଶିକ୍ଷିତ ସେଚ୍ଛାସେବୀଙ୍କ ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। 'ଆପଦମିତ୍ର' ଯୋଜନା ଏହି ମାନବିକ ଦାୟିତ୍ୱବୋଧର ଏକ ଉଲ୍ଲେଖନୀୟ ଉଦାହରଣ। 'ଆପଦମିତ୍ର' ଶବ୍ଦରେ ହିଁ ଏହାର ମହତ୍ତ୍ୱ ଲୁଚି ରହିଛି। ଆପଦରେ ଯିଏ ମିତ୍ର, ସେ ହିଁ ପ୍ରକୃତ ଆପଦାମିତ୍ର। ବିପର୍ଯ୍ୟୟ ସମୟରେ ଲୋକଙ୍କୁ ସଚେତନ କରିବା, ସୁରକ୍ଷିତ ସ୍ଥାନକୁ ଯିବାରେ ସହଯୋଗ କରିବା, ଆହତଙ୍କୁ ପ୍ରାଥମିକ ସହାୟତା ଦେବା ଏବଂ ଉଦ୍ଧାରକାରୀ ସଂସ୍ଥାଙ୍କ ସହ ଯୋଗାଯୋଗ ରଖିବା ଆଦି କାର୍ଯ୍ୟରେ ଏହି ସେଚ୍ଛାସେବୀମାନେ ମୂଲ୍ୟବାନ ଅବଦାନ ଦେଇପାରନ୍ତି।ସେମାନଙ୍କ ପାଖରେ ଥିବା ପ୍ରଶିକ୍ଷଣ ଓ ଅଭିଜ୍ଞତା କେବଳ ଏକ ପ୍ରମାଣପତ୍ରରେ ସୀମିତ ନ ରହି, ମାନବ ଜୀବନର ସୁରକ୍ଷାରେ ବିନିଯୋଗ ହେବା ଆବଶ୍ୟକ। ଏଥିପାଇଁ ନିୟମିତ ଅଭ୍ୟାସ, ମକ୍ ଡ୍ରିଲ୍, ଉପକରଣର ଉପଯୁକ୍ତ ବ୍ୟବହାର ଓ ବିଭିନ୍ନ ବିଭାଗ ମଧ୍ୟରେ ସମନ୍ୱୟ ଅତ୍ୟନ୍ତ ଜରୁରୀ। ବିପର୍ଯ୍ୟୟ ପ୍ରସ୍ତୁତି ଦିବସ-୨୦୨୬ ଅବସରରେ ଆସନ୍ତା ୨୭ ଅକ୍ଟୋବରରେ ସମ୍ବଲପୁରର ନୀଳଡୁଙ୍ଗରୀସ୍ଥିତ ଉଦ୍ୟାନ କୃଷି ପ୍ରଶିକ୍ଷଣ ପ୍ରତିଷ୍ଠାନରେ ଆୟୋଜିତ ହେବାକୁ ଥିବା ଆପଦାମିତ୍ର ସେଚ୍ଛାସେବୀଙ୍କ ପ୍ରାଥମିକ ଚିକିତ୍ସା ପ୍ରତିଯୋଗିତା ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ। ଜିଲ୍ଲା ବିପର୍ଯ୍ୟୟ ପରିଚାଳନା କର୍ତ୍ତୃପକ୍ଷ, ସମ୍ବଲପୁର ଏବଂ ଓଡ଼ିଶା ରାଜ୍ୟ ବିପର୍ଯ୍ୟୟ ପରିଚାଳନା କର୍ତ୍ତୃପକ୍ଷଙ୍କ ସହଯୋଗରେ ହେବାକୁ ଥିବା ଏହି ପ୍ରତିଯୋଗିତାରେ ସେଚ୍ଛାସେବୀମାନେ ନିଜର ଦକ୍ଷତା ଓ କୌଶଳ ପ୍ରଦର୍ଶନ କରିବେ।

ତେବେ ଏହାକୁ କେବଳ ପୁରସ୍କାର ଜିତିବାର ପ୍ରତିଯୋଗିତା ଭାବେ ଦେଖିବା ଉଚିତ ନୁହେଁ। ପ୍ରକୃତ ବିଜୟୀ ସେହି ବ୍ୟକ୍ତି, ଯିଏ ବିପଦର ମୁହୂର୍ତ୍ତରେ ଭୟକୁ ନିୟନ୍ତ୍ରଣ କରି, ନିଜର ପ୍ରଶିକ୍ଷଣକୁ କାର୍ଯ୍ୟରେ ଲଗାଇ, ଅନ୍ୟର ଜୀବନ ରକ୍ଷା ପାଇଁ ସଠିକ୍ ପଦକ୍ଷେପ ନେଇପାରିବେ।ପ୍ରତିଯୋଗିତାରେ ମିଳୁଥିବା ପୁରସ୍କାର ଏକ ସମ୍ମାନ।କିନ୍ତୁ ବିପଦଗ୍ରସ୍ତ ପରିବାରର ମୁହଁରେ ଫେରି ଆସୁଥିବା ହସ ଏବଂ ଜଣେ ଆହତଙ୍କ ଜୀବନ ରକ୍ଷା ପାଇଁ ମିଳୁଥିବା ସଫଳତା ହେଉଛି ସର୍ବଶ୍ରେଷ୍ଠ ପୁରସ୍କାର। ମାନବିକତା, ତତ୍ପରତା ଓ ସେବା ମନୋଭାବ



ଡା. ରାଜାରାମ ଷଡ଼ଙ୍ଗୀ
ଶିଶୁ ମଙ୍ଗଳ ସମିତି, ସମ୍ବଲପୁର
୯୪୩୭୪ ୦୫୪୫୫

ହିଁ ବିପର୍ଯ୍ୟୟ ମୁକାବିଲାର ପ୍ରକୃତ ଶକ୍ତି।

ବିପର୍ଯ୍ୟୟ ଧନୀ-ଗରିବ, ଜାତି-ଧର୍ମ, ଭାଷା-ବର୍ଣ୍ଣ କିମ୍ବା ଅଞ୍ଚଳର ଭେଦଭାବ କରେ ନାହିଁ। ଏହା ସମସ୍ତଙ୍କୁ ସମାନ ଭାବେ ପ୍ରଭାବିତ କରିପାରେ। ତେଣୁ ବିପର୍ଯ୍ୟୟ ମୁକାବିଲାରେ ଆମର ମନୋଭାବ ମଧ୍ୟ ନିର୍ବିଶେଷ ହେବା ଆବଶ୍ୟକ।ଜଣେ ବୃଦ୍ଧଙ୍କୁ ସୁରକ୍ଷିତ ସ୍ଥାନକୁ ନେବା, ଜଣେ ଶିଶୁକୁ ଭୟମୁକ୍ତ କରିବା, ଜଣେ ଦିବ୍ୟାଙ୍ଗଙ୍କୁ ସହାୟତା କରିବା କିମ୍ବା ବିପର୍ଯ୍ୟୟରେ ପରିବାରଠାରୁ ବିଚ୍ଛିନ୍ନ ହୋଇଥିବା ଶିଶୁଙ୍କୁ ସୁରକ୍ଷା ଦେବା ଏସବୁ କାର୍ଯ୍ୟରେ ମାନବିକତା ହିଁ ସବୁଠାରୁ ବଡ଼ ଶକ୍ତି। ବିଶେଷକରି ଶିଶୁ, ମହିଳା, ବୃଦ୍ଧ ଓ ଦିବ୍ୟାଙ୍ଗଙ୍କ ଆବଶ୍ୟକତାକୁ ଗୁରୁତ୍ୱ ଦେଇ ଉଦ୍ଧାର ଓ ସହାୟତା କାର୍ଯ୍ୟ କରାଯିବା ଉଚିତ। ସେହିପରି, ପ୍ରାଥମିକ ଚିକିତ୍ସା ସହିତ ମାନସିକ ଆଶ୍ୱାସନା ମଧ୍ୟ ଜରୁରୀ। ଭୟଭୀତ ବ୍ୟକ୍ତିଙ୍କୁ ଧୈର୍ଯ୍ୟ ଦେବା, ତାଙ୍କ କଥା ଶୁଣିବା ଓ ସୁରକ୍ଷାର ଭରସା ଦେବା ଦ୍ୱାରା ତାଙ୍କ ମନୋବଳ ବୃଦ୍ଧି ପାଇପାରେ। ଏକ ସମ୍ବେଦନଶୀଳ ମନ ଓ ଏକ ପ୍ରଶିକ୍ଷିତ ହାତର ମିଳିତ ପ୍ରୟାସ ହିଁ ବିପର୍ଯ୍ୟୟ ପରବର୍ତ୍ତୀ ଅନ୍ଧକାରରେ ଆଶାର ଆଲୋକ ଜାଳିପାରେ।ବିପର୍ଯ୍ୟୟ ଆସିବା ପରେ ପ୍ରସ୍ତୁତି ଆରମ୍ଭ କଲେ ଅନେକ ସମୟରେ ବିଳମ୍ବ ହୋଇଯାଏ। ତେଣୁ ପ୍ରତ୍ୟେକ ବିଦ୍ୟାଳୟ, ମହାବିଦ୍ୟାଳୟ, ଗ୍ରାମପଞ୍ଚାୟତ, ସେଚ୍ଛାସେବୀ ସଂଗଠନ ଓ ସାମାଜିକ ଅନୁଷ୍ଠାନରେ ପ୍ରାଥମିକ ଚିକିତ୍ସା ସମ୍ପର୍କିତ ସଚେତନତା ଓ ତାଲିମକୁ ଗୁରୁତ୍ୱ ଦେବା ଦରକାର।ପ୍ରତ୍ୟେକ ପରିବାରରେ ପ୍ରାଥମିକ ଚିକିତ୍ସା ବାକ୍ସ, ଜରୁରୀକାଳୀନ ଯୋଗାଯୋଗ ନମ୍ବର ଓ ବିପର୍ଯ୍ୟୟ ସମୟରେ କେଉଁଠାକୁ ଯିବାକୁ ହେବ, ସେ ସମ୍ପର୍କରେ ସଚେତନତା ରହିବା ଆବଶ୍ୟକ। ଲୋକଙ୍କୁ ସିପିଆର୍ (CPR), ରକ୍ତସ୍ରାବ ନିୟନ୍ତ୍ରଣ ଓ ଜରୁରୀ ସହାୟତା ଡାକିବାର ଉପଯୁକ୍ତ ପଦ୍ଧତି ବିଷୟରେ ପ୍ରଶିକ୍ଷିତ କରାଯିବା ଉଚିତ। ଏଥିସହ ପ୍ରଶାସନ, ସ୍ୱାସ୍ଥ୍ୟ ବିଭାଗ, ଅଗ୍ନିଶମ ସେବା, ପୁଲିସ, ଉଦ୍ଧାରକାରୀ ଦଳ ଓ ସେଚ୍ଛାସେବୀଙ୍କ ମଧ୍ୟରେ ସମନ୍ୱୟ ବଢ଼ାଇବା ଦରକାର। କାରଣ ବିପର୍ଯ୍ୟୟ ସମୟରେ ପ୍ରତ୍ୟେକ ସେକେଣ୍ଡ ମୂଲ୍ୟବାନ ଏବଂ ପ୍ରତ

କିଡନୀ ଖରାପ ହେଲେ ଆଖିରେ ଦେଖା ଦିଏ ଏହି ସଙ୍କେତ...





ଶରୀରରେ ପାଣି ଏବଂ ଇଲେକ୍ଟ୍ରୋଲାଇଟ୍ସ ଠାରୁ ଆରମ୍ଭ କରି ରକ୍ତଚାପ ପର୍ଯ୍ୟନ୍ତ ସବୁକିଛି ନିୟନ୍ତ୍ରଣ କରିବାରେ କିଡନୀ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରେ। ଏକ ଅସ୍ୱାସ୍ଥ୍ୟକର ଜୀବନଶୈଳୀ, ଖରାପ ଡାଏଟ୍, ମଧୁମେହ ଏବଂ ଉଚ୍ଚ ରକ୍ତଚାପ କିଡନୀ ସମସ୍ୟାର କାରଣ ହୋଇପାରେ। ଅନେକ ଅଧ୍ୟୟନରୁ ଜଣାପଡିଛି ଯେ କିଡନୀ ଖରାପ ହେବାର କିଛି ପ୍ରାରମ୍ଭିକ ଲକ୍ଷଣ ଆଖି ଚାରିପାଖରେ ଦେଖାଯାଇପାରେ। ଯଦି ଏହି ଲକ୍ଷଣ ଗୁଡ଼ିକୁ ପ୍ରାରମ୍ଭିକ ଭାବରେ ଚିହ୍ନଟ କରାଯାଏ, ତେବେ ଗମ୍ଭୀର କିଡନୀ ରୋଗକୁ ରୋକାଯାଇପାରିବ।

ଗବେଷଣା ଅନୁଯାୟୀ, ଆଖି ଫୁଲିବା କିଡନୀ ଫେଲ ହେବାର ଏକ ପ୍ରମୁଖ ପ୍ରାରମ୍ଭିକ ଲକ୍ଷଣ ହୋଇପାରେ। ଯେତେବେଳେ ଏହା ଠିକ୍ ଭାବରେ କାର୍ଯ୍ୟ କରେ ନାହିଁ, ସେତେବେଳେ ଏହା ଶରୀରରୁ ଅତିରିକ୍ତ ପାଣି ଏବଂ ସୋଡିୟମ୍ ବାହାର କରିପାରନ୍ତି ନାହିଁ। ଏହା ଶରୀରରେ ତରଳ ପଦାର୍ଥ ଜମା କରିଥାଏ, ଯାହା ଫୁଲା ଭାବରେ ପ୍ରକାଶିତ ହୁଏ, ବିଶେଷକରି ମୁହଁ ଏବଂ ଆଖି ଚାରିପାଖରେ। ଏହି ଫୁଲା ସକାଳେ ଅଧିକ ଦୃଶ୍ୟମାନ ହୁଏ ଏବଂ ଦିନ ବଢ଼ିବା ସହିତ କମିଥାଏ।

ଆଖି ତଳେ କଳା ଦାଗ ପ୍ରାୟତଃ ନିଦ୍ରା ଅଭାବ କିମ୍ବା ଚାପ ସହିତ ଜଡିତ, କିନ୍ତୁ ଏହା କିଡନୀ ଫେଲ୍ୟୁୟରର ଏକ ଲକ୍ଷଣ ମଧ୍ୟ ହୋଇପାରେ। ଯେତେବେଳେ କିଡନୀ ରକ୍ତକୁ ଠିକ୍ ଭାବରେ ଫିଲ୍ଟର କରିନଥାଏ, ସେତେବେଳେ ଶରୀରରେ ବିଷାକ୍ତ ପଦାର୍ଥ ଜମା ହେବା ଆରମ୍ଭ ହୁଏ। ଏହି ବିଷାକ୍ତ ପଦାର୍ଥ ଚର୍ମର ରଙ୍ଗ ପରିବର୍ତ୍ତନ କରିପାରେ, ଯାହା ବିଶେଷକରି ଆଖି ଚାରିପାଖର ଚର୍ମରେ ସ୍ପଷ୍ଟ ଭାବରେ ଦେଖାଯାଏ।

କିଡନୀ ସମସ୍ୟା ଶରୀରରେ ପ୍ରୋଟିନ ଏବଂ ଅନ୍ୟାନ୍ୟ ପୋଷକ ତତ୍ତ୍ୱର ସନ୍ତୁଳନ ବିଗିଡି ଯାଏ। ଯାହା ଫଳରେ ଚର୍ମ ହଳଦିଆ ପଡ଼ିଯାଏ ଏବଂ ଆଖି ତଳେ କଳା ଦାଗ ସୃଷ୍ଟି ହୁଏ। କିଡନୀ ଫେଲ୍ୟୁଅର ଯୋଗୁଁ ଶରୀରରେ ବିଷାକ୍ତ ପଦାର୍ଥ ଜମା ହୋଇପାରେ, ଯାହା ଫଳରେ ଆଖିରେ ଜ୍ୱଳନ ଏବଂ ଲାଲ ପଡ଼ିଯାଏ। ଏହି ଲକ୍ଷଣ ବିଶେଷ ଭାବରେ ଦେଖାଯାଏ ଯେତେବେଳେ କିଡନୀ ରକ୍ତରେ ଇଲେକ୍ଟ୍ରୋଲାଇଟ୍ସର ସନ୍ତୁଳନ ବଜାୟ ରଖି ପାରେ ନାହିଁ। ଫେଲ୍ୟୁଅର ଯୋଗୁଁ ରକ୍ତରେ ଫସଫରସ୍ ପରିମାଣ ବୃଦ୍ଧି କରିପାରେ, ଯାହା ଫଳରେ ଚର୍ମରେ କୁଣ୍ଡେଇ ଏବଂ ଶୁଷ୍କତା ଦେଖାଯାଏ। ଏହି ସମସ୍ୟା ଆଖି ଚାରିପାଖ ଚର୍ମକୁ ମଧ୍ୟ ପ୍ରଭାବିତ କରେ।

ଏକ ଅଧ୍ୟୟନ ଅନୁଯାୟୀ, କିଡନୀ ସମସ୍ୟା ଥିବା ରୋଗୀଙ୍କ ଠାରେ, ବିଶେଷକରି ମୁହଁ ଏବଂ ଆଖି ଚାରିପାଖରେ କୁଣ୍ଡେଇ ଚର୍ମ ଏକ ସାଧାରଣ ଲକ୍ଷଣ। ଫେଲ୍ୟୁଅର ରକ୍ତରେ ଫସଫରସ୍ ପରିମାଣ ବୃଦ୍ଧି କରିପାରେ, ଯାହା ଫଳରେ ଚର୍ମରେ କୁଣ୍ଡେଇ ଏବଂ ଶୁଷ୍କତା ଦେଖାଯାଏ। ଏହି ସମସ୍ୟା ଆଖି ଚାରିପାଖ ଚର୍ମକୁ ମଧ୍ୟ ପ୍ରଭାବିତ କରେ। ନେଫ୍ରୋଲୋଜି ଜର୍ଣ୍ଣାଲରେ ପ୍ରକାଶିତ ଏକ ଅଧ୍ୟୟନ ଅନୁଯାୟୀ, ବୃକକ୍ ସମସ୍ୟା ଥିବା ରୋଗୀଙ୍କଠାରେ, ବିଶେଷକରି ମୁହଁ ଏବଂ ଆଖି ଚାରିପାଖରେ କୁଣ୍ଡେଇ ଚର୍ମ ଏକ ସାଧାରଣ ଲକ୍ଷଣ। କିଡନୀ ଫେଲ୍ୟୁଅର ହେଲେ ଉଚ୍ଚ ରକ୍ତଚାପ ହୋଇପାରେ। ଯାହା ଆଖିର ରକ୍ତବାହୀ ନଳୀକୁ ପ୍ରଭାବିତ କରିପାରେ। ଏହା ରେଟିନା ଫୁଲା କିମ୍ବା ଡାଏବେଟିକ୍ ରେଟିନୋପାଥି ଭଳି ସମସ୍ୟା ସୃଷ୍ଟି କରିପାରେ। ଯାହା ଦୃଷ୍ଟିକୁ ଝାପସା କରିପାରେ।

ମାତ୍ର ଗୋଟଏ ମାସ ରାତରେ ପଅନ୍ତୁ ପାନମହୁରି ପାଣି, ତା' ପରେ ଜାଣିବେ...



ଭାରତୀୟ ଖାଦ୍ୟରେ ପାନମହୁରି କେବଳ ମାଉଥ୍ ଫ୍ରେଶନର କିମ୍ବା ମସଲା ଭାବରେ ବ୍ୟବହୃତ ହୁଏ ନାହିଁ, ବରଂ ଏହା ଏହାର ଔଷଧୀୟ ଗୁଣ ପାଇଁ ମଧ୍ୟ ଜଣାଶୁଣା। ଖାଦ୍ୟ ପରେ ପାନମହୁରି ଖାଇବା ଆମର ପୁରୁଣା ପରମ୍ପରାର ଏକ ଅଂଶ, କିନ୍ତୁ ଆପଣ କ'ଣ ଜାଣନ୍ତି ଯେ ପ୍ରତିଦିନ ପାନମହୁରି ପାଣି ପିଇବା ଆପଣଙ୍କ ସ୍ୱାସ୍ଥ୍ୟ ପାଇଁ କେତେ ଲାଭଦାୟକ ହୋଇପାରେ ? ଏହି ସରଳ ଘରୋଇ ଉପଚାର ଅନେକ ଗମ୍ଭୀର ରୋଗରୁ ମୁକ୍ତି ଦେଇପାରେ ଏବଂ ଆପଣଙ୍କ ଶରୀରକୁ ଭିତରୁ ଆହୁରି ଶକ୍ତିଶାଳୀ କରିପାରେ। ପାନମହୁରି ଆଣ୍ଟିଅକ୍ସିଡାଣ୍ଟ, ଆଣ୍ଟି-ଇନଫ୍ଲାମେଣ୍ଟାରୀ ଏବଂ ଆଣ୍ଟିବ୍ୟାକ୍ଟେରିଆଲ ଗୁଣରେ ଭରପୂର। ଏଥିରେ ଭିଟାମିନ୍ ସି, କ୍ୟାଲସିୟମ୍, ମ୍ୟାଗ୍ନେସିୟମ୍, ପୋଟାସିୟମ୍ ଏବଂ ଫାଇବର ଭଳି ଅନେକ ପୋଷକ ତତ୍ତ୍ୱ ମଧ୍ୟ ରହିଛି। ଏହି କାରଣରୁ ପାନମହୁରି ପାଣି କେବଳ ହଜମ କରିବାରେ ସାହାଯ୍ୟ କରେ ନାହିଁ ବରଂ ଓଜନ ହ୍ରାସ, ଡିଟକ୍ସିଫିକେସନ୍ ଏବଂ ହରମୋନ୍ ସନ୍ତୁଳନରେ ମଧ୍ୟ ସାହାଯ୍ୟ କରେ। ଏହି ଲେଖାରେ, ଆସନ୍ତୁ ପାନମହୁରି ପାଣି ପିଇବାର ମୁଖ୍ୟ ସ୍ୱାସ୍ଥ୍ୟ ଲାଭ ବିଷୟରେ ଜାଣିବା।





ପାଚନ ତନ୍ତ୍ରକୁ ମଜବୁତ କରେ

ପାନମହୁରୀ ପାଣିକୁ ପାଚନ ସମସ୍ୟା ପାଇଁ ଏକ ଔଷଧ ଭାବରେ ବିବେଚନା କରାଯାଏ। ଏଥିରେ ଥିବା ଆବଶ୍ୟକୀୟ ତେଲ ଏବଂ ଫାଇବର ପାଚନ ପ୍ରକ୍ରିୟାକୁ ଉତ୍ତେଜିତ କରେ। ଏହା ଗ୍ୟାସ୍, ଏସିଡିଟି, କୋଷ୍ଠକାଠିନ୍ୟ ଏବଂ ଫୁଲା ଭଳି ସମସ୍ୟାରୁ ତୁରନ୍ତ ଆରାମ ପ୍ରଦାନ କରେ। ପାନମହୁରୀରେ ଆନେଥୋଲ୍ ନାମକ ଏକ ଯୌଗିକ ଥାଏ। ଯାହା ପେଟ ମାଂସପେଶୀକୁ ଆରାମ ଦିଏ।

ଓଜନ ହ୍ରାସ କରିବାରେ ସାହାଯ୍ୟ କରେ

ଯଦି ଆପଣ ଓଜନ ହ୍ରାସ କରିବାକୁ ଚେଷ୍ଟା କରୁଛନ୍ତି, ତେବେ ପାନମହୁରୀ ପାଣି ଏକ ଉତ୍ତମ ବିକଳ୍ପ ହୋଇପାରେ। ଏହା ମେଟାବୋଲିଜିମ୍ ବୃଦ୍ଧି କରେ, ଶରୀରକୁ କ୍ୟାଲୋରୀ ଦ୍ରୁତ ଗତିରେ ଜାଳିବାରେ ସାହାଯ୍ୟ କରେ। ପାନମହୁରୀ ପାଣି ଏକ ପ୍ରାକୃତିକ ମୂତ୍ରବର୍ଦ୍ଧକ, ଯାହା ଶରୀରରୁ ଅତିରିକ୍ତ ତରଳ ଏବଂ ବିଷାକ୍ତ ପଦାର୍ଥ ବାହାର କରିବାରେ ସାହାଯ୍ୟ କରେ। ଏହା ସହିତ, ଏଥିରେ ଥିବା ଫାଇବର ଆପଣଙ୍କୁ ଅଧିକ ସମୟ ପାଇଁ ତୃପ୍ତ ଅନୁଭବ କରାଇଥାଏ। ଅସ୍ୱାସ୍ଥ୍ୟକର ସ୍ନାକ୍ସିଂ ଏବଂ ଅତ୍ୟଧିକ ଖାଇବା ହ୍ରାସ କରେ।

ଶରୀରକୁ ଡିଟକ୍ସ କରେ ଏବଂ ରକ୍ତକୁ ଶୁଦ୍ଧ କରେ

ପାନମହୁରୀ ପାଣି ଏକ ଉତ୍କୃଷ୍ଟ ପ୍ରାକୃତିକ ଡିଟକ୍ସଫାୟାର। ଏହା ଶରୀରରୁ କ୍ଷତିକାରକ ବିଷାକ୍ତ ପଦାର୍ଥ ବାହାର କରିବାରେ ସାହାଯ୍ୟ କରେ, ବୃକକ୍ ଏବଂ ଯକୃତକୁ ସୁସ୍ଥ ରଖେ। ନିୟମିତ ପାନମହୁରୀ ପାଣି ପିଇବା ଦ୍ୱାରା ରକ୍ତ ଶୁଦ୍ଧ ହୁଏ, ଯାହା ଫଳରେ ଚର୍ମ ସଫା ଏବଂ ଚମକଦାର ହୁଏ। ଏହା ଶରୀରର ଆଭ୍ୟନ୍ତରୀଣ ଅଙ୍ଗଗୁଡ଼ିକୁ ସଫା କରେ ଏବଂ ସେମାନଙ୍କୁ ଭଲ ଭାବରେ କାର୍ଯ୍ୟ କରିବାରେ ସାହାଯ୍ୟ କରେ, ସାମଗ୍ରିକ ସ୍ୱାସ୍ଥ୍ୟରେ ଉନ୍ନତି ଆଣେ।

ହରମୋନ ସନ୍ତୁଳନ

ପାନମହୁରି ପାଣି ମହିଳାମାନଙ୍କ ସ୍ୱାସ୍ଥ୍ୟ ପାଇଁ ବିଶେଷ ଲାଭଦାୟକ ହୋଇପାରେ। ଏହା ହରମୋନ ସନ୍ତୁଳନ ବଜାୟ ରଖିବାରେ ସାହାଯ୍ୟ କରେ, ଯାହା ଅନିୟମିତ ଋତୁସ୍ରାବ ଏବଂ ଚଗଝ (ପ୍ରିମେନଷ୍ଟ୍ରୁଆଲ୍ ସିଣ୍ଡ୍ରୋମ୍) ଲକ୍ଷଣ ପରି ଋତୁସ୍ରାବ ସମସ୍ୟାରୁ ମୁକ୍ତି ଦେଇଥାଏ।ପାନମହୁରିରେ ଥିବା ଫାଇଟୋଏଷ୍ଟ୍ରୋଜେନ୍ ଋତୁସ୍ରାବ କ୍ରାମ୍ପ ଏବଂ ଯନ୍ତ୍ରଣାକୁ ହ୍ରାସ କରିବାରେ ସାହାଯ୍ୟ କରେ। ଏହା ମହିଳାମାନଙ୍କ ମଧ୍ୟରେ ମନୋଭାବ ପରିବର୍ତ୍ତନକୁ ନିୟନ୍ତ୍ରଣ କରିବାରେ ଏବଂ ମେନୋପଜୋଜ୍ ଲକ୍ଷଣକୁ ହ୍ରାସ କରିବାରେ ମଧ୍ୟ ସାହାଯ୍ୟ କରିପାରେ।

ମନକୁ ଶାନ୍ତି ଦିଏ-ଭଲ ନିଦ ଆସେ

ପାନମହୁରି ପ୍ରାକୃତିକ ତେଲ ଶରୀର ଉପରେ ଏକ ଶାନ୍ତ ପ୍ରଭାବ ପକାଇପାରେ। ଶୋଇବା ପୂର୍ବରୁ ଏହି ପାଣି ପିଇବା ଦ୍ୱାରା ସ୍ନାୟୁ ପ୍ରଣାଳୀକୁ ଆରାମ ଦିଏ। ଚାପ ସ୍ତର ହ୍ରାସ କରିବା ସହ ନିଦ ଗୁଣବତ୍ତାକୁ ଉନ୍ନତ କରେ। ଅତ୍ୟଧିକ କିମ୍ବା ବିଳମ୍ବରେ ଖାଦ୍ୟ ଖାଇବା ପରେ ଅସ୍ଥିରତା ହ୍ରାସ କରିଥାଏ। ରାତିସାରା ଗୋଟିଏ ମାସ ବ୍ୟବହାର କରିବା ପରେ, ଅନେକ ଲୋକ କୁହନ୍ତି ଯେ ସେମାନେ ଶୀଘ୍ର ଶୋଇପଡ଼ନ୍ତି ଏବଂ ଉଠି ହାଲୁକା ଅନୁଭବ କରନ୍ତି।

ମୁହଁରେ ହେଉଥିବା ସାଧାରଣ ଫୋଟକା ବି ହୋଇପାରେ କର୍କଟ

ମୁଖ ଗହ୍ୱର କର୍କଟକୁ ଲୋକେ ସେତିକି ଧ୍ୟାନ ଦିଅନ୍ତିନି ଯେତିକି ଦିଆଯିବା କଥା। ଏଠାରେ କର୍କଟ ରୋଗର ପ୍ରାରମ୍ଭିକ ଲକ୍ଷଣ ନାଟକୀୟ ହୋଇନଥାଏ ଓ ଯେବେ କୌଣସି ଅସୁବିଧା ବା ଯନ୍ତ୍ରଣା ହୁଏ ଲୋକେ ଅଣଦେଖା କରିଦେଇଥାନ୍ତି। ଲୋକେ ଭାବନ୍ତି ଏହା ଛୋଟମୋଟ ସମସ୍ୟା ନଚେତ ଦାନ୍ତ ବା ମାଢ଼ିର ସମସ୍ୟା, ମନକୁ ମନ ଭଲ ହୋଇଯିବ। ମୁଖ ଗହ୍ୱର କର୍କଟ ତମାଖୁ ଖାଇବା, ଧୂମ୍ରପାନ କରିବା ଓ ମଦ୍ୟପାନ କରିବା ଭଳି ଅଭ୍ୟାସ ସହିତ ଜଡିତ। ଏଭଳି ଅଭ୍ୟାସକୁ ଆଜିବି ସମାଜରେ କଳଙ୍କ ମନେ କରାଯାଏ।



ଲୋକେ ଏ ବାବଦେ ଡାକ୍ତରଙ୍କ ସହ ପରାମର୍ଶ କରିବାକୁ ମଧ୍ୟ ଚାହିଁନଥାନ୍ତି

ସଚେତନତାର ଅଭାବ ଏକ୍ଷେତ୍ରରେ ଏବେବି ସବୁଠୁ ବଡ଼ ସମସ୍ୟା ହୋଇ ରହିଛି। ଏଣୁ ଲୋକେ ଜାଣି ପାରନ୍ତିନି ଲକ୍ଷଣ ଉପରେ ଧ୍ୟାନ ଦିଆଯିବା ଦରକାର କି ପ୍ରାରମ୍ଭରେ ଚିହ୍ନଟ ହୋଇଗଲେ ଆଗକୁ କେଉଁ ସମସ୍ୟା ହେବ ? ହେଲେ ଲୋକେ ଯେତେବେଳେ ଏ ନେଇ ଡାକ୍ତରଙ୍କ ପାଖକୁ ପହଞ୍ଚିଥାନ୍ତି ସେତେବେଳକୁ ସମସ୍ୟା ଉତ୍କଟ ହୋଇସାରିଥାଏ। ଏହି ନିରବତା ହିଁ ମୁଖ ଗହ୍ୱର କର୍କଟର ସବୁଠୁ ବଡ଼ ମୁଖ୍ୟ କାରଣ। ମୁହଁରେ ଘା ଅଥବା ଫୋଟକା ହେବା ସାଧାରଣ କଥା। ହେଲେ କେବେ କେବେ ଏହା ଗୁରୁତର ସମସ୍ୟାର କାରଣ ବି ହୋଇପାରେ।

ସାଧାରଣତଃ ତମାଖୁ ସେବନ କରୁଥିବା ଲୋକେ, ଧୂମ୍ରପାନ କରୁଥିଲେ କିମ୍ବା ମଦ୍ୟପାନ କରୁଥିବା ଲୋକଙ୍କ ମୁହଁରେ ଘା ହେଲେ କି ଫୋଟକା ଉଠିଲେ ଖାସ କରି ଯେବେ ଦୁଇ ସପ୍ତାହରେ ଠିକ୍ ନ ହୁଏ ଓ ପରିସ୍ଥିତି ବିଗିଡି ଯାଏ ତେବେ ତୁରନ୍ତ ଡାକ୍ତରଙ୍କ ପରାମର୍ଶ କରିବା ଉଚିତ। କର୍କଟ ରୋଗ ସମ୍ପର୍କରେ ସଚେତନତା ସୃଷ୍ଟି କରିବାକୁ ସାରା ବିଶ୍ୱରେ ଫେବୃଆରୀ ୪ ତାରିଖକୁ ବିଶ୍ୱ କ୍ୟାନସର ଦିବସ ପାଳନ କରାଯାଏ। ଏହି ଅବସରରେ ମୁମ୍ବାଇସ୍ଥିତ ସାର ଏଚ.ଏନ. ରିଲାଏନ୍ସ ଫାଉଣ୍ଡେସନ ହସ୍ପିଟାଲରେ ଅନକୋ ସାଇନ୍ସେସ ଅଧ୍ୟକ୍ଷ ଡ. ବିଜୟ ହରିଭକ୍ତି ମୁଖ କର୍କଟର ସାଧାରଣ ଲକ୍ଷଣ, ଘାଆ ବା ଫୋଟକାର ତତ୍କାଳ ଚିକିତ୍ସା କିପରି କରାଯିବ ସେ ସମ୍ପର୍କରେ ସୂଚିତ କରିଛନ୍ତି।

ସେ କହିଛନ୍ତି ଯେ ମୁହଁରେ ଚିହ୍ନ ଅନେକ ପ୍ରକାରର ହୋଇଥାଏ ଓ ସେ ଗୁଡିକ ସାଧାରଣତଃ ଧଳା ବା ଲାଲ ଚିହ୍ନ ହୋଇଥାଏ। ମୁହଁରେ ଫୋଟକା ଛୋଟ ତଥା ଯନ୍ତ୍ରଣାଦାୟକ ହୋଇଥାଏ। ଏହା ମଝିରେ ଧଳା କିମ୍ବା ହଳଦିଆ ଚିହ୍ନ ଥାଏ ଓ ଏହାର ଚାରିପାଖ ଲାଲ ହୋଇଥାଏ। ଏହା ଯନ୍ତ୍ରଣାଦାୟକ ହୋଇଥିଲେ ବି ସପ୍ତାହ ବା ଦୁଇ ସପ୍ତାହରେ ଠିକ୍ ହୋଇଯାଏ। ମୁହଁରେ ଫୋଟକା ଅଧିକାଂଶ ହାନିକାରକ ହୋଇନଥାଏ। ଏହା ଆଘାତ, ସଂକ୍ରମଣ ଅଥବା ଭିଟାମିନ ଅଭାବ ଯୋଗୁ ମଧ୍ୟ ହୋଇଥାଏ। ତେବେ ମୁଖ କର୍କଟରୁ ବର୍ତ୍ତିବା ବାଇଁ ତମାଖୁ ସେବନ ଓ ଅତ୍ୟଧିକ ମଦ୍ୟପାନରୁ ବର୍ତ୍ତିବା ଦରକାର। ହେଲେ ଏପରି କର୍କଟ ରୋଗରୁ ରକ୍ଷା ପାଇବା ପାଇଁ ସବୁଠୁ ଭଲ ଉପାୟ ହେଉଛି ଶୀଘ୍ର ନିଦାନ ବା ଡାକ୍ତରଙ୍କ ସହ ପରାମର୍ଶ କରିବା। ଏହା ଛଡା ମୁହଁରେ ହେଉଥିବା ଚିହ୍ନ ଅଥବା ଘାଆକୁ କେବେ ଅଣଦେଖା ନକରିବା। ଖାସ କରି ଯଦି ଏହା ଭଲ ହେଉ ନଥାଏ, ଏହାର ରଙ୍ଗ ବଦଳୁଥାଏ କିମ୍ବା ଏହା ଦ୍ୱାରା ଯନ୍ତ୍ରଣା ହେଲେ ସଂକୋଚ ନ କରି ଡାକ୍ତରଙ୍କ ପରାମର୍ଶ ନେବା ଜରୁରି।

ନାରୀର ନୀରବ ଲୁହ ଓ ଆଇନର ନ୍ୟାୟ: ଘରୋଇ ହିଂସା ବିରୋଧରେ ଜଣେ ଅଧିବକ୍ତାଙ୍କ ସ୍ୱର

''ଯେଉଁ ଘରେ ନାରୀର ଆଖିରୁ ଲୁହ ଝରେ, ସେହି ଘରର ନିରବତା ମଧ୍ୟ ନ୍ୟାୟ ପାଇଁ ଆହ୍ୱାନ କରେ। ଆଇନ କେବଳ ଅପରାଧର ଦଣ୍ଡ ନୁହେଁ, ଅସହାୟଙ୍କ ଅଧିକାର ଓ ସମ୍ମାନର ସୁରକ୍ଷା କବଚ।''

ଉପକ୍ରମ

ନାରୀ ହେଉଛି ପରିବାରର ଆଧାର, ସମାଜର ଶକ୍ତି ଏବଂ ମାନବ ସଭ୍ୟତାର ଏକ ଅବିଚ୍ଛେଦ୍ୟ ଅଂଶ। ତଥାପି ଆଜିର ଆଧୁନିକ ସମାଜରେ ଅନେକ ନାରୀ ନିଜ ଘର ଭିତରେ ହିଁ ଅସମ୍ମାନ, ମାନସିକ ନିର୍ଯାତନା, ଆର୍ଥିକ ନିୟନ୍ତ୍ରଣ ଓ ଶାରୀରିକ ହିଂସାର ଶିକାର ହେଉଛନ୍ତି। ଯେଉଁ ଘରକୁ ସେ ସର୍ଗ ବୋଲି ଭାବିଥାଏ, ସେହି ଘର ଯଦି ତା'ର ଯନ୍ତ୍ରଣାର କାରଣ ହୋଇଯାଏ, ତେବେ ତା'ର ମନର ବେଦନାକୁ ବୁଝିବା ଆମ ସମସ୍ତଙ୍କ ଦାୟିତ୍ୱ।

ଜଣେ ଅଧିବକ୍ତା ଭାବରେ ମୋର ମତ ହେଉଛି, ନାରୀଙ୍କୁ କେବଳ ସହାନୁଭୂତି ନୁହେଁ, ନିଜ ଅଧିକାର ସମ୍ପର୍କରେ ସଠିକ୍ ଜ୍ଞାନ, ସାମାଜିକ ସମର୍ଥନ ଓ ନ୍ୟାୟ ପାଇବାର ସୁଯୋଗ ମିଳିବା ଆବଶ୍ୟକ।

ଘରୋଇ ହିଂସା କେବଳ ମାଡ଼ ମାରିବା ନୁହେଁ: ଆମ ସମାଜରେ ଏକ ଭୁଲ ଧାରଣା ରହିଛି ଯେ ମହିଳାଙ୍କୁ ମାଡ଼ ମାରିଲେ ହିଁ ତାହାକୁ ଘରୋଇ ହିଂସା କୁହାଯାଏ। କିନ୍ତୁ ଆଇନର ଦୃଷ୍ଟିରେ ଘରୋଇ ହିଂସାର ପରିସର ଅଧିକ ବ୍ୟାପକ। Protection of Women from Domestic Violence Act, ୨୦୦୫ ଅର୍ଥାତ୍ ମହିଳାଙ୍କୁ ଘରୋଇ ହିଂସାରୁ ସୁରକ୍ଷା ଦେବା ଆଇନ ଅନୁଯାୟୀ, ଶାରୀରିକ ହିଂସା ସହିତ ଯୌନ ନିର୍ଯାତନା, ମୌଖିକ ଓ ଭାବନାତ୍ମକ ନିର୍ଯାତନା, ଏବଂ ଆର୍ଥିକ ନିର୍ଯାତନା ମଧ୍ୟ ନିର୍ଦ୍ଦିଷ୍ଟ ପରିସ୍ଥିତିରେ ଘରୋଇ ହିଂସାର ଅନ୍ତର୍ଭୁକ୍ତ। ଆଇନର ଧାରା ୩ ଏହି ବିଷୟଗୁଡ଼ିକୁ ବ୍ୟାଖ୍ୟା କରିଛି।



ନିବେଦିତା ପ୍ରିୟଦର୍ଶିନୀ ଶୁକ୍ଲା
ବିଡାନାସୀ, କଟକ, ଓଡ଼ିଶା
୭୦୦୮୪୭୮୯୮୬

ବାରମ୍ବାର ଅପମାନ କରିବା, ଭୟଭୀତ କରିବା, ଅନ୍ୟାୟ ଯୌତୁକ ଦାବି ପାଇଁ ନିର୍ଯାତନା ଦେବା କିମ୍ବା ଟଙ୍କା ଓ ଆବଶ୍ୟକ ସମ୍ପଦ ଉପରେ ଅନ୍ୟାୟ ନିୟନ୍ତ୍ରଣ ରଖିବା ଭଳି ଆଚରଣ ମଧ୍ୟ ପରିସ୍ଥିତି ଅନୁଯାୟୀ ଆଇନଗତ ପ୍ରଶ୍ନ ସୃଷ୍ଟି କରିପାରେ। ତେଣୁ ନିର୍ଯାତନାକୁ ପରିବାରର ବ୍ୟକ୍ତିଗତ କଥା କହି ଅଣଦେଖା କରିବା ଉଚିତ ନୁହେଁ।

ଆଇନ ନାରୀଙ୍କୁ କେଉଁ ସୁରକ୍ଷା ଦିଏ ?: ଭାରତୀୟ ଆଇନର ଉଦ୍ଦେଶ୍ୟ ହେଉଛି ପୀଡ଼ିତାଙ୍କ ସୁରକ୍ଷା, ସମ୍ମାନ ଓ ଅଧିକାରକୁ ସୁନିଶ୍ଚିତ କରିବା। ଘରୋଇ ହିଂସା ଆଇନ ଅନୁଯାୟୀ, ଉପଯୁକ୍ତ ପରିସ୍ଥିତିରେ ଅଦାଲତ ସୁରକ୍ଷା ଆଦେଶ, ବାସସ୍ଥାନ ସମ୍ବନ୍ଧୀୟ ଆଦେଶ, ଆର୍ଥିକ ସହାୟତା, ସନ୍ତାନର ଅସ୍ଥାୟୀ ହେପାଜତ ଏବଂ କ୍ଷତିପୂରଣ ସମ୍ବନ୍ଧୀୟ ଆଦେଶ ଦେଇପାରନ୍ତି। ଏହା ସମ୍ପୃକ୍ତ ତଥ୍ୟ ଓ ଆଇନଗତ ସର୍ତ୍ତ ଉପରେ ନିର୍ଭର କରେ।

ଏହି ଆଇନର ଏକ ଗୁରୁତ୍ୱପୂର୍ଣ୍ଣ ଦିଗ ହେଉଛି ସାଧାରଣ ବାସସ୍ଥାନ ସହିତ ସମ୍ବନ୍ଧିତ ଅଧିକାର। ନାରୀଙ୍କୁ କେବଳ ପାରିବାରିକ ବିବାଦ ହେଲା ବୋଲି ଆଇନର ସୁରକ୍ଷା ବିଷୟରେ ଅଜ୍ଞ ରଖିବା ଉଚିତ ନୁହେଁ। ନିଜ ପରିସ୍ଥିତି ଅନୁଯାୟୀ ଉପଯୁକ୍ତ ଆଇନଗତ ପରାମର୍ଶ ନେବା ତାଙ୍କ ପାଇଁ ଗୁରୁତ୍ୱପୂର୍ଣ୍ଣ। ନୀରବତା ନୁହେଁ, ସଚେତନତା ହେଉ ନାରୀର ଶକ୍ତି: ଅନେକ ମହିଳା ପରିବାରର ସମ୍ମାନ, ସନ୍ତାନଙ୍କ ଭବିଷ୍ୟତ ଓ ସମାଜର ଭୟରେ ନିଜ ଯନ୍ତ୍ରଣାକୁ ଲୁଚାଇ ରଖନ୍ତି। ସେମାନେ ଭାବନ୍ତି, ନିଜ କଥା ପ୍ରକାଶ କଲେ ସଂସାର ଭାଙ୍ଗିଯିବ କିମ୍ବା ସମାଜ ତାଙ୍କୁ ଦୋଷ ଦେବ। କିନ୍ତୁ ଅନ୍ୟାୟ ସହିବାକୁ ବାଧ ହେବା ଏବଂ ଅନ୍ୟାୟ ବିରୋଧରେ ନ୍ୟାୟସଙ୍ଗତ ପଦକ୍ଷେପ ନେବା ଏହି ଦୁଇଟି ଭିନ୍ନ କଥା।

ପ୍ରତ୍ୟେକ ମହିଳା ନିଜର ସୁରକ୍ଷାକୁ ପ୍ରାଥମିକତା ଦେବା ଉଚିତ। ଆବଶ୍ୟକ ସ୍ଥଳେ ବିଶ୍ୱସ୍ତ ବ୍ୟକ୍ତି, ଆଇନଜୀବୀ, ସମ୍ପୃକ୍ତ ସରକାରୀ ଅଧିକାରୀ କିମ୍ବା ମହିଳା ସହାୟତା ସେବାର ସହଯୋଗ ନିଆଯାଇପାରେ। ନିର୍ଯାତନା ସମ୍ବନ୍ଧୀୟ ମେସେଜ୍, ଚିକିତ୍ସା ରେକର୍ଡ କିମ୍ବା ଅନ୍ୟ ପ୍ରାସଙ୍ଗିକ ପ୍ରମାଣ ଥିଲେ ସେଗୁଡ଼ିକୁ ସୁରକ୍ଷିତ ଭାବରେ ରଖିବା ମଧ୍ୟ ଉପଯୋଗୀ ହୋଇପାରେ।

ଜଣେ ଅଧିବକ୍ତାଙ୍କ ସାମାଜିକ ଦାୟିତ୍ୱ: ଅଧିବକ୍ତାଙ୍କ କର୍ତ୍ତବ୍ୟ କେବଳ ଅଦାଲତରେ ମାମଲା ଲଢ଼ିବାରେ ସୀମିତ ନୁହେଁ। ଆଇନ ସମ୍ପର୍କରେ ଲୋକଙ୍କୁ ସଚେତନ କରିବା, ଅସହାୟ ବ୍ୟକ୍ତିଙ୍କୁ ଉପଯୁକ୍ତ ମାର୍ଗଦର୍ଶନ ଦେବା ଏବଂ ନ୍ୟାୟ ପ୍ରତି ସମାଜର ବିଶ୍ୱାସକୁ ଦୃଢ଼ କରିବା ମଧ୍ୟ ଏକ ବ୍ୟାପକ ସାମାଜିକ ଦାୟିତ୍ୱ।

ଜଣେ ଅଧିବକ୍ତା ଭାବରେ ମୁଁ ବିଶ୍ୱାସ କରେ, ଆଇନର ସଠିକ୍ ଜ୍ଞାନ ଜଣେ ନିରାଶ ମଣିଷଙ୍କ ମନରେ ନୂଆ ଆଶା ସୃଷ୍ଟି କରିପାରେ। ନାରୀଙ୍କୁ ତାଙ୍କର ଅଧିକାର ବିଷୟରେ ଜଣାଇବା, ଆଇନଗତ ସହାୟତା ନେବା ପାଇଁ ଉତ୍ସାହିତ କରିବା ଏବଂ ନ୍ୟାୟ ପ୍ରକ୍ରିୟା ସମ୍ପର୍କରେ ସଠିକ୍ ସୂଚନା ଦେବା ଆମ ସମସ୍ତଙ୍କ ଦାୟିତ୍ୱ। ସେହିପରି, ନ୍ୟାୟ ମାଗୁଥିବା ପ୍ରତ୍ୟେକ ବ୍ୟକ୍ତିଙ୍କ କଥାକୁ ଧୈର୍ଯ୍ୟର ସହିତ ଶୁଣିବା ଓ ପ୍ରମାଣ ଏବଂ ଆଇନ ଆଧାରରେ ଉପଯୁକ୍ତ ପରାମର୍ଶ ଦେବା ଅତ୍ୟନ୍ତ ଆବଶ୍ୟକ।

ଉପସଂହାର

ଏକ ସଭ୍ୟ ସମାଜର ପରିଚୟ ତାହାର ଉଚ୍ଚ ଅଟ୍ଟାଳିକା କିମ୍ବା ଆର୍ଥିକ ସମୃଦ୍ଧିରେ ନୁହେଁ, ବରଂ ତାହାର ନାଗରିକମାନେ କେତେ ସୁରକ୍ଷିତ, ସମ୍ମାନିତ ଓ ନ୍ୟାୟପ୍ରାପ୍ତ ହେଉଛନ୍ତି, ସେଥିରେ ରହିଛି। ନାରୀର ଆଖିର ଲୁହକୁ ଦୁର୍ବଳତା ଭାବିବା ନୁହେଁ ସେହି ଲୁହ ପଛରେ ଥିବା ଯନ୍ତ୍ରଣାକୁ ବୁଝିବା ଦରକାର। ତାଙ୍କୁ କେବଳ ସହିବାକୁ ଉପଦେଶ ଦେବା ନୁହେଁ, ତାଙ୍କୁ ନିଜ ଅଧିକାର ଜାଣିବା, ସାଭିମାନର ସହିତ ବଞ୍ଚିବା ଓ ଆବଶ୍ୟକ ସମୟରେ ଆଇନର ସହାୟତା ନେବାର ସୁଯୋଗ ଦେବା ଉଚିତ। ମନେ ରଖିବା ଦରକାରନ୍ୟାୟ କେବଳ ଅଦାଲତର ରାୟରେ ନୁହେଁ, ଜଣେ ମଣିଷ ନିଜ ଅଧିକାର ଓ ସମ୍ମାନ ସହିତ ବଞ୍ଚିପାରିବାରେ ମଧ୍ୟ ପ୍ରତିଫଳିତ ହୁଏ। ଆସନ୍ତୁ, ଏକ ଏପରି ସମାଜ ଗଢ଼ିବା, ଯେଉଁଠି ନାରୀର ନୀରବତା ତା'ର ବାଧ୍ୟତା ହେବ ନାହିଁ, ତା'ର ସ୍ୱରକୁ ସମ୍ମାନ ମିଳିବ ଏବଂ ଆଇନର ସୁରକ୍ଷା ପ୍ରତ୍ୟେକ ଯୋଗ୍ୟ ବ୍ୟକ୍ତିଙ୍କ ପାଖରେ ପହଞ୍ଚିବ।

ନେତା ତିଆରି କାରଖାନା



କିଶୋର ଚନ୍ଦ୍ର ବେହେରା
ଅଧ୍ୟାପକ, ରାଜନୀତି ବିଜ୍ଞାନ ବିଭାଗ
ସିନ୍ଧେଦେବୀ ସ୍ନାତକ ମହାବିଦ୍ୟାଳୟ
ନନ୍ଦପୁର, ଜିଲ୍ଲା: କୋରାପୁଟ,
୯୪୩୭୯୫୫୫୬୮

ଭଗବାନଙ୍କୁ ପୂଜା କରିବା ପାଇଁ ଆମେ ମନ୍ଦିରକୁ ଯାଉ, ଜ୍ଞାନ ଓ ଶିକ୍ଷା ରୂପକ ଅମୂଲ୍ୟ ରତ୍ନ ହାସଲ କରିବା ପାଇଁ ପିଲାମାନେ ବିଦ୍ୟାଳୟକୁ ଯାନ୍ତି। ଏହି କାରଣରୁ ବିଦ୍ୟାଳୟକୁ ଏକ ପବିତ୍ର ସ୍ଥାନ ବା ବିଦ୍ୟାର ମନ୍ଦିର ବୋଲି ବିବେଚନା କରାଯାଏ । ଯେଉଁଠାରେ ମାତାପିତାଙ୍କର ଯୋଗ୍ୟ ସନ୍ତାନ ତଥା ଦେଶର ସୁନାଗରିକ ତିଆରି ହୁଅନ୍ତି। ଏଣୁ ପ୍ରତ୍ୟେକ ଶିକ୍ଷାନୁଷ୍ଠାନକୁ ମଣିଷ ତିଆରି କାରଖାନା କୁହାଯାଏ। ଜାତି, ଧର୍ମ, ବର୍ଣ୍ଣ, ରଙ୍ଗ, ଆଞ୍ଚଳିକତା ଓ ଧନୀ-ନିର୍ଦ୍ଧନ ନିର୍ବିଶେଷରେ ଏଠାରେ ଛାତ୍ରୀଛାତ୍ରମାନେ ଅଧ୍ୟୟନ କରନ୍ତି। ମାତାପିତା ତଥା ଅଭିଭାବକମାନେ ମୁଣ୍ଡଝାଳ ତୁଣ୍ଡରେ ମାରି ନିଜ ପେଟରୁ କାଟି ପିଲାମାନଙ୍କୁ ଯୋଗ୍ୟ ମଣିଷ କରିବା ପାଇଁ ବିଭିନ୍ନ ଶିକ୍ଷାନୁଷ୍ଠାନକୁ ପଠାଇଥାନ୍ତି। ସେଠାରେ ଥିବା ଶିକ୍ଷକ, ଶିକ୍ଷୟିତ୍ରୀ, ଅଧ୍ୟାପକ ଓ ଅଧ୍ୟାପିକାମାନେ ପିଲାମାନଙ୍କୁ ପାଠ୍ୟପୁସ୍ତକ ବିଷୟରେ ଚର୍ଚ୍ଚା କରିବାଠାରୁ ଆରମ୍ଭ କରି ସମାଜସେବା ତଥା ଦେଶ ଶାସନ ପର୍ଯ୍ୟନ୍ତ ଶିକ୍ଷାଦାନ କରନ୍ତି। ଛାତ୍ରୀଛାତ୍ରମାନେ କିଭଳି ସୁନାଗରିକ ହେବେ, ସେଥିପାଇଁ ଚେଷ୍ଟା କରନ୍ତି। ତେଣୁ କୁହାଯାଏ ଶିକ୍ଷୟିତ୍ରୀଶିକ୍ଷକ ହେଉଛନ୍ତି ଛାତ୍ରୀଛାତ୍ରଙ୍କର ଦ୍ୱିତୀୟ ମାତାପିତା। ମହାବିଦ୍ୟାଳୟ ଓ ବିଶ୍ୱବିଦ୍ୟାଳୟର ଅଧ୍ୟାପକ ଓ ଅଧ୍ୟାପିକା ବିଦ୍ୟାର୍ଥୀଙ୍କ ସୁନ୍ଦର ଭବିଷ୍ୟତ ଗଢ଼ିବାକୁ ସଦା ସର୍ବଦା ପ୍ରଚେଷ୍ଟା ଜାରି ରଖିଥାନ୍ତି। ରାଷ୍ଟ୍ର ନିର୍ମାଣରେ ଛାତ୍ରଛାତ୍ରୀଙ୍କ ଭୂମିକା ସଂପର୍କରେ ଶ୍ରେଣୀ ଗୃହରେ ପାଠପଢ଼ା ଯାଉଥିବା ବେଳେ, ସେହି ବିଦ୍ୟାର୍ଥୀମାନେ ଅନେକ ରାଜନୈତିକ ରାଜନେତାଙ୍କ ଦର୍ଶନତତ୍ୱ ଓ ଚିନ୍ତାଧାରାରେ ଅନୁପ୍ରାଣିତ ହୋଇ ଗଣତାନ୍ତ୍ରିକ ପଦ୍ଧତିରେ ନିଜକୁ ସାମିଲ କରିବା ପାଇଁ ପ୍ରଚେଷ୍ଟା କରିଥାନ୍ତି। ଏହି ପରିପ୍ରେକ୍ଷୀରେ ଉଚ୍ଚଶିକ୍ଷା ବିଭାଗ ଓଡ଼ିଶା ସରକାରଙ୍କ ସରକାରୀ ଓ ସରକାରୀ ଅନୁଦାନ ପ୍ରାପ୍ତ ମହାବିଦ୍ୟାଳୟ ଓ ସରକାରୀ ବିଶ୍ୱବିଦ୍ୟାଳୟକୁ 'ନେତା ତିଆରି କାରଖାନା' ରୂପେ ବିବେଚନା କରାଯାଏ।

ଭାରତ ବର୍ଷର ଖ୍ୟାତନାମା ଜନପ୍ରିୟ ରାଜନେତାଙ୍କ ରାଜନୈତିକ ଚିନ୍ତାଧାରା ଆରମ୍ଭ ହୁଏ ପ୍ରତିଷ୍ଠିତ ମହାବିଦ୍ୟାଳୟ ଓ ବିଶ୍ୱବିଦ୍ୟାଳୟ ଶିକ୍ଷାନୁଷ୍ଠାନରୁ। 'ନେତା ତିଆରି କାରଖାନା' ବାସ୍ତବରେ କୌଣସି ଯାନ୍ତ୍ରିକ କାରଖାନା ନୁହେଁ, ବରଂ ଏହା ଏକ ରାଜନୈତିକ ଏବଂ ସାମାଜିକ ରୂପକ। ସାଧାରଣତଃ ଯେଉଁ ଅନୁଷ୍ଠାନ, ସଂଗଠନ କିମ୍ବା ପରିବେଶରୁ ଦକ୍ଷ, ପ୍ରଭାବଶାଳୀ ଏବଂ ଜନହିତକର ନେତୃତ୍ୱ ଗଢ଼ିଉଠନ୍ତି, ତାହାକୁ 'ନେତା ତିଆରି କାରଖାନା' ବୋଲି କୁହାଯାଏ। ଛାତ୍ର ଜୀବନରୁ ଆରମ୍ଭ ହୋଇଥାଏ ନେତୃତ୍ୱ ନେବାର ଜିଜ୍ଞାସା। ରାଷ୍ଟ୍ର ଗଠନ ଏବଂ ସମାଜର ବିକାଶରେ ଛାତ୍ରନେତାମାନଙ୍କର ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ଏବଂ ପ୍ରେରଣାଦାୟକ। ଛାତ୍ରନେତାଙ୍କ ମୁଖ୍ୟ ଭୂମିକାଗୁଡ଼ିକ ମଧ୍ୟରେ ଯୁବପିଢ଼ିକୁ ଏକାଠି କରି ସାମାଜିକ ଓ ରାଜନୈତିକ ସଚେତନତା ସୃଷ୍ଟି କରନ୍ତି। ଶିକ୍ଷା, ସାସ୍ଥ୍ୟ ଏବଂ ସାମାଜିକ ଅନ୍ୟାୟ ବିରୁଦ୍ଧରେ ସ୍ୱର ଉତ୍ତୋଳନ କରି ପ୍ରଶାସନର ଦୃଷ୍ଟି ଆକର୍ଷଣ କରନ୍ତି । ବିପର୍ଯ୍ୟୟ ସମୟରେ ରିଲିଫ୍ ବଣ୍ଟନ, ରକ୍ତଦାନ ଶିବିର ଏବଂ ସଚେତନତା ଅଭିଯାନ ପରି କାର୍ଯ୍ୟରେ ନେତୃତ୍ୱ ନିଅନ୍ତି। ଛାତ୍ର ସଂଗଠନ ମାଧ୍ୟମରେ ସେମାନେ ଭବିଷ୍ୟତର ଦକ୍ଷ ରାଜନୈତିକ ଓ ସାମାଜିକ ନେତା ଭାବେ ଗଢ଼ି ହୋଇଥାଆନ୍ତି। ଦୀର୍ଘ ଆଠବର୍ଷ ପରେ ଓଡ଼ିଶାର ଉଚ୍ଚଶିକ୍ଷାନୁଷ୍ଠାନ ଗୁଡ଼ିକରେ ୨୦୨୬-୨୭ ଶିକ୍ଷାବର୍ଷ ପାଇଁ ଛାତ୍ର ସଂସଦ ନିର୍ବାଚନ ସଫଳତାର ସହ ଅନୁଷ୍ଠିତ ହୋଇଯାଇଛି। ଓଡ଼ିଶା ସରକାରଙ୍କ ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ ଏହି ନିର୍ବାଚନ ପାଇଁ ଅକ୍ଟୋବର ପ୍ରଥମ ସପ୍ତାହରେ ବିଧିବଦ୍ଧ ବିଜ୍ଞପ୍ତି ପ୍ରକାଶ ପାଇଥିଲା। ୧୫ ଅକ୍ଟୋବର ୨୦୨୬ ରିଖରେ ସାରା ରାଜ୍ୟରେ ଏକ ସମୟରେ ମତଦାନ ଓ ଚୟନ ପ୍ରକ୍ରିୟାରେ ଛାତ୍ରଛାତ୍ରୀ ବାଛିଥିଲେ ନିଜ ପସନ୍ଦର ଛାତ୍ରନେତା ଏବଂ ସେହିଦିନ ହିଁ ଫଳାଫଳ ପ୍ରକାଶ ପାଇଥିଲା । ରାଜ୍ୟର ପ୍ରାୟ ୧୩ଟି ବିଶ୍ୱବିଦ୍ୟାଳୟ ଏବଂ ୩୪୬ଟି ମହାବିଦ୍ୟାଳୟ ସମେତ ମୋଟ ୩୫୯ଟି ଶିକ୍ଷାନୁଷ୍ଠାନ ଏଥିରେ ସାମିଲ ହୋଇଥିଲେ ନାମାଙ୍କନ ପତ୍ର ଯାଞ୍ଚ ଓ ପ୍ରତ୍ୟାହାର ପ୍ରକ୍ରିୟା ଶେଷ ହେବା ପରେ ମୋଟ ୬,୮୯୧ ଜଣ ପ୍ରାର୍ଥୀ ନିର୍ବାଚନୀ ମଇଦାନକୁ ଓହ୍ଲାଇଥିଲେ। ନିର୍ବାଚନ ଶେଷ ହେବା ପରେ ବିଜୟୀ ପ୍ରାର୍ଥୀମାନେ ନିଜ ନିଜ ଛାତ୍ର ସଂଗଠନ ଯେପରିକି ଏବିଭିପି, ବିସିଜେଡି ଓ ଏନଏସୟୁଆଇର ପ୍ରମୁଖ ନେତା ଓ ଦଳୀୟ ମୁଖିଆମାନଙ୍କୁ ଭେଟିବା ଆରମ୍ଭ କରିଛନ୍ତି, ଯାହାକୁ ନେଇ ରାଜ୍ୟ ରାଜନୀତି ଏବେ ବେଶ୍ ସରଗରମ ରହିଛି।

ଭାରତୀୟ ରାଜନୀତିରେ ଏମିତି ଅନେକ ପ୍ରଭାବଶାଳୀ ନେତା ଅଛନ୍ତି, ଯେଉଁମାନେ ନିଜର ରାଜନୈତିକ ଜୀବନ ଛାତ୍ର ପ୍ରତିନିଧି ବା ଛାତ୍ରନେତା ଭାବେ ଆରମ୍ଭ କରିଥିଲେ ଏବଂ ପରବର୍ତ୍ତୀ ସମୟରେ ଜାତୀୟ ତଥା ଆଞ୍ଚଳିକ ସ୍ତରରେ ବେଶ୍ ଖ୍ୟାତି ଅର୍ଜନ କରିଛନ୍ତି। ଭାରତର କିଛି ପ୍ରମୁଖ ଏବଂ ଜନପ୍ରିୟ ପ୍ରାକ୍ତନ ଓ ବର୍ତ୍ତମାନର ଛାତ୍ରନେତାମାନଙ୍କ ମଧ୍ୟରେ ଜାତୀୟ ସ୍ତରରେ ଚର୍ଚ୍ଚିତ ସାମ୍ପ୍ରତିକ ଛାତ୍ରନେତ କହ୍ନେୟା କୁମାର ଜବାହରଲାଲ ନେହେରୁ ବିଶ୍ୱବିଦ୍ୟାଳୟର ଛାତ୍ର ସଂସଦ ସଭାପତି ଭାବେ ସେ ସାରା ଦେଶରେ ପରିଚିତ ହୋଇଥିଲେ। ନିଜର ଓଜସିନୀ ଭାଷଣ ଶୈଳୀ ପାଇଁ ସେ ବେଶ୍ ଜନପ୍ରିୟ ଏବଂ ବର୍ତ୍ତମାନ କଂଗ୍ରେସ ଦଳର ଜଣେ ପ୍ରମୁଖ ଯୁବ ନେତା। ସେହିଭଳି ଉମର ଖାଲିଦ ଜବାହରଲାଲ ନେହେରୁ ବିଶ୍ୱବିଦ୍ୟାଳୟରରୁ ନିଜର ଛାତ୍ର ଆନ୍ଦୋଳନ ଆରମ୍ଭ କରିଥିବା ଉମର, ବିଭିନ୍ନ ସାମାଜିକ ଓ ରାଜନୈତିକ ପ୍ରସଙ୍ଗରେ ନିଜର ସ୍ୱର ଉତ୍ତୋଳନ କରି ଚର୍ଚ୍ଚାକୁ ଆସିଥିଲେ। ଶେହଲା ରଶିଦ ମଧ୍ୟ ଜବାହରଲାଲ ନେହେରୁ ବିଶ୍ୱବିଦ୍ୟାଳୟର ଛାତ୍ର ସଂସଦର ପୂର୍ବତନ ଉପସଭାପତି ଭାବେ କାଶ୍ମୀର ତଥା ଦେଶର ବିଭିନ୍ନ ଛାତ୍ର ସମସ୍ୟାକୁ ନେଇ ସେ ସକ୍ରିୟ ଥିଲେ। ପ୍ରାକ୍ତନ ଛାତ୍ରନେତାଙ୍କ ମଧ୍ୟରେ ଅରୁଣ ଜେଟଲୀ ଦିଲ୍ଲୀ ବିଶ୍ୱବିଦ୍ୟାଳୟର ଛାତ୍ର ସଂସଦ ସଭାପତି ଭାବେ ସେ ନିଜ ରାଜନୈତିକ ଜୀବନ ଆରମ୍ଭ କରିଥିଲେ ଏବଂ ପରବର୍ତ୍ତୀ ସମୟରେ ଭାରତର ଅର୍ଥମନ୍ତ୍ରୀ ଭାବେ ଦାୟିତ୍ୱ ତୁଲାଇଥିଲେ। ଲାଲୁ ପ୍ରସାଦ ଯାଦବ ପାଟନା ବିଶ୍ୱବିଦ୍ୟାଳୟର ଛାତ୍ର ସଂସଦର ସଭାପତି ଥିଲେ। ୧୯୭୪ ମସିହାରେ ଜେ.ପି. (ଜୟପ୍ରକାଶ ନାରାୟଣ) ଆନ୍ଦୋଳନର ସେ ଜଣେ ପ୍ରମୁଖ ଛାତ୍ରନେତା ଥିଲେ ଏବଂ ପରେ ବିହାରର ମୁଖ୍ୟମନ୍ତ୍ରୀ ଓ ଦେଶର ରେଳମନ୍ତ୍ରୀ ହୋଇଥିଲେ। ନୀତୀଶ କୁମାର ବିହାରର ବର୍ତ୍ତମାନର ମୁଖ୍ୟମନ୍ତ୍ରୀ ମଧ୍ୟ ପାଟନା ବିଶ୍ୱବିଦ୍ୟାଳୟରୁ ଜେ.ପି. ଆନ୍ଦୋଳନ ସମୟରେ ଜଣେ ସକ୍ରିୟ ଛାତ୍ରନେତା ଭାବେ ଉଭା ହୋଇଥିଲେ। ମମତା ବାନାର୍ଜୀ କଲିକତା ବିଶ୍ୱବିଦ୍ୟାଳୟରୁ କଂଗ୍ରେସର ଛାତ୍ର ସଂଗଠନ (ଛାତ୍ର ପରିଷଦ) ଜରିଆରେ ନିଜର ରାଜନୈତିକ କ୍ୟାରିୟର ଆରମ୍ଭ କରିଥିଲେ ଏବଂ ପଶ୍ଚିମବଙ୍ଗର ତିନିଥର ମୁଖ୍ୟମନ୍ତ୍ରୀ ସଫଳତାର ସହ କାର୍ଯ୍ୟଭାର ତୁଲାଇଥିଲେ।

।। ମାଂସ ।।



ନିରଞ୍ଜନ ନାୟକ
ଟିକିରି,କାଶୀପୁର, ରାୟଗଡା
ମୋ- ୯୪୩୭୩୧୭୪୧୭

ଅଣୁ ଗଳ୍ପ

୧

ସାହୁ ବାବୁଙ୍କର ପୁଅ ବାହାଘର ଚାଲିଥାଏ। ବାହାଘର ଭୋଜିରେ ରକମରକମର ସାଦିଷ୍ଟ ବ୍ୟଞ୍ଜନ ପରସା ଯାଉଥିଲା। ଚାରି ପାଞ୍ଚ ଟି ଖାଦ୍ୟ ଷ୍ଟଲ,କିନ୍ତୁ ଲୋକଙ୍କ ର ପ୍ରବଳ ଭିଡ। ସେଇଠି ଫାଇଲିନ ତିତିଲି ହୁଡହୁଡ ବାତ୍ୟା ପରର ଅବସ୍ଥା। କିଏ କହୁଛି ଆମ ଆଡେ ଟିକେ ଚାହଁ। ପଞ୍ଚାୟତ ଅଫିସ ଭଳି ଅବସ୍ଥା ଦେଖି ଭିଡ ମଝିରୁ ଜଣେ କେହି ପାଟିକଲା ରେସନ୍ କାର୍ଡ ଦେଖି ଖାଦ୍ୟ ଦେବ ନା କଣ ! ଖାଇବା ପାଇଁ ଝାଳନାଳ ହୋଇଯାଉଥିବା ଲୋକଙ୍କ ଭିତରୁ କିଛି ଲୋକ ସାହୁ ବାବୁଙ୍କ ପାଖରେ ଫେରାଦ ହୋଇ କହିଲେ ଏତକ ଷ୍ଟଲ କଣ ଯଥେଷ୍ଟ ! ଆଉ ଚାରି ପାଞ୍ଚଟି ଷ୍ଟଲ କଲେ ଭଲ ହୁଅନ୍ତା। ଓଃ ଦେଖ ପ୍ରବଳ ଭିଡ କି ଠେଲାପେଲା ! ଏଥର ଷ୍ଟଲ କଲାପରେ ବି ସେଇ ଅବସ୍ଥା। ଧିରେ ଧିରେ ଲୋକଙ୍କ ପ୍ରବଳ ଭିଡ ଜମିଲା। ସେପଟେ ସାହୁ ବାବୁଙ୍କ ଭୋଜିରେ ବୁଲା କୁକୁରଙ୍କ ପ୍ରବଳ ହଟ୍ଟଗୋଳ ଶୁଣି ଭିଡ ଭିତରୁ ଲୋକେ କହୁଥିଲେ ଯା..! ଏ ମାଂସ ପାଇଁ ଏମାନଙ୍କ ର ବି ସମ ଅବସ୍ଥା !

୨

ସେ ବାରଫାର ଛାଡ ମ ! ତମେ ଖାଇବନି ବୋଲି ମୁଁ କଣ ଖାଇବିନି ନା ! ତମ କଥା ଶୁଣାଯିବନି। ମୋ କଥା ରେ ତମେ ଚାଲିବ। ଏମିତି ସ୍ତ୍ରୀ ଉପରେ ଗରଗର ହୋଇ ଟୁନା ବାବୁ ଲଥ କି ସେଜ ଉପରେ ବସିପଡିଲେ। ଏମନ୍ତ କଥା ଶୁଣି ଟୁନା ବାବୁଙ୍କ ଧର୍ମପତ୍ନୀ ମାଂସ ରୋଷେଇ କରି ଟିଫିନ ବାକ୍ସ ରେ ଭର୍ତ୍ତି କରି ସାମୀଙ୍କ ହାତକୁ ବଢେଇ ଦିଅନ୍ତେ ଟୁନା ବାବୁଙ୍କ ଖୁସି କହିଲେ ନ ସରେ। ଏଥର ଟୁନା ବାବୁ ବସ ଯୋଗେ ଅଫିସ ବାହାରି ପଡିଲେ। ବସ ରେ ବସି ଧର୍ମପତ୍ନୀଙ୍କ ହାତ ରନ୍ଧା ଖାସି ମାଂସ ଖଣ୍ଡ ପାଟିରେ ଦେଇ ପାଖ ଯାତ୍ରୀଙ୍କୁ କହୁଥିଲେ ସ୍ତ୍ରୀ ଟା ମୋର ଏକ ନମ୍ବର।

୩

ବାବୁ ଜଣଙ୍କ ଗୋଟିଏ ଅନୁଷ୍ଠାନ ର ସଭାପତି। ଜଣେ ପ୍ରବଚକ। ଭଲ ବକ୍ତା। ସବୁ ଦିନ ଅନୁଷ୍ଠାନର ଛାତ୍ରଛାତ୍ରୀଙ୍କୁ ଭଲ ଉପଦେଶ ଦିଅନ୍ତି। ବୁଝିଲ ପିଲେ ମଣିଷ ସବୁବେଳେ ସାକାହାରି ହେବା ଉଚିତ। ନିରାମିଷ, ସାତ୍ତ୍ୱିକ ଖାଦ୍ୟ ଦେହ ପାଇଁ ଭଲ। ଅହିଂସା ଏବଂ ଜୀବ ମାନଙ୍କୁ ଦୟା କରିବା ଉଚିତ ଏହା ଆମ ଭାରତର ମୂଳ ମନ୍ତ୍ର ଅଟେ ଏତକ ଭାଷଣ ଦେଉଦେଉ ବାବୁଙ୍କ ମୋବାଇଲ ବାଜିଉଠିଲା। ଧର୍ମପତ୍ନୀଙ୍କ ଜଣଙ୍କ ସେପଟୁ କହୁଥିଲେ କୋଉଠି ଅଛ ? ଆଜି ବାହାରେ ଖାଇବନି। ତମ ପାଇଁ ମୁଁ ନା ଦେଶୀ

ବନ୍ୟା ବିଭୀଷିକା

ଶନିବାର ୩୧।୧୦।୨୦୨୬
ଅଖଯ
AKHYARA ODISHA ଓଡ଼ିଶା

ଗଞ୍ଜାମ ଉବୁଟୁବୁ, ଗଜପତି ବେହାଲ

ସ୍ୱତନ୍ତ୍ର ରିଲିଫ କମିଶନର(ଏସ୍ଆର୍ସି)ଙ୍କ କାର୍ଯ୍ୟାଳୟରେ ମୁଖ୍ୟମନ୍ତ୍ରୀଙ୍କ ସମୀକ୍ଷା

ପ୍ରଭାବିତଙ୍କୁ ରନ୍ଧା ଖାଦ୍ୟ ଯୋଗାଇଦେବାକୁ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀଙ୍କ ନିର୍ଦ୍ଦେଶ




ପ୍ରଭାବିତ ପ୍ରତ୍ୟେକ ବ୍ୟକ୍ତିଙ୍କ ପାଖରେ ତୁରନ୍ତ ରିଲିଫ୍ ସାମଗ୍ରୀ ପହଞ୍ଚାଅ

ଭୁବନେଶ୍ୱର,୩୦।୧୦: ରାଜ୍ୟରେ ବନ୍ୟା ସ୍ଥିତି ସଙ୍କଟଜନକ ରୂପ ନେଇଛି। ବିଶେଷ କରି ମାଲକାନଗିରି ତୁଳନାରେ ଏଥର ଗଞ୍ଜାମ ଓ ଗଜପତି ଜିଲା ବନ୍ୟା ଦ୍ୱାରା ଗୁରୁତର ଭାବେ ପ୍ରଭାବିତ ହୋଇଛନ୍ତି। ଗଞ୍ଜାମ ଜିଲାରେ ୪୩ ହଜାରରୁ ଅଧିକ ଲୋକ ବନ୍ୟାଜଳ ଘେରରେ ଫସି ରହିଥିବା ବେଳେ ସ୍ଥିତି ଅତ୍ୟନ୍ତ ଜଟିଳ ହୋଇପଡ଼ିଛି।

ଏହି ଆପାତକାଳୀନ ସ୍ଥିତିକୁ ଦୃଷ୍ଟିରେ ରଖି ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ ଏସଆରସି କାର୍ଯ୍ୟାଳୟରେ ଏକ ଉଚ୍ଚସ୍ତରୀୟ ସମୀକ୍ଷା ବୈଠକ କରିଛନ୍ତି। ବନ୍ୟାଞ୍ଚଳ ପରିଦର୍ଶନରେ ଯିବା ପୂର୍ବରୁ ସେ ଏକ ସାମ୍ବାଦିକ ସମ୍ମିଳନୀରେ ବନ୍ୟା ପରିସ୍ଥିତି ଓ ସରକାରଙ୍କ ରିଲିଫ୍ କାର୍ଯ୍ୟ ସମ୍ପର୍କରେ ବିସ୍ତୃତ ସୂଚନା ଦେଇଛନ୍ତି।

ମନ୍ତ୍ରୀ କହିଛନ୍ତି ଯେ, ପ୍ରଭାବିତ ପ୍ରତ୍ୟେକ ବ୍ୟକ୍ତିଙ୍କ ପାଖରେ ତୁରନ୍ତ ରିଲିଫ୍ ସାମଗ୍ରୀ ପହଞ୍ଚାଇବା ପାଇଁ ଜିଲା ପ୍ରଶାସନ ଓ ସମ୍ପୃକ୍ତ ବିଭାଗକୁ ନିର୍ଦ୍ଦେଶ ଦିଆଯାଇଛି। ଜଳବନ୍ଦୀ ହୋଇ ରହିଥିବା ଦୁର୍ଗମ ଅଞ୍ଚଳଗୁଡ଼ିକରେ ସଡ଼କ ଯୋଗାଯୋଗ ବିଚ୍ଛିନ୍ନ ହୋଇଯାଇଥିବାରୁ ହେଲିକପ୍ଟର ମାଧ୍ୟମରେ ଆକାଶ ମାର୍ଗରୁ ଶୁଖିଲା ଖାଦ୍ୟ ଓ ରିଲିଫ୍ ସାମଗ୍ରୀ ବଣ୍ଟନ କରାଯିବ। ଯେଉଁ ଅଞ୍ଚଳରେ ଡଙ୍ଗା ଚଳାଚଳ ସମ୍ଭବ, ସେଠାରେ ବୋଟ୍ ମାଧ୍ୟମରେ ପ୍ରଭାବିତଙ୍କୁ ରନ୍ଧା ଖାଦ୍ୟ ଯୋଗାଇ ଦିଆଯାଉଛି। ବନ୍ୟା ଜଳରେ କ୍ଷତିଗ୍ରସ୍ତ ହୋଇଥିବା ପ୍ରମୁଖ ରାସ୍ତାଗୁଡ଼ିକୁ ଯୁଦ୍ଧକାଳୀନ ଭିତ୍ତିରେ ତୁରନ୍ତ ମରାମତି କରିବାକୁ ନିର୍ଦ୍ଦେଶ ଦିଆଯାଇଛି, ଯାହାଦ୍ୱାରା ଯୋଗାଯୋଗ ବ୍ୟବସ୍ଥା ଶୀଘ୍ର ସ୍ୱାଭାବିକ ହୋଇପାରିବ।



ମୁଖ୍ୟମନ୍ତ୍ରୀଙ୍କ ସମୀକ୍ଷା

ଭୁବନେଶ୍ୱର, ୩୦।୧୦ : ବାତ୍ୟା ଅର୍ଣ୍ଣବକୁ ନେଇ ସତନ୍ତ୍ର ରିଲିଫ କମିଶନର(ଏସ୍ଆର୍ସି) ଙ୍କ କାର୍ଯ୍ୟାଳୟରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ସମୀକ୍ଷା କରିଛନ୍ତି। ସମୀକ୍ଷା ପରେ ଗଣମାଧ୍ୟମକୁ ପ୍ରତିକ୍ରିୟା ଦେଇ ମୁଖ୍ୟମନ୍ତ୍ରୀ କହିଛନ୍ତି, ବାତ୍ୟାକୁ ନେଇ ଏକାଧିକ ସମୀକ୍ଷା ବୈଠକ କରାଯାଇଛି। ପୂର୍ବବର୍ଷ ତୁଳନାରେ ଚଳିତ ଥର ରାଜ୍ୟ ସରକାର ଆହୁରି ଭଲ ଭାବେ ବାତ୍ୟା ମୁକାବିଲା କରିଛନ୍ତି। ବାତ୍ୟା ଅର୍ଣ୍ଣବ ଯେଉଁ ସମୟରେ ଲ୍ୟାଣ୍ଡଫଲ୍ ହେବାରେ ଥିଲା ଏଥିରେ ବିଳମ୍ବ ହେଲା। ଅର୍ଣ୍ଣବର ଗତି ମଧ୍ୟ ବହୁ ଧୀର ରହିଲା। ଏହାର ପ୍ରଭାବରେ ଦକ୍ଷିଣ ଓଡ଼ିଶାର ଜିଲାଗୁଡିକରେ ବର୍ଷା ଏବଂ ପବନ ଜାରି ରହିଛି। ଯେତିକି ବର୍ଷା ହୋଇଛି ତାହାଦ୍ୱାରା ମଧ୍ୟ ମାଲକାନଗିରି, ରାୟଗଡ଼ା, ଗଜପତି, କନ୍ଧମାଳ, ନବରଙ୍ଗପୁର, କଳାହାଣ୍ଡି ଜିଲାରେ କ୍ଷତି ହୋଇଛି। ବିଶେଷକରି ରାଜ୍ୟର ୧୭ ଜିଲା ଅର୍ଣ୍ଣବ ଦ୍ୱାରା ପ୍ରଭାବିତ ହୋଇଛି। ପଟ୍ଟାଙ୍ଗୀ ବ୍ଲକ୍‌ରେ ଏବଂ ଗଜପତିର ମୋହନାରେ ପ୍ରବଳ ବର୍ଷା ହୋଇଛି। ରାୟଗଡ଼ାର ମହେନ୍ଦ୍ରଗଡ଼ରେ ସର୍ବାଧିକ ବର୍ଷା ରେକର୍ଡ ହୋଇଛି। ଚଳିତ ବାତ୍ୟା ପ୍ରସ୍ତୁତି ଯୋଗୁ ରାଜ୍ୟ ସରକାର ଶୂନ୍ୟ ମୃତାହତ ଲକ୍ଷ୍ୟ ପୂରଣ କରିପାରିଛନ୍ତି।

ଜିଲା ପ୍ରଶାସନଠାରୁ ଆରମ୍ଭକରି ସମସ୍ତେ ବାତ୍ୟା ମୁକାବିଲା ଲାଗି ପ୍ରସ୍ତୁତ ଥିଲେ। ମହାପ୍ରଭୁଙ୍କ ଆଶୀର୍ବାଦ ଯୋଗୁ ଜିରୋ କାଜୁଆଲ୍ଟି ଲକ୍ଷ୍ୟ ପୂରଣ ହୋଇପାରିଛି। ୭ ଜଣ ଆଇଏଏସ୍ ଅଫିସର ଏବଂ ୮ ଜଣ ମନ୍ତ୍ରୀମାନଙ୍କୁ ବାତ୍ୟା ମୁକାବିଲା ଲାଗି ବିଭିନ୍ନ ଜିଲାର ବାତ୍ୟା ମୁକାବିଲା ଦାୟିତ୍ୱ ପ୍ରଦାନ କରାଯାଇଥିଲା। ସମୁଦାୟ ୩୧୩ଟି ରେସ୍ପନ୍ସ ଟିମ୍ ନିୟୋଜିତ ଅଛନ୍ତି। ଏ ସମସ୍ତଙ୍କ ସାହାଯ୍ୟ ଯୋଗୁ ଲୋକଙ୍କୁ ସ୍ଥାନାନ୍ତର କରିବାଠାରୁ ଆରମ୍ଭକରି ଆହୁରି ଅନେକ କାର୍ଯ୍ୟ କରାଯାଇପାରିଛି। ୪୮ ହଜାରରୁ ଅଧିକ ଲୋକଙ୍କୁ ବାତ୍ୟା ଆଶ୍ରୟସ୍ଥଳୀକୁ ସ୍ଥାନାନ୍ତର କରାଯାଇଛି। ବିଶେଷକରି ୬୩୪ଟି ରିଲିଫ କ୍ୟାମ୍ପରେ ଲୋକଙ୍କୁ ସୁରକ୍ଷିତ ଭାବେ ରଖାଯାଇ ରନ୍ଧାଖାଦ୍ୟ, ପାନୀୟ ଜଳଠାରୁ ଅତ୍ୟାବଶ୍ୟକ ସାମଗ୍ରୀ ଯୋଗାଇ ଦିଆଯାଉଛି। ୨୨୪୫ ଜଣ ଗର୍ଭବତୀ ମହିଳାଙ୍କୁ ସୁରକ୍ଷିତ ଭାବେ ସ୍ଥାନାନ୍ତର କରାଯାଇଥିବା ବେଳେ ସେମାନଙ୍କ ମଧ୍ୟରୁ ୯୩୧ ଜଣ ଶିଶୁ ସୁସ୍ଥ ଅବସ୍ଥାରେ ଜନ୍ମଗ୍ରହଣ କରିଛନ୍ତି। କୌଣସି ମହ୍ୟଜୀବୀଙ୍କ ମଧ୍ୟ ଅସୁବିଧା ହୋଇନାହିଁ। ଯେଉଁଠାରେ ରିଲିଫ ଯୋଗାଇବା କଥା ସେଠାରେ ଚୁଡ଼ା, ପଲିଥିନ୍, ଏସ୍ଆର୍ସି ପକ୍ଷରୁ ରିଲିଫ ବାବଦକୁ ୧୯ କୋଟି ଟଙ୍କା ପ୍ରଦାନ କରାଯାଇଛି। ମାଲକାନଗିରି ଦେଇ ସା ସୁଦ୍ଧା ବାତ୍ୟା ଅର୍ଣ୍ଣବ ଗତି କରିବା କଥା, ମାତ୍ର ତାହା ଏଯାଏ



ହୋଇନାହିଁ। ସେଠାରେ ହାଲୁକା ବର୍ଷା ସହ ସାମାନ୍ୟ ଝଟକା ପବନ ମାରୁଛି। ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡଙ୍କ ସହ ଟେଲିଫୋନ୍ ଯୋଗେ ସେ ଆଲୋଚନା କରିଛନ୍ତି। ଯଦି ମାଲକାନଗିରିରେ କିଛି ଅସୁବିଧା ହେଉଛି ବାତ୍ୟା ମୁକାବିଲା ଟିମ୍ ତୁରନ୍ତ ତାହାର ପ୍ରତିକାର କରୁଛନ୍ତି। ତଳିଆ ଅଞ୍ଚଳ ଯେଉଁଠାରେ ପାଣି ଜମିଯାଉଛି ସେଠାରେ ପମ୍ପ ଜରିଆରେ ପାଣି କାଢ଼ି ଦିଆଯାଉଛି। ବାତ୍ୟା ନେଇ କେନ୍ଦ୍ର ସରକାର ଏବଂ ଆନ୍ଧ୍ର ପ୍ରଦେଶ ସରକାରଙ୍କ ସାଙ୍ଗରେ ଯୋଗାଯୋଗ ରଖି କାର୍ଯ୍ୟ କରାଯାଇଛି। ଆନ୍ଧ୍ର ପ୍ରଦେଶଠାରୁ ଓଡ଼ିଶାର ପ୍ରସ୍ତୁତି ଆହୁରି ଭଲ ଥିଲା। କେନ୍ଦ୍ର ସ୍ୱରାଷ୍ଟ୍ର ମନ୍ତ୍ରୀ ତାଙ୍କ ସହ ଯୋଗାଯୋଗରେ ଥିଲେ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

ଆଜି ବି ପ୍ରବଳ ବର୍ଷିବ: ୨ ଜିଲାକୁ ରେଡ୍ ୱାର୍ନିଂ

ଭୁବନେଶ୍ୱର,୩୦।୧୦: ବାତ୍ୟା 'ଅର୍ଣ୍ଣବ' ପ୍ରଭାବରେ ରାଜ୍ୟରେ ପ୍ରବଳ ବର୍ଷା ଜାରି ରହିଥିବାବେଳେ ଦକ୍ଷିଣ ଓଡ଼ିଶାରେ ଜଳ ପ୍ରଳୟ ସ୍ଥିତି ସୃଷ୍ଟି ହୋଇଛି। ଏପରି ସମୟରେ ଦକ୍ଷିଣ ଆଣ୍ଡାମାନ ସାଗରରେ ଗୁରୁବାର ଆଉ ଏକ ଲଘୁଚାପ କ୍ଷେତ୍ର ସୃଷ୍ଟି ହୋଇଛି। ଆସନ୍ତା ୩୧ ତାରିଖ ସୁଦ୍ଧା ଦକ୍ଷିଣ-ପୂର୍ବ ବଙ୍ଗୋପସାଗର ଓ ସଂଲଗ୍ନ ଆଣ୍ଡାମାନ-ନିକୋବର ଦ୍ୱୀପପୁଞ୍ଜ ଏବଂ ଆଣ୍ଡାମାନ ସାଗର ଅଞ୍ଚଳରେ ଏହା ଅବପାତର ରୂପ ନେବାର ସମ୍ଭାବନା ରହିଛି। ପରବର୍ତ୍ତୀ ଦୁଇଦିନ ମଧ୍ୟରେ ଏହା ଆହୁରି ଘନୀଭୂତ ହୋଇ ପଶ୍ଚିମ-ଉତ୍ତରପଶ୍ଚିମ ଦିଗରେ ଆନ୍ଧ୍ରପ୍ରଦେଶ ଉପକୂଳ ଆଡ଼କୁ ଗତି କରିପାରେ ବୋଲି ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପୂର୍ବାନୁମାନ କରିଛି। ତେବେ ଛତିଶଗଡ଼ର ମଧ୍ୟଭାଗ ଓ ସଂଲଗ୍ନ ଓଡ଼ିଶା ଉପରେ ଥିବା ଅବପାତ ସହ ଜଡ଼ିତ ଘୂର୍ଣ୍ଣିବଳୟରୁ ଦକ୍ଷିଣ କୋଙ୍କଣ ଅଞ୍ଚଳର ଘୂର୍ଣ୍ଣିବଳୟ ପର୍ଯ୍ୟନ୍ତ ଏକ ଟ୍ରଫ୍ ଲାଇନ୍ ସକ୍ରିୟ ଥିବାରୁ ରାଜ୍ୟରେ ଆଉ ୨୪ ଘଣ୍ଟା ପ୍ରବଳ ବର୍ଷା ହେବ। ସୁନ୍ଦରଗଡ଼ ଓ ବରଗଡ଼ ଜିଲାରେ ଅତି ପ୍ରବଳରୁ ଅତ୍ୟନ୍ତ ପ୍ରବଳ ବର୍ଷା ଆଶଙ୍କା ଥିବାରୁ ରେଡ୍ ଆଲର୍ଟ ଜାରି ହୋଇଛି। ସେହିପରି ସମ୍ବଲପୁର, ଝାରସୁଗୁଡ଼ା, କେନ୍ଦୁଝର, ଦେବଗଡ଼ ଓ ମୟୂରଭଞ୍ଜ ଜିଲାରେ ପ୍ରବଳରୁ ଅତି ପ୍ରବଳ ବର୍ଷା ନେଇ ଅରେଞ୍ଜ ୱାର୍ନିଂ ଦିଆଯାଇଛି। ନୂଆପଡ଼ା, ବଲାଙ୍ଗୀର, ସୋନପୁର, ବୌଦ୍ଧ, ଅନୁଗୋଳ, ଢେଙ୍କାନାଳ, ଯାଜପୁର, ନୟାଗଡ଼, ଗଞ୍ଜାମ, ଗଜପତି, ଖୋର୍ଦ୍ଧା, ପୁରୀ, କଟକ, ଭଦ୍ରକ, ବାଲେଶ୍ୱର, ଜଗତସିଂହପୁର ଓ କେନ୍ଦ୍ରାପଡ଼ା ଜିଲାରେ ପ୍ରବଳ ବର୍ଷା ନେଇ ୟେଲୋ ୱାର୍ନିଂ ଜାରି ହୋଇଛି।









ଶନିବାର ୩୧।୧୦।୨୦୨୬
ଅଖଡ଼ା
AKHYARA ODISHA ଓଡ଼ିଶା

ପ୍ରଧାନମନ୍ତ୍ରୀ କିଷାନ ସମ୍ମାନ ନିଧି
କୃଷକଙ୍କ ବ୍ୟାଙ୍କ ଖାତାକୁ ଗଲା ସହାୟତା ରାଶି



ନୂଆଦିଲ୍ଲୀ,୩୦।୧୦: ଦେଶର ଅନ୍ନଦାତାଙ୍କ ଆର୍ଥିକ ସଶକ୍ତୀକରଣ ଦିଗରେ ଆଉ ଗୋଟିଏ ବଡ଼ ପଦକ୍ଷେପ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଶୁକ୍ରବାର 'ପ୍ରଧାନମନ୍ତ୍ରୀ କିଷାନ ସମ୍ମାନ ନିଧି' (ପିଏମ-କିଷାନ) ଯୋଜନାର ୨୪ ତମ କିସ୍ତି ଟଙ୍କା ଚାଷୀଙ୍କ ଆକାଉଣ୍ଟକୁ ପଠାଇଛନ୍ତି। ଗୁଜରାଟର ବନାସକାଣ୍ଠା ଜିଲାରେ ଆୟୋଜିତ ଏକ କାର୍ଯ୍ୟକ୍ରମରେ ଯୋଗ ଦେଇ ପ୍ରଧାନମନ୍ତ୍ରୀ ସେଠାରୁ ଦେଶର କୃଷକମାନଙ୍କ ବ୍ୟାଙ୍କ ଖାତାକୁ ଏହି ସହାୟତା ପଠାଇଛନ୍ତି।

ଏହି କାର୍ଯ୍ୟକ୍ରମରେ ଡାଇରେକ୍ଟ ବେନିଫିଟ ଟ୍ରାନ୍ସଫର୍ ମାଧ୍ୟମରେ ସାରା ଦେଶର ପ୍ରାୟ ୯.୩୪ କୋଟି ଯୋଗ୍ୟ ଚାଷୀଙ୍କ ବ୍ୟାଙ୍କ ଆକାଉଣ୍ଟକୁ ମୋଟ୍ ୧୮,୬୯୦ କୋଟି ଟଙ୍କା ସିଧାସଳଖ ପଠାଯାଇଛି। ବିନା କୌଣସି ମଧ୍ୟସ୍ଥତାରେ ଚାଷୀମାନଙ୍କୁ ସିଧାସଳଖ ସେମାନଙ୍କ ହକ୍ ଟଙ୍କା ପ୍ରଦାନ କରାଯାଇଛି ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି। ଏହି କିସ୍ତି ମାଧ୍ୟମରେ ଓଡ଼ିଶାର ଚାଷୀମାନେ ମଧ୍ୟ ବିଶେଷ ଭାବେ ଲାଭାନ୍ୱିତ ହୋଇଛନ୍ତି। ରାଜ୍ୟର ପ୍ରାୟ ୩୫.୩୯ ଲକ୍ଷ ଯୋଗ୍ୟ ଚାଷୀଙ୍କ ବ୍ୟାଙ୍କ ଆକାଉଣ୍ଟରେ ମୋଟ୍ ୭୦୭.୮୬ କୋଟି ଟଙ୍କା ଜମା ହୋଇଛି। ଚାଷ ଆରମ୍ଭ ସମୟରେ ମିଳିଥିବା ଏହି ସହାୟତା ଓଡ଼ିଶାର କୃଷକମାନଙ୍କୁ ବିହନ, ସାର, ଏବଂ କୃଷି ଉପକରଣ କିଣିବାରେ ବହୁତ ସାହାଯ୍ୟ କରିବ।

ISRO: ଭାରତର ନିଜସ୍ୱ ନାଭିଗେସନ୍ ବ୍ୟବସ୍ଥାକୁ ନୂଆ ଶକ୍ତି ଦେବ ଏନ୍‌ଭିଏସ୍-୦୩

ନୂଆଦିଲ୍ଲୀ: ମହାକାଶ ବିଜ୍ଞାନ କ୍ଷେତ୍ରରେ ଆଉ ଏକ ବଡ଼ ସଫଳତା ହାସଲ ଲକ୍ଷ୍ୟରେ ଭାରତ। ଦେଶର ନିଜସ୍ୱ ଉପଗ୍ରହ ଭିତ୍ତିକ ଦିଗ ନିର୍ଣ୍ଣୟ ବ୍ୟବସ୍ଥା 'ନାଭିକ୍'କୁ ଅଧିକ ସୁଦୃଢ଼ କରିବା ପାଇଁ ଆଜି ରାତି ୧୧ଟା ୫୧ ମିନିଟ୍‌ରେ ଏନ୍‌ଭିଏସ୍-୦୩ ଉପଗ୍ରହ ଉତ୍କ୍ଷେପଣ କରିବ ଭାରତୀୟ...

ଶ୍ରୀହରିକୋଟା: ମହାକାଶ ବିଜ୍ଞାନ କ୍ଷେତ୍ରରେ ଆଉ ଏକ ବଡ଼ ସଫଳତା ହାସଲ ଲକ୍ଷ୍ୟରେ ଭାରତ। ଦେଶର ନିଜସ୍ୱ ଉପଗ୍ରହ ଭିତ୍ତିକ ଦିଗ ନିର୍ଣ୍ଣୟ ବ୍ୟବସ୍ଥା 'ନାଭିକ୍'କୁ ଅଧିକ ସୁଦୃଢ଼ କରିବା ପାଇଁ ଆଜି ରାତି ୧୧ଟା ୫୧ ମିନିଟ୍‌ରେ ଏନ୍‌ଭିଏସ୍-୦୩ ଉପଗ୍ରହ ଉତ୍କ୍ଷେପଣ କରିବ ଭାରତୀୟ ମହାକାଶ ଗବେଷଣା ସଂସ୍ଥା (ଇସ୍ରୋ)। ଆନ୍ଧ୍ରପ୍ରଦେଶର ଶ୍ରୀହରିକୋଟାସ୍ଥିତ ସତୀଶ ଧାୱନ ମହାକାଶ କେନ୍ଦ୍ରରୁ ଜିଏସ୍‌ଏଲ୍‌ଭି-ଏଫ୍୧୮ ରକେଟ୍ ମାଧ୍ୟମରେ ଏହାକୁ ପଠାଯିବ।

ଆମେରିକାର ଜିପିଏସ୍ ଭଳି ଭାରତର ନାଭିକ୍ ମଧ୍ୟ ଅବସ୍ଥାନ ଓ ଦିଗ ନିର୍ଣ୍ଣୟ କରିଥାଏ। ଏହା ଭାରତ ସମେତ ଦେଶର ସୀମାଠାରୁ ପ୍ରାୟ ୧,୫୦୦ କିଲୋମିଟର ପର୍ଯ୍ୟନ୍ତ ଅଞ୍ଚଳରେ ସେବା ଯୋଗାଇଥାଏ। ରେଳ ଚଳାଚଳ, ଯାନବାହନ ନିରୀକ୍ଷଣ, ଜାହାଜ ଚଳାଚଳ, ମତ୍ସ୍ୟଜୀବୀଙ୍କ ସୁରକ୍ଷା ଓ ସାମରିକ କାର୍ଯ୍ୟରେ ବ୍ୟବହାର ରହିଛି। ପୂର୍ବରୁ ନାଭିକ୍‌ର କେତେକ ଉପଗ୍ରହରେ ପରମାଣୁ ଘଣ୍ଟା ଖରାପ ହେବା ଓ ଉତ୍କ୍ଷେପଣ ପରେ ଉପଗ୍ରହ ନିର୍ଦ୍ଧାରିତ କକ୍ଷପଥରେ ପହଞ୍ଚି ନପାରିବା ଭଳି ସମସ୍ୟା ଦେଖାଦେଇଥିଲା। ୨୦୨୫ରେ ଉତ୍କ୍ଷେପିତ ଏନ୍‌ଭିଏସ୍-୦୨ ମଧ୍ୟ କକ୍ଷପଥରେ ପହଞ୍ଚିବାରେ ବିଫଳ ହୋଇଥିଲା।

ଏନ୍‌ଭିଏସ୍-୦୩ରେ ସଦେଶୀ ପରମାଣୁ ଘଣ୍ଟା ସହ ଅନ୍ୟ ଘଣ୍ଟା ମଧ୍ୟ ରହିଛି। ଏଥିରେ ନୂଆ ଏଲ୍-୧ ସଙ୍କେତ ବ୍ୟବସ୍ଥା ଯୋଡ଼ାଯାଇଛି। ଏହା ସଫଳ ହେଲେ ନାଭିକ୍ ପୁଣି ସତନ୍ତ୍ର ଭାବେ ଅବସ୍ଥାନ ନିର୍ଣ୍ଣୟ ସେବା ଯୋଗାଇବାରେ ସକ୍ଷମ ହେବ। ଏହି ଅଭିଯାନ ଭାରତର ମହାକାଶ ଆତ୍ମନିର୍ଭରତା ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ।



ଫାଟିଲା ଗ୍ଲାସିଆଲ୍ ଲେକ୍, ଭାରତ ପାଇଁ ବନ୍ୟା ସତର୍କତା ଜାରି
ବଙ୍ଗଳା ଏବଂ ଆସାମରେ ଘର ଖାଲି କରାଯାଉଛି

ନୂଆଦିଲ୍ଲୀ : ଭୁଟାନର ଗାସା ଜିଲ୍ଲାରେ ଏକ ହିମଶ୍ରେଣୀ ହ୍ରଦ (ଗ୍ଲାସିଆଲ୍ ଲେକ୍) ଫାଟିବା ପରେ ଭାରତର ଉତ୍ତର-ପୂର୍ବ ରାଜ୍ୟଗୁଡ଼ିକ ବନ୍ୟା ବିପଦର ସମ୍ମୁଖୀନ ହେବା ନେଇ ଆଶଙ୍କା ରହିଛି। ଭାରତ ସରକାର ପଶ୍ଚିମବଙ୍ଗ ଏବଂ ଆସାମରେ ନିମ୍ନ ଅଞ୍ଚଳ ପାଇଁ ଏକ ସତନ୍ତ୍ର ପରାମର୍ଶ ଜାରି କରିଛନ୍ତି। ଭୁଟାନରୁ ପ୍ରବାହିତ ସାନକୋଶ ନଦୀର ଜଳସ୍ତର ଦ୍ରୁତ ଗତିରେ ବୃଦ୍ଧି ପାଇବାର ଆଶଙ୍କା ରହିଛି। ଫଳସ୍ୱରୂପ, ଆସାମର ଧୁବ୍ରି ଜିଲ୍ଲାର କର୍ତ୍ତୃପକ୍ଷ ଏବଂ ଉତ୍ତର ବଙ୍ଗର ଦାର୍ଜିଲିଂ, ଆଲିପୁରଦୁଆର, ଜଳପାଇଗୁଡ଼ି ଏବଂ କୁଚ୍ ବିହାର ଜିଲ୍ଲାର ଅଧିକାରୀମାନଙ୍କୁ ଅଧିକରୁ ଅଧିକ ଜରୁରୀ ସତର୍କତା ଜାରି କରାଯାଇଛି।

ରିପୋର୍ଟ ଅନୁସାରେ, ଭୁଟାନର ଗାସା ଜିଲ୍ଲାର ଲୁଙ୍ଗୋରେ ଥ୍ୱାକିଲା ପର୍ବତ ତଳେ ଅବସ୍ଥିତ ସିଙ୍ଗାଫୁ ହ୍ରଦ ଗୁରୁବାର ସନ୍ଧ୍ୟାରେ ହଠାତ୍ ଫାଟିଯାଇଛି। ଭୁଟାନରେ, ଲୋକଙ୍କୁ ସତର୍କ କରିବା ପାଇଁ ନଦୀକୂଳ ସାଇରନ୍ ବାଜିଥିଲା ଏବଂ ଲୋକଙ୍କୁ ସୁରକ୍ଷିତ ସ୍ଥାନକୁ ସ୍ଥାନାନ୍ତର କରାଯାଇଥିଲା। ସିଙ୍ଗାଫୁ ହ୍ରଦ ଭୁଟାନର ୧୭ଟି ସବୁଠାରୁ ବିପଦପୂର୍ଣ୍ଣ ହିମଶ୍ରେଣୀ ହ୍ରଦ ମଧ୍ୟରୁ ଗୋଟିଏ।

ସିଙ୍ଗାଫୁ ହ୍ରଦ ଭୁଟାନର ପୁନତସାଂଚୁ ନଦୀ ଅବ ବାହିକାରେ ଅବସ୍ଥିତ। ଯେତେବେଳେ ନଦୀ ସୀମା ପାର କରି ଭାରତରେ ପ୍ରବେଶ କରେ, ଏହାକୁ ସାନକୋଶ ନଦୀ ନାମରେ ଜଣାଯାଏ। ଭାରତୀୟ ପରାମର୍ଶ ଅନୁଯାୟୀ, ଉପର ମୁଣ୍ଡରେ ହ୍ରଦ ଫାଟିବା ଯୋଗୁଁ ଏକ ବଡ଼ ବନ୍ୟା ଆସିପାରେ ଏବଂ ଏହା ୬ ରୁ ୮ ଘଣ୍ଟା ମଧ୍ୟରେ ଭାରତ-ଭୁଟାନ ସୀମାରେ ପହଞ୍ଚିପାରେ। ସାନକୋଶ ନଦୀର ଜଳସ୍ତର ହଠାତ୍ ବୃଦ୍ଧି ପାଇବା ଯୋଗୁଁ ତଳ ମୁଣ୍ଡରେ ଏବଂ ଏହାର ସମସ୍ତ ଶାଖା ନଦୀର ଜଳଭଣ୍ଡାର ଅଞ୍ଚଳରେ ରହୁଥିବା ଲୋକମାନଙ୍କୁ ସେମାନଙ୍କ ଜୀବନ ବଞ୍ଚାଇବା ପାଇଁ ତୁରନ୍ତ ସୁରକ୍ଷିତ ସ୍ଥାନକୁ ଯିବାକୁ ପରାମର୍ଶ ଦିଆଯାଇଛି।



ବନ୍ୟା ମୁକାବିଲା ପାଇଁ ଜରୁରୀକାଳୀନ ସଂସ୍ଥାଗୁଡ଼ିକୁ ସତର୍କ କରାଯାଇଛି। ଆସାମ ସୀମା ନିକଟବର୍ତ୍ତୀ ପଶ୍ଚିମବଙ୍ଗର କୁଚବିହାର ଜିଲ୍ଲାର ତୁଫାନଗଞ୍ଜ ଏବଂ ବକ୍ସିରହାଟରେ ଏନଡିଆରଏଫ ଏବଂ ଏସଡିଆରଏଫ ଉଦ୍ଧାର ଦଳକୁ ନିୟୋଜିତ କରାଯାଇଛି। ଲୋକମାନେ ସମୟ ମଧ୍ୟରେ ଉଚ୍ଚ ସ୍ଥାନକୁ ସ୍ଥାନାନ୍ତରିତ ହେବା ପାଇଁ ନଦୀକୂଳରେ ଥିବା ଗ୍ରାମଗୁଡ଼ିକରେ ଲାଉଡସ୍ପିକର ମାଧ୍ୟମରେ ଘୋଷଣା କରାଯାଉଛି। ଦାର୍ଜିଲିଂ ପାହାଡ଼ରୁ ଆସାମର ଆଲିପୁରଦୁଆର, ଜଳପାଇଗୁଡ଼ି ଏବଂ ଧୁବ୍ରି ଜିଲ୍ଲା ପର୍ଯ୍ୟନ୍ତ ଅଧିକାରୀମାନେ ୨୪ ଘଣ୍ଟା ପରିସ୍ଥିତି ଉପରେ ନଜର ରଖିଛନ୍ତି। ବସତି, ଚାଷଜମି, ପଶୁପାଳନ ଏବଂ ପୋଲ ଏବଂ ରାସ୍ତା ଧୋଇ ହୋଇଯିବ ବୋଲି ଆଶଙ୍କା ରହିଛି।

ପଶ୍ଚିମବଙ୍ଗ ବନମନ୍ତ୍ରୀ ମନୋଜ କୁମାର ଓରାଓଁ ଫେସବୁକରେ ଏକ ଭିଡିଓ ବାର୍ତ୍ତା ଜାରି କରି ସାନକୋଶ ନଦୀ କୂଳରେ ରହୁଥିବା ବାସିନ୍ଦାଙ୍କୁ ତୁରନ୍ତ ଘର ଖାଲି କରି ସୁରକ୍ଷିତ ସ୍ଥାନକୁ ସ୍ଥାନାନ୍ତର କରିବାକୁ ଅନୁରୋଧ କରିଛନ୍ତି। ସେ ସତର୍କ କରାଇ ଦେଇଛନ୍ତି ଯେ ଆଗାମୀ ଏକରୁ ଦେଢ଼ ଘଣ୍ଟା ମଧ୍ୟରେ କୁମାରଗ୍ରାମରେ ଏକ ବଡ଼ ଜଳ ପ୍ରବାହ ପହଞ୍ଚିପାରେ।

ଏହି ସମୟରେ, ବିଜେପି ସାଂସଦ ରାକୁ ବିଷ୍ଟ ସୋସିଆଲ ମିଡିଆ ପ୍ଲାଟଫର୍ମ ଏକ୍ସରେ ଲେଖିଛନ୍ତି, ''ଭୁଟାନର ଲେମଥାଙ୍ଗରେ ଏକ ହିମବାହ ହ୍ରଦ ଫାଟି ଯାଇଛି। ହ୍ରଦରୁ ପ୍ରବାହିତ ପାଣି ମୋଫୁ ନଦୀ ଦେଇ ନିମ୍ନମୁଖରେ ସୁନକୋଶ ନଦୀ ଆଡ଼କୁ ପ୍ରବାହିତ ହେଉଛି।'' ତେଣୁ, ସୁନକୋଶ ନଦୀ

ଏମ୍‌ଏଲ୍‌ସି ନିର୍ବାଚନ
ମୋଦୀଙ୍କୁ କଂଗ୍ରେସର ଜବାବ

ନୂଆଦିଲ୍ଲୀ: ଚାରିଟି ରାଜ୍ୟର ବିଧାନ ପରିଷଦ (ଏମ୍‌ଏଲ୍‌ସି) ନିର୍ବାଚନ ଫଳାଫଳକୁ ନେଇ ବିଜେପି ଓ କଂଗ୍ରେସ ମଧ୍ୟରେ ବାକ୍‌ଯୁଦ୍ଧ ବଢ଼ିବାରେ ଲାଗିଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ବିଧାନ ପରିଷଦ ନିର୍ବାଚନରେ କଂଗ୍ରେସର ପ୍ରଦର୍ଶନକୁ ନେଇ କଟାକ୍ଷ କରିବା ପରେ ଏହାର ଜବାବ ଦେଇଛି କଂଗ୍ରେସ। ବିଶେଷକରି ମୋଦୀଙ୍କ ସଂସଦୀୟ କ୍ଷେତ୍ର ବାରାଣସୀ ଏବଂ ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘର ଗଡ଼ ନାଗପୁରରେ ବିଜେପିର ପରାଜୟକୁ ନେଇ କଂଗ୍ରେସ ଟାର୍ଗେଟ କରିଛି। ଅକ୍ଟୋବର ୨୩ରେ ଉତ୍ତରପ୍ରଦେଶ, ମହାରାଷ୍ଟ୍ର, ବିହାର ଓ କର୍ଣ୍ଣାଟକର ୨୮ଟି ଶିକ୍ଷକ ଏବଂ ସ୍ନାତକ ନିର୍ବାଚନମଣ୍ଡଳୀ ଆସନ ପାଇଁ ଭୋଟ୍ ହୋଇଥିଲା। ଏହି ନିର୍ବାଚନରେ ବାଲଟ୍ ପେପର ବ୍ୟବହାର କରାଯାଇଥିଲା। ଫଳାଫଳକୁ ନେଇ ବୁଧବାର ମୋଦୀ ସାମାଜିକ ଗଣମାଧ୍ୟମରେ କଂଗ୍ରେସକୁ କଟାକ୍ଷ କରିଥିଲେ। ଏହାର ଜବାବରେ କଂଗ୍ରେସ ନେତାମାନେ ବିଜେପିର ପରାଜୟକୁ ଉଠାଇଛନ୍ତି।

ଉତ୍ତରପ୍ରଦେଶର ୧୧ଟି ଆସନ ମଧ୍ୟରୁ ବିଜେପି ୬ଟି ଜିତିଥିବା ବେଳେ ସମାଜବାଦୀ ପାର୍ଟି ୫ଟି ଆସନ ହାତେଇଛି। ତେବେ ବାରାଣସୀର ଶିକ୍ଷକ ଓ ସ୍ନାତକ ଉଭୟ ଆସନରେ ବିଜେପି ପରାଜିତ ହୋଇଛି। ବିହାରର ୮ଟି ଓ ମହାରାଷ୍ଟ୍ରର ୫ଟି ଏମଏଲସି ଆସନ ପାଇଁ ଭୋଟ ଗ୍ରହଣ ହୋଇଥିଲା। ବିହାରରେ ପ୍ରଶାନ୍ତ କିଶୋରଙ୍କ ଜନ ସୁରଜ ପାର୍ଟି ଗୋଟିଏ ଆସନ ପାଇବାରେ ସଫଳ ହୋଇଛି। ସେହିପରି ବିରୋଧୀ ଆରଜେଡି ମଧ୍ୟ ଗୋଟିଏ ଆସନରେ ବିଜୟୀ ହୋଇଛି। ବିଜେପି ୩ଟି ଆସନରେ ବିଜୟୀ ହୋଇଥିବାବେଳେ ସ୍ୱାଧୀନ ପ୍ରାର୍ଥୀ ଦୁଇଟି ଓ ଜେଡିୟୁ ଗୋଟିକରେ ବିଜୟୀ ହୋଇଛି। ମହାରାଷ୍ଟ୍ରର ୫ଟି ଆସନ ମଧ୍ୟରୁ ଏନସିପି-ଏସ୍ପି ୨ଟି ଆସନ ପାଇଥିବାବେଳେ କଂଗ୍ରେସ, ବିଜେପି ଓ ଶିବସେନା ଗୋଟିଏ ଲେଖାଏଁ ଆସନ ପାଇଛନ୍ତି। ତେବେ ମହାରାଷ୍ଟ୍ରର ନାଗପୁର ସ୍ନାତକ ନିର୍ବାଚନମଣ୍ଡଳୀରେ ବିଜେପି ପ୍ରାର୍ଥୀ ପରାସ୍ତ ହୋଇଛନ୍ତି। ଏଠାରେ କଂଗ୍ରେସ ପ୍ରାର୍ଥୀ ବିଜୟୀ ହୋଇଛନ୍ତି। ନାଗପୁର ହେଉଛି ମହାରାଷ୍ଟ୍ରର ମୁଖ୍ୟମନ୍ତ୍ରୀ ଦେବେନ୍ଦ୍ର ଫଡନବିସ ଓ କେନ୍ଦ୍ରମନ୍ତ୍ରୀ ନୀତିନ ଗଡ଼କରୀଙ୍କ ଘରୋଇ କ୍ଷେତ୍ର। କଂଗ୍ରେସ ମହାସଚିବ ଜୟରାମ ରମେଶ ମୋଦୀଙ୍କୁ କଟାକ୍ଷ କରି କହିଛନ୍ତି ଯେ, ଅନ୍ୟ ଦଳକୁ ସମାଲୋଚନା କରିବା ପରିବର୍ତ୍ତେ ପ୍ରଧାନମନ୍ତ୍ରୀ ନିଜ ଦଳର ପରାଜୟ ଉପରେ ଆତ୍ମସମୀକ୍ଷା କରିବା ଉଚିତ। ବାରାଣସୀରେ ବିଜେପି କାହିଁକି ଉଭୟ ଆସନ ହାରିଲା ଏବଂ ନାଗପୁରରେ କଂଗ୍ରେସ କିପରି ବିଜୟୀ ହେଲା, ତାହା ଉପରେ ମୋଦୀ ସମୀକ୍ଷା କରିବା ଆବଶ୍ୟକ ବୋଲି ସେ କହିଛନ୍ତି। କର୍ଣ୍ଣାଟକର ୪ଟି ଏମଏଲ୍‌ସି ଆସନରେ ବିଜେପି ଓ ସହଯୋଗୀ ଜେଡି-ଏସ୍ ବିଜୟୀ ହୋଇଛନ୍ତି।

ଅନ୍ୟପକ୍ଷରେ, କଂଗ୍ରେସ ନେତ୍ରୀ ସୁପ୍ରିୟା ଶ୍ରୀନେତ ମଧ୍ୟ ବିଜେପିକୁ ଘେରିଛନ୍ତି। ବାଲଟ୍ ପେପର ମାଧ୍ୟମରେ ହୋଇଥିବା ନିର୍ବାଚନକୁ ନେଇ ମୋଦୀଙ୍କ କଟାକ୍ଷର ଜବାବରେ ସେ କହିଛନ୍ତି, ଯଦି ବିଜେପି ବାଲଟ୍ ପେପର ଉପରେ ଏତେ ଭରସା କରୁଛି, ତେବେ ସମସ୍ତ ଲୋକସଭା ଓ ବିଧାନସଭା ନିର୍ବାଚନ ମଧ୍ୟ ବାଲଟ୍ ପେପରରେ କରାଯାଉ।

ଆନ୍ଦୋଳନକାରୀଙ୍କୁ ମିଳିବନି ସରକାରୀ ଚାକିରି

ଲକ୍ଷ୍ନୌ: ହିଂସାତ୍ମକ ଉପାୟରେ କ୍ଷମତାସୀନ ସରକାର ବଦଳାଇବାକୁ ପ୍ରୟାସ କରୁଥିବା ଆନ୍ଦୋଳନକାରୀଙ୍କୁ ଉତ୍ତର ପ୍ରଦେଶରେ ସରକାରୀ ଚାକିରି ମିଳିବ ନାହିଁ। ଏଥିପାଇଁ ରାଜ୍ୟ ସରକାର ସରକାରୀ ଚାକିରି ପାଇଁ ଧାର୍ଯ୍ୟ ଚାରିତ୍ରିକ ଯାଞ୍ଚ ନିୟମ (କ୍ୟାରେକ୍ଟର ଭେରିଫିକେସନ ରୁଲ୍‌ସ)କୁ ଅଧିକ କଡ଼ାକଡ଼ି କରିଛନ୍ତି। ହିଂସାତ୍ମକ ଉପାୟରେ ସରକାର କିମ୍ବା ବ୍ୟବସ୍ଥା ବଦଳାଇବାକୁ ଉଦ୍ୟମ କରୁଥିବା କୌଣସି ସଂଗଠନ ସହ ଜଡ଼ିତ ଥିବା କିମ୍ବା ଏପରି ହିଂସାତ୍ମକ ଆନ୍ଦୋଳନରେ ଅଂଶଗ୍ରହଣ କରିଥିବା ବ୍ୟକ୍ତିଙ୍କୁ ରାଜ୍ୟ ସରକାରୀ ଚାକିରି ପାଇଁ ଅଯୋଗ୍ୟ ଘୋଷଣା କରାଯିବ। ଏହି ନୂତନ ନିୟମାବଳୀ ପ୍ରମୁଖ ସଚିବ (ନିଯୁକ୍ତି ଓ କାର୍ମିକ ବିଭାଗ) ଏମ. ଦେବରାଜଙ୍କ ଦ୍ୱାରା ଜାରି କରାଯାଇଛି। ଏହା ରାଜ୍ୟ ସରକାରଙ୍କ ସମସ୍ତ ବିଭାଗ, ନିଗମ, ବୋର୍ଡ ଓ ସ୍ଥାନୀୟ ସ୍ୱାୟତ୍ତ ଶାସନ ସଂସ୍ଥାଗୁଡ଼ିକରେ ହେଉଥିବା ସିଧାସଳଖ ନିଯୁକ୍ତି ପାଇଁ ଲାଗୁ ହେବ। କେବଳ ହିଂସାତ୍ମକ ଆନ୍ଦୋଳନକାରୀ ନୁହନ୍ତି ହତ୍ୟା, ଦୁଷ୍ଷର୍ମ, ଦୁର୍ନୀତି, କପି କରିବା, ପ୍ରଶ୍ନପତ୍ର ଲିକ୍ ଭଳି ଗମ୍ଭୀର ମାମଲାରେ ସଂପୃକ୍ତ ଥିବା ପରୀକ୍ଷାର୍ଥୀମାନଙ୍କୁ ମଧ୍ୟ ଚାକିରିରୁ ସ୍ଥାୟୀ ଭାବେ ବଞ୍ଚିତ କରାଯିବ। ସରକାର ସ୍ପଷ୍ଟ କରିଛନ୍ତି ଯେ କେବଳ କୌଣସି ରାଜନୈତିକ ଦଳ ପ୍ରତି ସମର୍ଥନ ଜଣାଇବା, ମାମଲାର ତଦନ୍ତ ଚାଲିଥିବା କାରଣରୁ କାହାକୁ ସିଧାସଳଖ ଅଯୋଗ୍ୟ କରାଯିବ ନାହିଁ। ଏହା ସହିତ ନିର୍ଦ୍ଦିଷ୍ଟ ସର୍ତ୍ତ ଆଧାରରେ ପ୍ରାଥମିକ ନିଯୁକ୍ତି ଦିଆଯାଇପାରିବ। ସରକାରଙ୍କ ଏହି ନିଷ୍ପତ୍ତିକୁ ଶାସକ ବିଜେପି ନିରାପତ୍ତା ଓ ଶାନ୍ତିଶୃଙ୍ଖଳା ଦୃଷ୍ଟିରୁ ସମର୍ଥନ କରିଥିବା ବେଳେ ବିରୋଧୀ ସମାଜବାଦୀ ପାର୍ଟି ଓ କଂଗ୍ରେସ ଏହାକୁ ଗଣତାନ୍ତ୍ରିକ ପ୍ରତିବାଦର ସ୍ୱରକୁ ଚପାଇବା ପାଇଁ ଏକ ପ୍ରୟାସ ବୋଲି ସମାଲୋଚନା କରିଛନ୍ତି।

ପୁରୁଷଙ୍କର ବ୍ରେକ୍‌ଅପ କରିବାର ଅଧିକାର ନାହିଁ: ସୁପ୍ରିମକୋର୍ଟ

ନୂଆଦିଲ୍ଲୀ: ଦୁଇଜଣ ବୟସ୍କ ବ୍ୟକ୍ତି ପାରସ୍ପରିକ ଇଚ୍ଛାରେ, ପ୍ରେମ ସମ୍ପର୍କରେ ରହି ଶାରୀରିକ ସମ୍ପର୍କ ରଖୁଛନ୍ତି, ତେବେ କେବଳ ପରବର୍ତ୍ତୀ ସମୟରେ ସମ୍ପର୍କ ଭାଙ୍ଗିଯିବା କାରଣରୁ ତାହାକୁ ବଳାତ୍କାର ବୋଲି ଧରାଯାଇପାରିବ ନାହିଁ। ଆଇନ ପ୍ରଣେତାଙ୍କର ଏଭଳି ଉଦ୍ଦେଶ୍ୟ କେବେ ବି ନଥିଲା।

ସୁପ୍ରିମକୋର୍ଟ କହିଛନ୍ତି ଯେ ଆଇନ ପ୍ରଣେତାମାନଙ୍କର ଏଭଳି ଉଦ୍ଦେଶ୍ୟ କେବେ ନଥିଲା ଯେ ପାରସ୍ପରିକ ପ୍ରେମ ଓ ସହମତି ଆଧାରିତ ସମ୍ପର୍କରେ ବୟସ୍କମାନଙ୍କ ମଧ୍ୟରେ ହୋଇଥିବା ଶାରୀରିକ ସମ୍ପର୍କକୁ କେବଳ ସମ୍ପର୍କ ଭାଙ୍ଗିଯିବା ପରେ ପୂର୍ଣ୍ଣ ତାରିଖରୁ ଅପରାଧ ଘୋଷଣା କରାଯାଉ। ଜଷ୍ଟିସ ବି.ଭି. ନାଗରତ୍ନା ଏବଂ ଜଷ୍ଟିସ ଆର୍. ମହାଦେବନଙ୍କ ଖଣ୍ଡପୀଠ ବିବାହର ମିଥ୍ୟା ପ୍ରତିଶ୍ରୁତି ଦେଇ ବଳାତ୍କାର କରିବା ଅଭିଯୋଗ ସମ୍ପର୍କିତ ଏକ ମାମଲାରେ ଅଭିଯୁକ୍ତଙ୍କୁ ଦୋଷମୁକ୍ତ କରିବା ସମୟରେ ଏହି ଗୁରୁତ୍ୱପୂର୍ଣ୍ଣ ମନ୍ତବ୍ୟ ଦେଇଛନ୍ତି। ସମ୍ପ୍ରତି କିଛି ବର୍ଷ ଧରି ସାମ୍ନାକୁ ଆସୁଥିବା ଏକ ଚିନ୍ତାଜନକ ଧାରା ଉପରେ ସୁପ୍ରିମକୋର୍ଟ ଧ୍ୟାନ ଆକର୍ଷଣ କରିଛନ୍ତି, ଯେଉଁଥିରେ ପାରସ୍ପରିକ ସହମତିର ସମ୍ପର୍କ ଶେଷ ହେବା ପରେ ପୁରୁଣା ସମ୍ପର୍କକୁ ପୁନଃ ଯାଞ୍ଚ କରାଯାଉଛି, ଯାହାଫଳରେ ପରବର୍ତ୍ତୀ ସମୟରେ ତାହାକୁ ଯୌନ ହିଂସା କିମ୍ବା ଯୌନ ନିର୍ଯାତନା ରୂପେ ଉପସ୍ଥାପନ କରାଯାଇପାରିବ। ଅଦାଲତ କହିଛନ୍ତି ଯେ ଆରମ୍ଭରୁ ହିଁ ପ୍ରତାରଣା ଓ ମିଥ୍ୟା ଆଧାରରେ ସହମତି ହାସଲ କରିବାର ପରିସ୍ଥିତି ଭିନ୍ନ। ମାତ୍ର ସମ୍ପର୍କ ଶେଷ ହେବା ପରେ ପୂର୍ଣ୍ଣରୁ ରଖାଯାଇଥିବା ଶାରୀରିକ ସମ୍ପର୍କକୁ ନେଇ ଅନୁତାପ ହେବା ସମ୍ପୂର୍ଣ୍ଣ ଅଲଗା କଥା। ଖଣ୍ଡପୀଠ ସ୍ପଷ୍ଟ କରିଛନ୍ତି ଯେ ପରବର୍ତ୍ତୀ ସମୟରେ ସମ୍ପର୍କ ଭାଙ୍ଗିଯିବା କାରଣରୁ ପୂର୍ବରୁ ସହମତିରେ ଗଢ଼ିଉଠିଥିବା ସମ୍ପର୍କକୁ ଅପରାଧ ବିବେଚନା କରାଯାଇପାରିବ ନାହିଁ। ଏପରି କରିବା ଦ୍ୱାରା ଜଣେ ବ୍ୟକ୍ତିଙ୍କ ସ୍ୱାଧୀନତା ଏବଂ ପ୍ରତିଷ୍ଠା ପ୍ରଭାବିତ ହୋଇପାରେ। ଅଦାଲତ କହିଛନ୍ତି ଯେ ଏଭଳି ଦୃଷ୍ଟିକୋଣ ପୁରୁଷଙ୍କୁ ନିଜ ନିଷ୍ପତ୍ତି ନେବାର ଅଧିକାରରୁ ସମ୍ପୂର୍ଣ୍ଣ ବଞ୍ଚିତ କରିଥାଏ। ଯଦି ଜଣେ ବ୍ୟକ୍ତିଙ୍କ ମନରେ ଏହି ଭୟ ରହିବ ଯେ ସମ୍ପର୍କ ଶେଷ କରିବା ପରେ ତାଙ୍କ ଉପରେ ଦୁଷ୍ଷର୍ମ ଅଭିଯୋଗ ଲଗାଯାଇପାରେ, ତେବେ ସେ କେବଳ ଏହି ଭୟ କାରଣରୁ ସମ୍ପର୍କରେ ବାନ୍ଧିହୋଇ ରହିବାକୁ ବାଧ ହେବେ। ଖଣ୍ଡପୀଠ ପ୍ରଶ୍ନ କରିଛନ୍ତି ଯେ ପୁରୁଷଙ୍କର ସମ୍ପର୍କ ଶେଷ କରିବାର ଅଧିକାର ନାହିଁ କି ? ତାଙ୍କର ବ୍ରେକଅପ କରିବାର ଏହି ନିଷ୍ପତ୍ତିକୁ ପ୍ରତାରଣା ବା ଠକେଇ କୁହାଯାଇପାରିବ କି ? ଅଦାଲତ ସ୍ପଷ୍ଟ କରିଛନ୍ତି ଯେ ଏହାକୁ ସେଭଳି କୁହାଯାଇପାରିବ ନାହିଁ। ସୁପ୍ରିମକୋର୍ଟ କହିଛନ୍ତି ଯେ ଯେପର୍ଯ୍ୟନ୍ତ ପାରସ୍ପରିକ ସହମତିର ସମ୍ପର୍କ ବଜାୟ ରହିଛି, ସେହି ସମୟ ମଧ୍ୟରେ ଗଢ଼ିଉଠିଥିବା ଶାରୀରିକ ସମ୍ପର୍କକୁ କେବଳ ଏଇଥିପାଇଁ ପୂର୍ବ ତାରିଖରୁ ବଳାତ୍କାର

ସୋସୋ ଡାକ୍ତରଖାନାରେ ନୂତନ ଡାକ୍ତରଙ୍କ ନିଯୁକ୍ତ



ହାଟଡିହି:୩୦/୧୦ (ଅମୀୟ ବରାଳ) - କେନ୍ଦୁଝର ଜିଲ୍ଲା ହାଟଡିହି ବ୍ଲକ ସୋସୋ ସ୍ୱାସ୍ଥ୍ୟ କେନ୍ଦ୍ରରେ ଅନେକ ଦିନ ପରେ ନୂତନ ଡାକ୍ତର ଭାବେ ଡ଼ ସିପ୍ରା ସିମରନ ନିଯୁକ୍ତ ହୋଇଛନ୍ତି। ଏଠାରେ ଅନେକ ଦିନ ଧରି ଡାକ୍ତର ଅନୁପସ୍ଥିତ ଥିବାରୁ ଷ୍ଟାଫ୍ ନର୍ସ ଆଟେଣ୍ଡାଣ୍ଟଙ୍କ ଭରଷାରେ ଆଖପାଖ ଅଞ୍ଚଳର ରୋଗୀ ଚିକିତ୍ସା ବ୍ୟତିତ ଅଧିକ ସେବା ପାଇବାକୁ ସୁନ୍ଦୁର ଭଦ୍ରକ ଓ ଆନନ୍ଦପୁର ଉପଖଣ୍ଡକୁ ଦୌଡ଼ିବାକୁ ପଡୁଥିଲା। ଏଣୁ ଡାକ୍ତରଙ୍କ ନିଯୁକ୍ତି ପାଇଁ ସ୍ଥାନୀୟ ଲୋକଙ୍କ ସହିତ ନାଗରିକ ମଞ୍ଚ ଓ ରାଜନେତା ମିଳିତ ଭାବେ ଜିଲ୍ଲାପାଳଙ୍କୁ ଭେଟିବା ସହିତ ଡାକ୍ତର ନିଯୁକ୍ତି ସକାଶେ ବିଭିନ୍ନ ଗଣମାଧ୍ୟମ ଜରିଆରେ ଦାବି କରିଆସୁଥିଲେ। ଏଣୁ ଜିଲ୍ଲା ସ୍ୱାସ୍ଥ୍ୟ ଅଧିକାରୀ ଧନେଶ୍ୱର ସେଠୀଙ୍କ ନିର୍ଦ୍ଦେଶ କ୍ରମେ ଫକିରପୁର ସ୍ୱାସ୍ଥ୍ୟ କେନ୍ଦ୍ରରେ କାର୍ଯ୍ୟରତ ଡଃ ସିପ୍ରା ସିମରନଙ୍କୁ ସୋସୋ ଡାକ୍ତରଖାନାରେ ନିଯୁକ୍ତି ମିଳିଥିବା ଜଣାଯାଇଛି। ଏଣୁ ଆଖପାଖ ଅଞ୍ଚଳର ସମସ୍ତ ଲୋକମାନଙ୍କ ମଧ୍ୟରେ ଏକପ୍ରକାର ଆଶ୍ୱସ୍ତ ଦେଖିବାକୁ ମିଳିଛି।

ଛେନାପଦି ଗଜଲକ୍ଷ୍ମୀ ପୂଜା, ମେଢ଼ ବୁଲିବାକୁ ଲୋକଙ୍କ ଭିଡ଼



ହାଟଡିହି ଅଞ୍ଚଳରେ ବିଭିନ୍ନ ସ୍ଥାନରେ ଗଜଲକ୍ଷ୍ମୀ ପୂଜାର ମୋହୋଲ ଦେଖିବାକୁ ମିଳୁଥିଲା ବେଳେ, ବାତ୍ୟା ଅଣ୍ଡବ ସବୁ ଉଜାଡି ଦେଇଛି। ମା'ଲକ୍ଷ୍ମୀ ହାଟଡିହି ବ୍ଲକ ଛକ ଠାରୁ ଛେନା ପଦି ବଜାର ପର୍ଯ୍ୟନ୍ତ ପ୍ରାୟ ୧୦ ଗୋଟି ମେଢ଼ରେ ଶୋଭା ପାଉଥିବା ଦୃଷ୍ଟିରୁ ଭଳିକି ଭଳି ତୋରଣ ସାଂଗକୁ ରଙ୍ଗୀନ ଆଲୋକ ମାଳାରେ ମେଢ଼ ଗୁଡ଼ିକ ସୁସଜ୍ଜିତ ହୋଇଛି। ସେଗୁଡିକ ମଧ୍ୟରେ କଲେଜ ଛକ,ଅଣାଛକ,ଛେନାପଦି ଛକରେ ଅନନ୍ତ ଗୋପାଳ ବଜାର, ଟାଙ୍କି ବଜାର,ବଲ୍ଲିବାବୁ କମ୍ପ୍ଲେସ, ବିଶ୍ୱ ତାରିଣୀ କଲେଜ ଛକ, ମାଣିକ ବଜାର,ବଉଳା ରୋଡ, ତାରିଣୀ ମନ୍ଦିର ପ୍ରାଙ୍ଗଣରେ ଗଜଲକ୍ଷ୍ମୀ ପୂଜା ବିଭିନ୍ନ କମିଟି ମାନଙ୍କ ତରଫରୁ ଆୟୋଜନ କରାଯାଇଛି। ବିଶେଷ କରି ମା ଲକ୍ଷ୍ମୀଙ୍କ ମେଢ଼ ନିକଟରେ ବାରୁଆଳି ମୂର୍ତ୍ତି ମୁଖ୍ୟ ଆକର୍ଷଣ ହେଉଛି। ସେହିପରି ବିଭିନ୍ନ ପ୍ରକାରର ଖାଦ୍ୟ ଷ୍ଟଲ,ମନୋହରୀ ଜିନିଷ ପତ୍ର ଓ ଘରକରଣା ସାମଗ୍ରୀ ଦୋକାନ ଖୋଲିଅଛି।ଏହା କୁମାର ଉତ୍ସବ ଠାରୁ ଆରମ୍ଭ ହୋଇ ଆଠଦିନ ପର୍ଯ୍ୟନ୍ତ ବଡ ଉତ୍ସାହ ଉଦ୍ଦାଦନା ସହ ହେବାକୁ ଥିବା ବେଳେ, ଦୁଇ ଦିନ ବାତ୍ୟା ଆଶଙ୍କା ଯୋଗୁଁ ଏଥିପାଇଁ ଦର୍ଶକଙ୍କ ଆନନ୍ଦ ଉଲ୍ଲାସ କୁ ନିରାନନ୍ଦରେ ପରିଣତ କରିଛି ବାତ୍ୟା ଅଣ୍ଡବ। ଏହା ପ୍ରଭାବରେ ପବନ ସାଙ୍ଗକୁ ତୁହାକୁ ତୁହା ବର୍ଷା ଲାଗି ରହିଥିବାରୁ ଲକ୍ଷ୍ମୀ ପୂଜା ମଣ୍ଡପ ନିକଟରେ ଶ୍ରଦ୍ଧାଳୁମାନଙ୍କ ଭିଡ଼ ସେତାଡା ଦେଖିବାକୁ ମିଳିନଥିଲା। ପରିଲକ୍ଷିତ ହେଉଥିବା ଦେଖାଯାଏ।ଏଣୁ ମେଢ଼ ବୁଲିବାକୁ ଲୋକଙ୍କ ଗହଳି ଲାଗିଛି। ।ସମସ୍ତସୁରକ୍ଷା ଦୃଷ୍ଟିରୁ ଆନନ୍ଦପୁର ଉପଖଣ୍ଡ ପୋଲିସ୍ ଅଧିକାରୀ କମଳ କୁମାର ପଣ୍ଡାଙ୍କ ତତ୍ତ୍ୱାବଧାନରେ ନନ୍ଦିପଦା ପୋଲିସ୍ ପକ୍ଷରୁ ମଝିରେ ମଝିରେ ସୁରକ୍ଷା ଦୃଷ୍ଟିରୁ ପେଟ୍ରୋଲିଂ କରୁଥିବା ଦେଖିବାକୁ ମିଳିଛି।

ସ୍ନେହମୟୀ ଶୈଳବାଳାଙ୍କୁ ହରାଇ ଶୋକାକୁଳ ଡିମ୍ବୋ ଗ୍ରାମ



କେନ୍ଦୁଝର, ୩୦/୧୦(ଦିଲ୍ଲୀପ କୁମାର ସାହୁ): କେନ୍ଦୁଝରଗଡ଼ ସହର ସନ୍ନିକଟ ଡିମ୍ବୋ ଗ୍ରାମର ଧର୍ମପ୍ରାଣା, ସ୍ନେହଶୀଳା ଓ ପରୋପକାରୀ ମହିଳା ଶୈଳବାଳା ସାହୁଙ୍କର ଭୁବନେଶ୍ୱରସ୍ଥିତ କେୟାର ହସ୍ପିଟାଲରେ ଗତ ଗୁରୁବାର ରାତି ୧୨ଟା ୨୯ ମିନିଟ୍‌ରେ ଚିକିତ୍ସାଧୀନ ଅବସ୍ଥାରେ ପରଲୋକ ଘଟିଛି। ମୃତ୍ୟୁବେଳକୁ ତାଙ୍କୁ ୭୦ ବର୍ଷ ବୟସ ହୋଇଥିଲା। ତାଙ୍କ ବିୟୋଗରେ ପରିବାରବର୍ଗ, ଆତ୍ମୀୟସ୍ୱଜନ ଓ ସ୍ଥାନୀୟ ଅଞ୍ଚଳରେ ଗଭୀର ଶୋକ ପ୍ରକାଶ ପାଇଛି। ସର୍ଗତା ଶୈଳବାଳା ଜଣେ ଧର୍ମପରାୟଣା, ସ୍ନେହମୟୀ ଓ ପରୋପକାରୀ ମହିଳା ଭାବେ ପରିଚିତ ଥିଲେ। ତାଙ୍କର ସରଳ ଜୀବନଯାପନ, ମଧୁର ବ୍ୟବହାର ଓ ସମସ୍ତଙ୍କ ପ୍ରତି ଆତ୍ମୀୟତା ତାଙ୍କୁ ଅଞ୍ଚଳବାସୀଙ୍କ ନିକଟରେ ପ୍ରିୟଭାଜନ କରିଥିଲା। ତାଙ୍କ ବିୟୋଗରେ ପରିବାରରେ ଏକ ଅପୂରଣୀୟ ଶୂନ୍ୟତା ସୃଷ୍ଟି ହୋଇଥିବା ବେଳେ ତାଙ୍କ ସ୍ନେହ, ମମତା ଓ ସ୍ମୃତି ସମସ୍ତଙ୍କ ହୃଦୟରେ ଚିରଦିନ ଜୀବିତ ରହିବ। ସର୍ଗତା ଶୈଳବାଳା ବିଶିଷ୍ଟ ଶିକ୍ଷାବିତ୍ ତଥା ଡିମ୍ବୋସ୍ଥିତ ଜନମଙ୍ଗଳ ସରକାରୀ ଉଚ୍ଚ ବିଦ୍ୟାଳୟର ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ଶଙ୍କର୍ଷଣ ସାହୁଙ୍କ ଧର୍ମପତ୍ନୀ ଥିଲେ। ଶିକ୍ଷା ଓ ସମାଜସେବା ସହ ଜଡ଼ିତ ଏହି ପରିବାରରେ ତାଙ୍କର ଧର୍ମନିଷ୍ଠ ଜୀବନ ଓ ସ୍ନେହପୂର୍ଣ୍ଣ ବ୍ୟବହାର ଏକ ସତନ୍ତ୍ର ପରିଚୟ ସୃଷ୍ଟି କରିଥିଲା। ତାଙ୍କର ଶେଷକୃତ୍ୟ ଡିମ୍ବୋ ଗ୍ରାମସ୍ଥିତ ଅରଡେଇ ନଦୀକୂଳ ଗ୍ରାମ୍ୟ ଶ୍ମଶାନରେ ସମ୍ପନ୍ନ ହୋଇଥିଲା। ଏହି ଦୁଃଖଦ ସମୟରେ ବଡ଼ପୁଅ ଶଶାଙ୍କ ଶେଖର ସାହୁ, ସାନପୁଅ ଇଂ. ସୁଶୀଲ କୁମାର ସାହୁ, ଜାମାତା ଇଂ. ଶ୍ରୀଧର ସାହୁ, ନାତି ସୌରଭ, ବିଶ୍ୱରଞ୍ଜନ, ଦିବ୍ୟରଞ୍ଜନ, ଶ୍ରେୟାନ୍‌ସ ଓ ସାଗତଙ୍କ ସମେତ ପରିବାରର ଅନ୍ୟ ସଦସ୍ୟ ଏବଂ ଶତାଧିକ ଆତ୍ମୀୟସ୍ୱଜନ ଓ ଶୁଭେଚ୍ଛୁ ଉପସ୍ଥିତ ରହି ଅଶ୍ରୁଳ ବିଦାୟ ଜଣାଇଥିଲେ। ସାନପୁଅ ସୁଶୀଲ କୁମାର ସାହୁ ମାଆଙ୍କୁ ମୁଖାଗ୍ନି ପ୍ରଦାନ କରିଥିଲେ। ଜନ୍ମରୁ ମୃତ୍ୟୁ ପର୍ଯ୍ୟନ୍ତ ଜୀବନର ପ୍ରତ୍ୟେକ ପର୍ଯ୍ୟାୟରେ ମାଆଙ୍କ ସ୍ନେହ ଓ ମମତା ଏକ ପରିବାରର ମୂଳ ଆଧାର ହୋଇଥାଏ। ଶୈଳବାଳାଙ୍କ ବିୟୋଗରେ ପରିବାର ଯେଉଁ ଅପୂରଣୀୟ କ୍ଷତି ସହିଛି, ତାହା ଶବ୍ଦରେ ପ୍ରକାଶ କରିବା କଷ୍ଟକର। ତାଙ୍କର ସ୍ନେହମୟ ବ୍ୟକ୍ତିତ୍ୱ ଓ ମଧୁର ସ୍ମୃତି ପରିବାରବର୍ଗ ଏବଂ ପରିଚିତ ମହଲରେ ସର୍ବଦା ସ୍ମରଣୀୟ ହୋଇ ରହିବ। ତାଙ୍କ ବିୟୋଗରେ ଡିମ୍ବୋ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି।

ପ୍ରି-ମାଟ୍ରିକ ବୃତ୍ତିର ସମୀକ୍ଷା

ହରିଚନ୍ଦନପୁର, ୩୦/୧୦(ଶୂନ୍ୟରଞ୍ଜନ ଘଣା) : ଷଷ୍ଠରୁ ଅଷ୍ଟମଶ୍ରେଣୀ ପର୍ଯ୍ୟନ୍ତ ଡେ-ସ୍କଲାର(ଘରୁ ସ୍କୁଲକୁ ଯିବାଆସିବା କରି ପଢୁଥିବା) ଆଦିବାସୀ ଓ ଅନୁସୂଚିତ ଜାତି ଛାତ୍ରଛାତ୍ରୀଙ୍କ ପାଇଁ ପ୍ରି-ମାଟ୍ରିକ ବୃତ୍ତି ପ୍ରଦାନ ବ୍ୟବସ୍ଥା ରହିଛି। ଏଭଳି ଛାତ୍ରଛାତ୍ରୀମାନେ ବର୍ଷକୁ ୫ ଶହ ଟଙ୍କା ଲେଖାଏଁ ପାଇଥାନ୍ତି। ୨୦୨୪-୨୫ ଏବଂ ୨୦୨୫-୨୬ ଶିକ୍ଷା ବର୍ଷର ବୃତ୍ତି ସମ୍ପର୍କରେ ହରିଚନ୍ଦନପୁର ବ୍ଲକ୍ ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ ସୁଶାନ୍ତ କୁମାର ସାହୁ ସମୀକ୍ଷା କରୁଛନ୍ତି। ପିଲାମାନେ ବୃତ୍ତ ଟଙ୍କା ପାଇଛନ୍ତି କି ନାହିଁ ଫୋନ୍ ଯୋଗେ ଶ୍ରୀ ସାହୁ ପଚାରି ବୁଝୁଛନ୍ତି। ବ୍ଲକ୍‌ର ୮୧ଟି ୮ ଉପ୍ରାସ୍କୁଲ ଓ ଆଶ୍ରମ ସ୍କୁଲର ୨୦୨୪-୨୫ ଶିକ୍ଷା ବର୍ଷରେ ୪୦୪୫ ଜଣ ଏବଂ ୨୦୨୫-୨୬ ଶିକ୍ଷା ବର୍ଷରେ ୩୪୩୧ ଜଣ ଡେ-ସ୍କଲାର ଛାତ୍ରଛାତ୍ରୀ ବୃତ୍ତି ପାଇଛନ୍ତି ସମ୍ପୃକ୍ତ ସ୍କୁଲର ପ୍ରଧାନଶିକ୍ଷକଙ୍କ ଜମା ଖାତାକୁ ସରକାର ଏହି ଟଙ୍କା ପଠାଇଥା ହାଇସ୍କୁଲରେ ପଢୁଥିବା ପିଲାଙ୍କ ଟଙ୍କା ସେମାନଙ୍କ ଖାତାକୁ ଯାଇଥାଏ। ଅନ୍ୟ ପିଲାଙ୍କୁ ପ୍ରଧାନଶିକ୍ଷକମାନେ ଟଙ୍କା ଉଠାଇ ଦେଇଥାନ୍ତି। ଏହି ସମୀକ୍ଷା ବ୍ଲକ୍‌ରେ ପ୍ରଥମଥର ପାଇଁ କରାଯାଉଛି। ଯେଉଁ ପ୍ରଧାନଶିକ୍ଷକମାନେ ପିଲାଙ୍କୁ ଟଙ୍କା ଦେଇ ନଥିବେ ପ୍ରମାଣ ମିଳିଲେ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ଜଣାପଡ଼ିଛି।

ଶୋଚନୀୟ ହରିଚନ୍ଦନପୁର-ତେଲକୋଇ ରାସ୍ତା

୧୨ କିମି ରାସ୍ତା ପାଲଟିଛି ମରଣଯନ୍ତ୍ରା, ଯାତାୟାତରେ ନାନା ସମସ୍ୟା





ହରିଚନ୍ଦନପୁର, ୩୦/୧୦ (ଶୂନ୍ୟରଞ୍ଜନ ଘଣା): ତେଲକୋଇ ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ହରିଚନ୍ଦନପୁର-ତେଲକୋଇ ରାସ୍ତାର ଅବସ୍ଥା ଦିନକୁ ଦିନ ଶୋଚନୀୟ ହୋଇପଡ଼ିଛି। ରାସ୍ତାର ବିପର୍ଯ୍ୟସ୍ତ ଅବସ୍ଥା ଯୋଗୁଁ ଏହି ମାର୍ଗରେ ଯାତାୟାତ କରିବା ଏବେ ବିପଦପୂର୍ଣ୍ଣ ହୋଇପଡ଼ିଛି। ଜୀବନକୁ ବାଜି ଲଗାଇ ଅଞ୍ଚଳବାସୀ ଯାତାୟାତ କରୁଥିବାବେଳେ ଅନେକ ଯାତ୍ରୀବାହୀ ଗାଡ଼ି ମଧ୍ୟ ବିପଦସଙ୍କୁଳ ଅବସ୍ଥାରେ ଚଳାଚଳ କରୁଛି। ତେଲକୋଇଠାରୁ ହରିଚନ୍ଦନପୁରର ଦୂରତା ପ୍ରାୟ ୫୨ କିଲୋମିଟର। ହରିଚନ୍ଦନପୁର ବ୍ଲକ୍ ଅନ୍ତର୍ଗତ ପିଠାଗୋଳାଠାରୁ ହରିଚନ୍ଦନପୁର ଆଡ଼କୁ ରାସ୍ତା ନିର୍ମାଣ କାର୍ଯ୍ୟ ଚାଲୁଥିବାରୁ ଯାତାୟାତରେ ବାଧା ସୃଷ୍ଟି ହେଉଛି। ଅନ୍ୟପକ୍ଷରେ ତେଲକୋଇଠାରୁ ତାଳପଦା ପର୍ଯ୍ୟନ୍ତ ୨୨ କିଲୋମିଟର ରାସ୍ତାର ଅବସ୍ଥା ଅତ୍ୟନ୍ତ ଦୟନୀୟ ହୋଇପଡ଼ିଛି। ଠିକା ସଂସ୍ଥାର ମନମାନି ଓ ବିଭାଗୀୟ ଅବହେଳା ଯୋଗୁଁ ଦୀର୍ଘଦିନ ହେଲା ନିର୍ମାଣ କାର୍ଯ୍ୟ ଶେଷ ହୋଇପାରୁନାହିଁ। ଏପରିକି ପୂର୍ବରୁ ନିର୍ମାଣ ହୋଇଥିବା ରାସ୍ତା ମଧ୍ୟ ନଷ୍ଟ ହୋଇଯାଇଛି। ବିଭାଗୀୟ ଅଧିକାରୀଙ୍କ ତଦାରଖ ଅଭାବ ଓ ନିମ୍ନମାନର କାର୍ଯ୍ୟକୁ ନେଇ ସ୍ଥାନୀୟ ଲୋକେ ଅସନ୍ତୋଷ ପ୍ରକାଶ କରିଛନ୍ତି। ୨୨ କିଲୋମିଟର ରାସ୍ତା ମଧ୍ୟରୁ ପ୍ରାୟ ୧୨ କିଲୋମିଟର ରାସ୍ତା ଅତ୍ୟନ୍ତ ଖରାପ ହୋଇପଡ଼ିଛି। ଗୁଣ୍ଡୁରିଯୋଡ଼ା, ବାଙ୍ଗୁରୁପାଳ, ବଡ଼କୁମୁଣ୍ଡୁ, ବେତଖୋଲି, ସାତହଲିଆ ଓ ପଙ୍ଗା ଆଦି ସ୍ଥାନରେ ବଡ଼ ବଡ଼ ଖାଲ ସୃଷ୍ଟି ହୋଇଛି। ଏହି ଖାଲଗୁଡ଼ିକରେ ବର୍ଷାଜଳ ଜମି ରହୁଥିବାରୁ ଗାଡ଼ି ଚାଲକମାନେ ଖାଲର ଗଭୀରତା ଆକଳନ କରି ନପାରି ନାନା ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ଏପରିକି ନିର୍ମାଣାଧୀନ ପୋଲ, ଗାର୍ଡୱାଲ୍ ଓ କଂକ୍ରିଟ୍ ରାସ୍ତାର ଅବସ୍ଥା ମଧ୍ୟ ଚିନ୍ତାଜନକ ହୋଇପଡ଼ିଛି। ଏହି ରାସ୍ତା କେବଳ ତାଳପଦା ଓ ହରିଚନ୍ଦନପୁରକୁ ସଂଯୋଗ କରୁନାହିଁ, ବରଂ ପ୍ରସିଦ୍ଧ ଶକ୍ତିପୀଠ ମା' ତାରିଣୀଙ୍କ ମନ୍ଦିର, ଘଟଗାଁକୁ ଯିବା ପାଇଁ ମଧ୍ୟ ଏକ ପ୍ରମୁଖ ମାର୍ଗ। ଏହି ରାସ୍ତା ଉପରେ କେନ୍ଦୁଝର ସମେତ ଯାଜପୁର, ଭଦ୍ରକ, ବାଲେଶ୍ୱର, ମୟୂରଭଞ୍ଜ, ଢେଙ୍କାନାଳ, ଅନୁଗୋଳ, ଦେବଗଡ଼, ସମ୍ବଲପୁର ଓ ସୁନ୍ଦରଗଡ଼ ଜିଲ୍ଲା ସମେତ ରାଜ୍ୟର ବିଭିନ୍ନ ଅଞ୍ଚଳର ଲୋକେ ନିର୍ଭର କରିଥାନ୍ତି। ଏଭଳି ଏକ ଗୁରୁତ୍ୱପୂର୍ଣ୍ଣ ରାସ୍ତାର ଦୟନୀୟ ଅବସ୍ଥା ଯୋଗୁଁ ସାଧାରଣ ଯାତ୍ରୀଙ୍କ ଯାତାୟାତ ଦୁର୍ବିଷହ ହୋଇପଡ଼ିଛି। ତେଣୁ ସମ୍ପୃକ୍ତ ବିଭାଗୀୟ ଅଧିକାରୀ ଏହାର ତୁରନ୍ତ ତଦାରଖ କରି ରାସ୍ତା ନିର୍ମାଣ କାର୍ଯ୍ୟକୁ ଶୀଘ୍ର ଶେଷ କରିବା ସହ ଯାତ୍ରୀବାହୀ ଗାଡ଼ି ଚଳାଚଳ ଉପଯୋଗୀ କରିବାକୁ ଅଞ୍ଚଳବାସୀ ଦାବି କରିଛନ୍ତି।

ସାଧୁତା ଓ ସ୍ୱଚ୍ଛତା ହିଁ ସମୃଦ୍ଧିର ମୂଳମନ୍ତ୍ର

କେନ୍ଦୁଝରରେ ଜିଲ୍ଲାସ୍ତରୀୟ ଦୁର୍ନୀତି ନିବାରଣ ସଚେତନତା ସମାରୋହ



କେନ୍ଦୁଝର, ୩୦/୧୦ (ଦିଲ୍ଲୀପ କୁମାର ସାହୁ): ଦୁର୍ନୀତିମୁକ୍ତ ସମାଜ ଗଠନ ସହ ସ୍ୱଚ୍ଛ, ଉତ୍ତରଦାୟୀ ଓ ନୈତିକ ପ୍ରଶାସନ ପ୍ରତିଷ୍ଠା ଲକ୍ଷ୍ୟରେ କେନ୍ଦୁଝରରେ ଜିଲ୍ଲାସ୍ତରୀୟ ଦୁର୍ନୀତି ନିବାରଣ ସଚେତନତା ସମାରୋହ ଆୟୋଜିତ ହୋଇଯାଇଛି। ଅକ୍ଟୋବର ୨୬ରୁ ନଭେମ୍ବର ୧ ପର୍ଯ୍ୟନ୍ତ ପାଳିତ ହେଉଥିବା ଦୁର୍ନୀତି ନିବାରଣ ସଚେତନତା ସପ୍ତାହ ଅବସରରେ ଶୁକ୍ରବାର ଜିଲ୍ଲାର ଦରବାର ହଲ୍‌ଠାରେ ଏହି ସତନ୍ତ୍ର ସମାରୋହ ଅନୁଷ୍ଠିତ ହୋଇଥିଲା। ଚଳିତ ବର୍ଷର ବିଷୟବସ୍ତୁ 'ସାଧୁତାରୁ ସମୃଦ୍ଧି' ମାଧ୍ୟମରେ ସମାଜରେ ସଚ୍ଚୋଟତା, ସ୍ୱଚ୍ଛତା ଓ ନୈତିକ ମୂଲ୍ୟବୋଧର ଗୁରୁତ୍ୱକୁ ଗୁରୁତ୍ୱର ସହ ଉପସ୍ଥାପନ କରାଯାଇଥିଲା।


ଏହି ସମାରୋହରେ ଅତିରିକ୍ତ ଜିଲ୍ଲାପାଳ ମନ୍ଦରଧର ମହାଳିକ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିବା ବେଳେ ସମ୍ମାନିତ ଅତିଥି ଭାବେ ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ଜ୍ୟୋସ୍ନାମୟୀ ପ୍ରଧାନ, କେନ୍ଦୁଝର ଦୁର୍ନୀତି ନିବାରଣ ବିଭାଗର ଡିଏସ୍ପି ସୁଧାଂଶୁ ଶେଖର ପୂଜାରୀ ଏବଂ ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ସାର୍ଥକ ରାୟ ଉପସ୍ଥିତ ଥିଲେ। ସଭାରେ ଅତିଥିମାନେ ଉଦ୍‌ବୋଧନ ଦେଇ କହିଥିଲେ ଯେ, ଦୁର୍ନୀତି କେବଳ ପ୍ରଶାସନିକ ବ୍ୟବସ୍ଥାକୁ ଦୁର୍ବଳ କରେ ନାହିଁ, ଏହା ଜନସାଧାରଣଙ୍କ ଆସ୍ଥା ଓ ସାମାଜିକ ବିକାଶକୁ ମଧ୍ୟ ବାଧାପ୍ରାପ୍ତ କରେ। ତେଣୁ ଜନସେବାର ପ୍ରତ୍ୟେକ ସ୍ତରରେ ସାଧୁତା, ସ୍ୱଚ୍ଛତା ଓ ଉତ୍ତରଦାୟିତ୍ୱ ବଜାୟ ରଖିବା ଅତ୍ୟନ୍ତ ଆବଶ୍ୟକ। ଦୁର୍ନୀତି ବିରୋଧୀ ଲଢ଼େଇକୁ ସଫଳ କରିବା ପାଇଁ ସରକାରୀ ଅନୁଷ୍ଠାନ, ଶିକ୍ଷାନୁଷ୍ଠାନ ଓ ସାଧାରଣ ନାଗରିକଙ୍କ ସମ୍ମିଳିତ ଉଦ୍ୟମ ଜରୁରୀ ବୋଲି ସେମାନେ ମତପ୍ରକାଶ କରିଥିଲେ। 'ସାଧୁତାରୁ ସମୃଦ୍ଧି' ବିଷୟବସ୍ତୁର ଗୁରୁତ୍ୱ ଉପରେ ଆଲୋକପାତ କରି ଅତିଥିମାନେ କହିଥିଲେ ଯେ, ନୈତିକତା ଓ ସଚ୍ଚୋଟତାଭିତ୍ତିକ ଶାସନ ବ୍ୟବସ୍ଥା ହିଁ ଜନସାଧାରଣଙ୍କ ଆସ୍ଥା ବୃଦ୍ଧି କରିବା ସହ ସରକାରୀ ସେବାର ସଠିକ୍ ପ୍ରଦାନ ଏବଂ ଦୀର୍ଘସ୍ଥାୟୀ ବିକାଶକୁ ସୁନିଶ୍ଚିତ କରିପାରିବ। ଦୁର୍ନୀତିକୁ ରୋକିବା କେବଳ ସରକାରୀ ବିଭାଗର ଦାୟିତ୍ୱ ନୁହେଁ, ବରଂ ପ୍ରତ୍ୟେକ ନାଗରିକଙ୍କର ମଧ୍ୟ ନୈତିକ କର୍ତ୍ତବ୍ୟ ବୋଲି ସେମାନେ ମତ ଦେଇଥିଲେ।

ଛାତ୍ରଛାତ୍ରୀଙ୍କ ରାଲି, ବକ୍ତୃତା ଓ ତର୍କ ପ୍ରତିଯୋଗିତା ମାଧ୍ୟମରେ ଦୁର୍ନୀତିମୁକ୍ତ ସମାଜ ଗଠନର ଆହ୍ୱାନ

ସଚେତନତା ସପ୍ତାହ ପାଳନର ଅଂଶସ୍ୱରୂପ ଏକ ଜନସଚେତନତା ରାଲି ଆୟୋଜନ କରାଯାଇଥିଲା। ଏଥିରେ ବିଭିନ୍ନ ବିଦ୍ୟାଳୟର ଛାତ୍ରଛାତ୍ରୀ ଯୋଗଦେଇ ଦୁର୍ନୀତି ବିରୋଧୀ ବାର୍ତ୍ତା ସମ୍ବଳିତ ପ୍ଲାକାର୍ଡ ଧରି ଜନସାଧାରଣଙ୍କୁ ସଚେତନ କରିଥିଲେ। ସ୍ଲୋଗାନ ଓ ସଚେତନତା ବାର୍ତ୍ତା ମାଧ୍ୟମରେ ସେମାନେ ସମାଜରୁ ଦୁର୍ନୀତି ଦୂର କରିବା ସହ ସାଧୁତା, ନୈତିକତା ଓ ସାମୂହିକ ଦାୟିତ୍ୱବୋଧକୁ ଜୀବନରେ ଆପଣାଇବା ପାଇଁ ଆହ୍ୱାନ ଦେଇଥିଲେ। ଏହା ସହ ବିଦ୍ୟାଳୟ ଓ ମହାବିଦ୍ୟାଳୟ ସ୍ତରର ଛାତ୍ରଛାତ୍ରୀଙ୍କ ମଧ୍ୟରେ ଦୁର୍ନୀତି, ନୈତିକ ମୂଲ୍ୟବୋଧ ଏବଂ ସୁଶାସନ ପ୍ରତିଷ୍ଠାରେ ନାଗରିକଙ୍କ ଭୂମିକା ସମ୍ପର୍କରେ ସଚେତନତା ବଢ଼ାଇବା ଉଦ୍ଦେଶ୍ୟରେ ବକ୍ତୃତା ଓ ତର୍କ ପ୍ରତିଯୋଗିତା ଆୟୋଜିତ ହୋଇଥିଲା। ଏହି ପ୍ରତିଯୋଗିତା ମାଧ୍ୟମରେ ଛାତ୍ରଛାତ୍ରୀମାନେ ଦୁର୍ନୀତିର କୁପ୍ରଭାବ, ସମାଜରେ ସଚ୍ଚୋଟତାର ଆବଶ୍ୟକତା ଏବଂ ଉତ୍ତରଦାୟିତ୍ୱପୂର୍ଣ୍ଣ ନାଗରିକ ଭାବେ ନିଜର କର୍ତ୍ତବ୍ୟ ସମ୍ପର୍କରେ ମତ ରଖିବାର ସୁଯୋଗ ପାଇଥିଲେ। ପ୍ରତିଯୋଗିତାରେ ଉତ୍କୃଷ୍ଟ ପ୍ରଦର୍ଶନ କରିଥିବା କୃତୀ ଛାତ୍ରଛାତ୍ରୀଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ। ଏହି ପଦକ୍ଷେପ ଯୁବପିଢ଼ିଙ୍କ ମଧ୍ୟରେ ନୈତିକ ଚେତନା, ସାମାଜିକ ଦାୟିତ୍ୱବୋଧ ଓ ଦୁର୍ନୀତି ବିରୋଧୀ ମନୋଭାବକୁ ଦୃଢ଼ କରିବାରେ ସହାୟକ ହେବ ବୋଲି ଆଶା ପ୍ରକାଶ କରାଯାଇଥିଲା। ସାଧୁତା, ସଚ୍ଚୋଟତା ଓ ସ୍ୱଚ୍ଛତାକୁ ଜୀବନର ଅବିଚ୍ଛେଦ୍ୟ ଅଂଶ ଭାବେ ଗ୍ରହଣ କରିବା ସହ ଦୁର୍ନୀତି ବିରୋଧରେ ଏକଜୁଟ ହୋଇ କାର୍ଯ୍ୟ କରିବା ହିଁ ଏକ ସମୃଦ୍ଧ, ନ୍ୟାୟପୂର୍ଣ୍ଣ ଓ ଦୁର୍ନୀତିମୁକ୍ତ ସମାଜ ଗଠନର ପ୍ରମୁଖ ଆଧାର ବୋଲି ସମାରୋହରେ ଗୁରୁତ୍ୱାରୋପ କରାଯାଇଥିଲା।

ଲହଣ୍ଡା ନିକଟରେ ମର୍ମନ୍ତୁଦ ସଡ଼କ ଦୁର୍ଘଟଣା, ସ୍କୁଟି ଚାଳକ ମୃତ

ଯୋଡ଼ା, ୩୦/୧୦:(ଅକ୍ଷର ଓଡ଼ିଶା) କେନ୍ଦୁଝର ଜିଲ୍ଲା ଯୋଡ଼ା ଥାନା ଅନ୍ତର୍ଗତ ଲହଣ୍ଡା ନିକଟରେ ଶୁକ୍ରବାର ଅପରାହ୍ନରେ ଏକ ମର୍ମନ୍ତୁଦ ସଡ଼କ ଦୁର୍ଘଟଣା ଘଟିଛି। ଏକ ସ୍କୁଟି ଓ ଖଣିଜ ବୋଝେଇ ହାଇୱା ସ୍କୁଟି କୁ ଧକ୍କା ହେବାରୁ ସ୍କୁଟି ଚାଳକଙ୍କ ଘଟଣାସ୍ଥଳରେ ହିଁ ମୃତ୍ୟୁ ଘଟିଛି। ପ୍ରାପ୍ତ ସୂଚନା ଅନୁଯାୟୀ, ଶ



ଶନିବାର ୩୧।୧୦।୨୦୨୬
ଅକ୍ଷର
AKHYARA ODISHA ଓଡ଼ିଶା

ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରର ରଜତ ଜୟନ୍ତୀ ସମାରୋହ ସ୍ମାରକୀ ଉନ୍ମୋଚିତ



ବୁଗୁଡା : ୩୦/୧୦/(ଅକ୍ଷର ଓଡିଶା) : ସ୍ଥାନୀୟ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ପକ୍ଷରୁ ସ୍ୱପରିସରରେ ରଜତ ଜୟନ୍ତୀ ସମାରୋହ ସ୍ମାରକୀ ଉନ୍ମୋଚନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ପବିତ୍ର କାର୍ତ୍ତିକ କୃଷ୍ଣ ପଞ୍ଚମୀ ତିଥିରେ ଆୟୋଜିତ ଉକ୍ତ କାର୍ଯ୍ୟକ୍ରମରେ ରାଜ୍ୟ ସରକାରଙ୍କ ମତ୍ସ୍ୟ ଓ ପଶୁସମ୍ପଦ ବିକାଶ ବିଭାଗୀୟ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ ଯୋଗ ଦେଇ ରଜତ ଜୟନ୍ତୀ ସମାରୋହ ସ୍ମାରକୀକୁ ଉନ୍ମୋଚନ କରିଥିବା ବେଳେ ଏଥିରେ ପରିଚାଳନା ସମିତି ସଭାପତି ପ୍ରମୋଦ ଚନ୍ଦ୍ର ସେନାପତି, ସମ୍ପାଦକ ବିଶ୍ୱ ମୋହନ ମିଶ୍ର ,ସହସମ୍ପାଦକ ସନ୍ତୋଷ ପାତ୍ର,କୋଷାଧକ୍ଷ ତ୍ରିଲୋଚନ ସାହୁ, ଉପଦେଷ୍ଟା ଜୟନ୍ତ କୁମାର ପଟ୍ଟନାୟକ, ସଦସ୍ୟା ମଧୁସ୍ମିତା ପାଢୀ ପ୍ରମୁଖଙ୍କ ସମେତ ଅଞ୍ଚଳର ମାନ୍ୟଗଣ୍ୟ ବ୍ୟକ୍ତି ଏବଂ ଅଭିଭାବକଗଣ ଉପସ୍ଥିତ ରହିଥିଲେ। ଏହି ସ୍ମାରକୀ ଉନ୍ମୋଚନ ଅବସରରେ ଏକ ହୋମଯଜ୍ଞ ଅନୁଷ୍ଠିତ ହୋଇଥିଲା ବେଳେ ଏଥିରେ ରଜତ ଜୟନ୍ତୀ ସମାରୋହ କମିଟି ସଭାପତି ଗୋପାଳ ଚନ୍ଦ୍ର ନାୟକ ହୋମକର୍ତ୍ତା ଦାୟିତ୍ୱ ନିର୍ବାହ କରିଥିଲେ। ପ୍ରଧାନାଚାର୍ଯ୍ୟ ଚଣ୍ଡି ପ୍ରସାଦ ବେହେରାଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଉକ୍ତ କାର୍ଯ୍ୟକ୍ରମ ପରିଚାଳନାରେ ଶିକ୍ଷାନୁଷ୍ଠାନର ମୀରାବାଈ ଗାଇଡ୍, କାଲାମ ସ୍କାଉଟ୍, ଘୋଷ ଟିମ୍ ଏବଂ ସମସ୍ତ ସେବାବ୍ରତୀ ସକ୍ରିୟ ସହଯୋଗ କରିଥିଲେ।

ବରାହ ଶିକାର ଅଭିଯୋଗ, ତିନି ଗିରଫ

ଜୟପାଟଣା, ୩୦/୧୦ (ଅକ୍ଷର ଓଡିଶା)ବନ୍ୟ ଜନ୍ତୁଙ୍କ ସୁରକ୍ଷା ଓ ବେଆଇନ ଶିକାରରୋକିବା ବଦଳରେ ବେଆଇନ ବରାହ ଶିକାର କରିବା ଚିତ୍ର ସାମ୍ନାକୁ ଆସିଛି ।କଳାହାଣ୍ଡି ଜିଲ୍ଲା ଜୟପାଟଣା ବ୍ଲକ ମୁଖିଗୁଡ଼ା ପଞ୍ଚାୟତ ଅନ୍ତର୍ଗତ ତାଲଗୁଡ଼ ଗ୍ରାମରେ ବରାହ ଶିକାର କରିବା ଉଦ୍ଦେଶ୍ୟରେ ଥିବା ଅଭିଯୋଗରେ ୩ ଜଣଙ୍କୁ ଗିରଫ କରିଛି ଜୟପାଟଣା ବନ ବିଭାଗ ।ଜୟପାଟଣା ବନ ବିଭାଗ ଅଧିକାରୀ ମାନସ ବାରିକ, ଫରେଷ୍ଟଗାଡ଼ ମୁରଲୀ ପଣ୍ଡା ଓ ତାଙ୍କ ଟିମ ତାଲଗୁଡ଼ ଗ୍ରାମ ର ଦୁଇ ଜଣଙ୍କ ଘରୁ ବରାହ ମାଂସ ଜବତ କରିଛନ୍ତି ।ବସନ୍ତ ପଟ୍ଟନାୟକ, ଯୋଗୀନ୍ଦ୍ର ପରାଭୋଇ, ମାନସିଂ ମାଝୀ ଙ୍କୁ ଗିରଫ କରିଛି ଜୟପାଟଣା ବନ ବିଭାଗ । କିନ୍ତୁ ଗ୍ରାମ ବାସୀ ଙ୍କ କହିବା ଅନୁଯାଇ ପ୍ରକୃତ ଦୋଷୀ ବରାହ କୁ ବନ୍ଧୁକ ଦ୍ୱାରା ମାରିଛି ଅର୍ଥାତ ବସନ୍ତ ପଟ୍ଟନାୟକ ଙ୍କୁ ଗିରଫ କରିବା କଥା, ଏଠାରେ ଓଲଟା ଦେଖିବାକୁ ମିଳୁଛି । ପଟ୍ଟନାୟକ ବାବୁ ବରାହ ମାରି ଏ ଦୁଇଜଣଙ୍କୁ ମାଂସ କାଟିବା ପାଇଁ ଏମାନଙ୍କ ଘରକୁ ଆସି ଡାକି ନେଲା, ଆଉ ଏ ଦୁହେଁଙ୍କୁ ଫସେଇ ଦେଲା ।ଗାଁ କୁ ଯାଇ ଦୁଇ ଜଣଙ୍କୁ ତୁରନ୍ତ ଗାଡ଼ିରେ ବସାଇ ପଟ୍ଟନାୟକ ବାବୁଙ୍କୁ କିଛି କହୁ ନ ଥିଲେ। ଗାଁ ଲୋକ ବହୁବାର କହିବା ପରେ ତିନ ଜଣ କୁ ଉଠାଇଛି ଜୟପାଟଣା ବନବିଭାଗ ।ତାଲଗୁଡ଼ ଅଞ୍ଚଳରେ ବରାହ ଶିକାର ଉଦ୍ୟମ ନେଇ ଖବର ପାଇବା ପରେ ବନ ବିଭାଗ ପକ୍ଷରୁ କାର୍ଯ୍ୟାନୁଷ୍ଠାନ ନିଆଯାଇଥିବା ଜଣାପଡ଼ିଛି । ଏହି ଘଟଣାରେ ୩ ଜଣଙ୍କୁ ଗିରଫ କରାଯାଇଛି ।ଦେଖିବାକୁ ବାକି ରହିଲା ପ୍ରଶାସନ ଙ୍କ ନଜର ଉପରେ ଜୟପାଟଣା ବନ ବିଭାଗର ପରବର୍ତ୍ତୀ ତଦନ୍ତ ଓ ଆଇନଗତ କାର୍ଯ୍ୟାନୁଷ୍ଠାନ ଉପରେ।

ନୀଳମାଧବ ମନ୍ଦିର ପଶ୍ଚିମ ଦ୍ୱାର ରାସ୍ତାରୁ ଜବରଦଖଲ ଉଚ୍ଛେଦ



କଣ୍ଟିଲୋ,୩୦/୧୦(ଅକ୍ଷର ଓଡ଼ିଶା): ନୀଳମାଧବ ମନ୍ଦିର ପଶ୍ଚିମ ଦ୍ୱାର ରାସ୍ତା ରୁ ଖଣ୍ଡପଡା ତହସିଲ ପ୍ରଶାସନ ପକ୍ଷରୁ ଜବରଦଖଲ ଉଚ୍ଛେଦ କରାଯାଇଛି । ନୀଳମାଧବ ମନ୍ଦିର ପଶ୍ଚିମ ଦ୍ୱାର ପାହାଚ ଠାରୁ ମହାନଦୀ କୂଳେ କୂଳେ ରାସ୍ତା ପାର୍ଶ୍ୱ ରେ ଥିବା ବ୍ୟବସାୟ ପ୍ରତିଷ୍ଠାନ ଗୁଡିକ କବ୍ଜା କରି ରଖିଥିବା ଫୁଟପାଥ ରୁ ବେଆଇନ ନିର୍ମାଣ କୁ ଜେସିବି ଲଗାଇ ହଟାଇ ଦିଆଯାଇଛି ।ଦୋକାନ ଗୃହ ସମ୍ମୁଖରେ ଥିବା ଫୁଟପାଥ ସହ ରାସ୍ତା କବ୍ଜା କରିବା ଫଳରେ ରାସ୍ତା କ୍ରମେ ସଂକୁଚିତ ହୋଇପଡ଼ିଥିଲା । ଏନେଇ ଅଭିଯୋଗ ପରେ ତହସିଲ ପ୍ରଶାସନ ପକ୍ଷରୁ ସମ୍ପୃକ୍ତ ବ୍ୟବସାୟୀ ମାନଙ୍କୁ ରାସ୍ତା ଓ ଫୁଟପାଥ ରୁ ଜବରଦଖଲ ହଟାଇବା ପାଇଁ ଅକ୍ଟୋବର ୩୦ ତାରିଖ ଯାଏଁ ନୋଟିସ କରାଯାଇଥିଲା ।ଆଜି ଉଚ୍ଛେଦ ପ୍ରକ୍ରିୟା ରେ ତହସିଲଦାର ବିଶ୍ୱ ବିଶ୍ରୁତ ତ୍ରିପାଠୀ,କଣ୍ଟିଲୋ ଫାଣ୍ଡି ଅଧିକାରୀ ପ୍ରମୋଦ କୁମାର ଡାଙ୍ଗ, ଜଳସମ୍ପଦ ବିଭାଗ ସହକାରୀ ଯନ୍ତ୍ରୀସରୋଜ ବରାଳ ପ୍ରମୁଖ ଉପସ୍ଥିତ ଥିଲେ ।ଏଥିସହ ଦେବୋତ୍ତର, ବିଦ୍ୟୁତ ବିଭାଗ କର୍ମଚାରୀ ସହଯୋଗ କରିଥିଲେ। ଜବରଦଖଲ ବରଦାସ୍ତ କରାଯିବନାହିଁ ଏବଂ ଏହା ଉପରେ ନଜର ରଖାଯିବ ବୋଲି ତହସିଲଦାର ଶ୍ରୀ ତ୍ରିପାଠୀ କହିଛନ୍ତି।

ବାତ୍ୟା ବିପନ୍ନଙ୍କ ପାଖରେ ପହଞ୍ଚିଲେ ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ



ପାରଳାଖେମୁଣ୍ଡି, ୩୦/୧୦(ତାରିଣୀ ପ୍ରସାଦ ପଣ୍ଡା): ଅର୍ଣ୍ଣବ ବାତ୍ୟା ଯୋଗୁଁ ସମଗ୍ର ଗଜପତି ଜିଲ୍ଲାର ସ୍ଥିତି ସମ୍ପୂର୍ଣ ରୂପେ ଦୋହଲି ଯାଇଛି. ଏଭଳି ସ୍ଥିତିରେ ଉଚ୍ଚ ଶିକ୍ଷାମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ଗ୍ରାଉଣ୍ଡ ଜିରୋରେ ଆଷ୍ଟୁଏ ପାଣି ମଧ୍ୟରେ ପାଦଚଲାରେ ଚାଲି ଚାଲି ଗଜପତିରେ ବାତ୍ୟା ବିପନ୍ନଙ୍କ ଠାରେ ପହଞ୍ଚି ସହାୟତାର ହାତ ବଢ଼ାଇ ଥିବା ଲକ୍ଷ୍ୟ କରାଯାଇଛି. ମନ୍ତ୍ରୀ ଶ୍ରୀ ସୂରଜ ଗଜପତି ଜିଲ୍ଲାର ରାୟଗଡା ବ୍ଲକ ଅନ୍ତର୍ଗତ ଗଣ୍ଡାହାତୀ ଗ୍ରାମ ପଞ୍ଚାୟତର ବିଭିନ୍ନ ଗ୍ରାମକୁ ପାଦ ଚଲାରେ ଗସ୍ତ କରି ଲୋକଙ୍କ ଦୁଃଖ ଓ ବିଭିନ୍ନ ସମସ୍ୟା ଶୁଣିବା ସହ ଏହାର ପ୍ରତିକାର ପାଇଁ ପ୍ରଶାସନକୁ ନିର୍ଦେଶ ଦେଇଛନ୍ତି. ଆଜିର ଏହି ଗସ୍ତ ବେଳେ ସାମାନ୍ୟ ବର୍ଷା ହେଉଥିଲେ ମଧ୍ୟ ମନ୍ତ୍ରୀ ଶ୍ରୀ ସୂରଜ ଏହାକୁ ଖାତିର ନ କରି ପାଦ ଚଲାରେ ଜଳମଗ୍ନ ହୋଇଥିବା ବିଭିନ୍ନ ଗ୍ରାମକୁ ଆଣ୍ଠୁଏ ପାଣିରେ ଯାଇ ଲୋକମାନଙ୍କୁ ଆଶ୍ୱାସନା ଦେଇଛନ୍ତି. ବାତ୍ୟା ଓ ପ୍ରବଳ ବର୍ଷା ଯୋଗୁଁ ଗଣ୍ଡାହାତୀ ଜଳପ୍ରପାତରେ ପ୍ରଳୟଙ୍କର ବନ୍ୟା ଦେଖା ଦେଇ ଏହି ଅଞ୍ଚଳର ସିଙ୍ଗିପୁର ଗ୍ରାମ ମଧ୍ୟରେ ବନ୍ୟା ଜଳ ପ୍ରବେଶ କରି ଧାନ ଫସଲ ସହ ପରିବା ଫସଲ ଆଦି ସବୁ କିଛି ଉଜାଡି ଦେବା ସହ ଗ୍ରାମ ମଧ୍ୟରେ ବନ୍ୟାଜଳ ପ୍ରବେଶ କରି ଗ୍ରାମବାସୀଙ୍କ ଅସୁବିଧାର କାରଣ ସାଜିଥିଲା । ଏହି ଗ୍ରାମରେ ମନ୍ତ୍ରୀ ଶ୍ରୀ ସୂରଜ ପହଞ୍ଚି ଲୋକଙ୍କ ସମସ୍ୟା ଦେଖିବା ସହ ଏହାର ତୁରନ୍ତ ସମାଧାନ ପାଇଁ ଜିଲ୍ଲା ପ୍ରଶାସନକୁ ନିର୍ଦେଶ ଦେଇଛନ୍ତି ।

ଡାବୁଗାଁରେ ବ୍ଲକ ସ୍ତରୀୟ ମତ୍ସ୍ୟ ଓ ପ୍ରାଣିସମ୍ପଦ ମେଳା ଅନୁଷ୍ଠିତ



ଡାବୁଗାଁ ୩୦/୧୦/ (ଅକ୍ଷର ଓଡିଶା) ନବରଙ୍ଗପୁର ଜିଲ୍ଲା ଡାବୁଗାଁ ଭୈରବ ମହାବିଦ୍ୟାଳୟ ଖେଳ ପଡିଆ ରେ ବ୍ଲକ ସ୍ତରୀୟ ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ମେଳା ଅନୁଷ୍ଠିତ ହୋଇଯାଇଛି । ବ୍ଲକ ପ୍ରାଣୀ ଚିକିତ୍ସା ଅଧିକାରୀ ଡକ୍ଟର ଶ୍ରୀନିଗୋ ମୁର୍ମୁ ଙ୍କ ସଭାପତିତ୍ୱରେ ଆୟୋଜିତ ମେଳା ରେ ମୁଖ୍ୟ ଅତିଥି ଭାବେ ଡାବୁଗାଁ ବିଧାୟକ ମନୋହର ରନ୍ଧାରି ଯୋଗ ଦେଇଥିବା ବେଳେ ସମ୍ମାନିତ ଅତିଥି ଭାବେ ଜିଲ୍ଲା ପରିଷଦ ଅଧକ୍ଷ ମୋତିରାମ ନାୟକ, ବ୍ଲକ ଅଧକ୍ଷା ବୀଣା ମାଝୀ, ଗଣଶିକ୍ଷା ମନ୍ତ୍ରୀଙ୍କ ପ୍ରତିନିଧି ଶୁଭଜିତ ପାଣିଗ୍ରାହୀ, ସାଂସଦ ଙ୍କ ପ୍ରତିନିଧି ରାଜେନ୍ଦ୍ର ବିଶୋଇ, ଜିଲ୍ଲା ପରିଷଦ ସଭ୍ୟ ଧନ ସିଂ ଭତରା ଓ ଗୁପ୍ତ ବିଶୋଇ,ଜିଲ୍ଲା ମୁଖ୍ୟ ପ୍ରାଣୀ ଚିକିତ୍ସା ଅଧିକାରୀ ଡକ୍ଟର ରମେଶ ଚନ୍ଦ୍ର ବେହେରା,ଜିଲ୍ଲା ମୁଖ୍ୟ ମତ୍ସ୍ୟ ଅଧିକାରୀ ବିଷ୍ଣୁ ଚରଣ କିଷାନ,ବିଜେଡି ନେତା ଏମ ଆପ୍ପା ରାଓ ,ବିଜେଡି ବ୍ଲକ ସଭାପତି ସୁରେନ୍ଦ୍ର ମିଶ୍ର ପ୍ରମୁଖ ମଞ୍ଚାସିନ ଥିଲେ। ମୁଖ୍ୟ ଅତିଥି ତଥା ଡାବୁଗାଁ ବିଧାୟକ ମନୋହର ରନ୍ଧାରି ପାରମ୍ପାରିକ ଚାଷ ସହ ମତ୍ସ୍ୟ ଓ ପଶୁ ପାଳନ କରିବା ନେଇ ଗୁରୁତ୍ୱାରୋପ କରିଥିଲେ। ବିଶେଷ କରି ଗୋପାଳନ, କୁକୁଡା ଚାଷ ଓ ମତ୍ସ୍ୟ ଚାଷ କରି ଏ ଅଞ୍ଚଳର ଚାଷୀ ମାନଙ୍କୁ ସାବଲମ୍ବୀ ହେବାକୁ ପରାମର୍ଶ ଦେଇଥିଲେ। ସରକାରଙ୍କ ଯୋଜନା ରୁ ଲାଭ ଉଠାଇ ଆର୍ଥିକ ସଚ୍ଛଳ ହେବାକୁ କହିଥିଲେ ।ଜିଲ୍ଲା ମୁଖ୍ୟ ପ୍ରାଣୀ ସମ୍ପଦ ଅଧିକାରୀ ରମେଶ ଚନ୍ଦ୍ର ବେହେରା ସମ୍ମନିତ ଚାଷ,ବୈଜ୍ଞାନିକ ପଦ୍ଧତି ଓ ଉନ୍ନତ ଜ୍ଞାନ କୌଶଳ ଅବଲମ୍ବନ କରି ମତ୍ସ୍ୟ ଓ ପଶୁ ସମ୍ପଦ ର ଅଧିକ ଉତ୍ପାଦନ ବୃଦ୍ଧି କରିବାକୁ କହିଥିଲେ। ଏହି ଅବସରରେ ବ୍ଲକ ର ପଶୁ ସମ୍ପଦ ଓ ମତ୍ସ୍ୟ ଚାଷୀଙ୍କୁ ଆର୍ଥିକ ପ୍ରୋତ୍ସାହନ ଦିଆଯିବା ସହ ହିତାଧିକାରୀ ଙ୍କୁ ମାନପତ୍ର ଦେଇ ସମ୍ମାନିତ କରାଯାଇଥିଲା।

ଧାନ-କପା ଫସଲ ନଷ୍ଟ ଆଶଙ୍କାରେ ଚାଷୀ ଚିନ୍ତିତ

ବଲାଙ୍ଗିର୩୦/୧୦ (ଦେବେନ୍ଦ୍ର ପୋଡ଼) ବଲାଙ୍ଗୀର ଜିଲ୍ଲା ମୁରିବାହାଲ ବ୍ଲକରେ ଅର୍ଣ୍ଣବ ବାତ୍ୟାର ପ୍ରଭାବ ବଢ଼ିବାରେ ଲାଗିଛି । ଲଗାଣ ବର୍ଷା ସହ ପବନ ବହୁଥିବାରୁ ଜନଜୀବନ ପ୍ରଭାବିତ ହୋଇଛି ।ବର୍ତ୍ତମାନ ଧାନ, କପା ଓ ପନିପରିବା ଅମଳ ସମୟ ଚାଲିଛି । ବିଲରେ ପାଚିଲା ଧାନ ରହିଥିବା ବେଳେ ଲଗାଣ ବର୍ଷାରେ ଅନେକ ଜାଗାରେ ଧାନ ଶୋଇଯାଇଛି । କପା ଫସଲ ମଧ୍ୟ ନଷ୍ଟ ହେବା ଆଶଙ୍କା ରହିଛି । ବାଇଗଣ, ପାତାଳଘଣ୍ଟା, ଫୁଲକୋବି ଭଳି ପନିପରିବା ନଷ୍ଟ ହେଉଥିବା ଚାଷୀମାନେ ଅଭିଯୋଗ କରିଛନ୍ତି । ଫସଲ ବଞ୍ଚାଇବାକୁ ଅନେକ ଚାଷୀ ତରବରିଆ ଭାବେ ଅଧା ପାଚିଲା ଧାନ ଓ କପା ଅମଳ କରୁଛନ୍ତି ।ପ୍ରଶାସନ ଚାଷୀଙ୍କୁ ସଚେତନ କରିବା ସହ କ୍ଷୟକ୍ଷତି ଆକଳନ କରି ଆର୍ଥିକ ସହାୟତା ଯୋଗାଇ ଦିଅନ୍ତୁ ବୋଲି ସେ ଦାବି କରିଛନ୍ତି ।

ବାତ୍ୟା 'ଅର୍ଣ୍ଣବ' ପ୍ରଭାବରେ ବନ୍ୟା ଜଳ ଘେରରେ ଦୁଧାରୀ ପଞ୍ଚାୟତ



ସେମିଳିଗୁଡ଼ା, ୨୯/୧୦: ବାତ୍ୟା 'ଅର୍ଣ୍ଣବ'ର ପ୍ରଭାବରେ ଲଗାଣ ବର୍ଷା ଯୋଗୁଁ କୋରାପୁଟ ଜିଲ୍ଲାରେ ବନ୍ୟା ପରିସ୍ଥିତି ଉପୁଜିଛି । ଏହାର ପ୍ରଭାବ ସେମିଳିଗୁଡ଼ା ବ୍ଲକ୍‌ର ଦୁଧାରୀ ପଞ୍ଚାୟତରେ ମଧ୍ୟ ଦେଖିବାକୁ ମିଳିଛି । ପ୍ରବଳ ବର୍ଷା ଓ ବାତ୍ୟା ପବନ ଯୋଗୁଁ ପଞ୍ଚାୟତରେ ଏକ ଗଛ ଘର ଉପରେ ଭାଙ୍ଗି ପଡ଼ିବାରୁ ଘରଟି କ୍ଷତିଗ୍ରସ୍ତ ହୋଇଛି । ତେବେ ଅଳ୍ପକେ ବର୍ତ୍ତି ଯାଇଛନ୍ତି ପରିବାରର ସଦସ୍ୟମାନେ । ସେହିପରି ଲଗାଣ ବର୍ଷା ଓ ବନ୍ୟା ଜଳ ଯୋଗୁଁ ଅଞ୍ଚଳରେ ଧାନ, ମାଣ୍ଡିଆ, ସୁଆଁ ସମେତ ବିଭିନ୍ନ ପନିପରିବା ଫସଲ ନଷ୍ଟ ହୋଇଥିବା ଜଣାପଡ଼ିଛି । ଏହି ପ୍ରାକୃତିକ ବିପର୍ଯ୍ୟୟ ଯୋଗୁଁ ଚାଷୀ ଓ ସାଧାରଣ ଲୋକେ କ୍ଷତିର ସମ୍ମୁଖୀନ ହୋଇଛନ୍ତି । ତେଣୁ ପ୍ରଶାସନ ପକ୍ଷରୁ ତୁରନ୍ତ କ୍ଷୟକ୍ଷତିର ଆକଳନ କରି ପ୍ରଭାବିତ ପରିବାର ଓ ଚାଷୀଙ୍କୁ ଆବଶ୍ୟକ ସହାୟତା ଯୋଗାଇଦେବାକୁ ଅଞ୍ଚଳବାସୀ ଦାବି କରିଛନ୍ତି ।

ନୂଆପଡ଼ା ଜିଲ୍ଲାର ୮୬,୬୬୦ ଚାଷୀଙ୍କୁ ପିଏମ୍-କିଷାନର ୨୪ତମ କିସ୍ତି

ନୂଆପଡ଼ା, -୩୦/୧୦(ଅକ୍ଷର ଓଡିଶା)ନୂଆପଡ଼ା ଜିଲ୍ଲାରେ ଜିଲ୍ଲାସ୍ତରୀୟ ପିଏମ୍-କିଷାନ ଉତ୍ସବ ଦିବସ ଜିଲ୍ଲା ପଞ୍ଚାୟତ ସମ୍ବଳ କେନ୍ଦ୍ର, ଶିଲଦାଠାରେ ଅନୁଷ୍ଠିତ ହୋଇଛି । ଜିଲ୍ଲାପାଳ ତଥା ଜିଲ୍ଲା ମାଜିଷ୍ଟ୍ରେଟ୍ ଶ୍ରୀମତୀ ଅନ୍ୟା ଦାସଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଜିଲ୍ଲାର ହଜାର ହଜାର ଚାଷୀଙ୍କୁ ପିଏମ୍-କିଷାନ ଯୋଜନାର ଲାଭ ମିଳିଥିବା ସୂଚନା ଦିଆଯାଇଛି ।ଏହି ଯୋଜନା ଅଧୀନରେ ନୂଆପଡ଼ା ଜିଲ୍ଲାର ମୋଟ ୮୬,୬୬୦ ଜଣ ଚାଷୀ ପ୍ରତ୍ୟେକ ୨,୦୦୦ ଟଙ୍କା ହିସାବରେ ୨୪ତମ କିସ୍ତି ପାଇଛନ୍ତି। ଏହାଦ୍ୱାରା ଚାଷୀମାନେ କୃଷି କାର୍ଯ୍ୟରେ ଆର୍ଥିକ ସହାୟତା ପାଇବା ସହ ଚାଷ ସମ୍ବନ୍ଧୀୟ ଆବଶ୍ୟକତା ପୂରଣ କରିବାରେ ସହାୟତା ପାଇବେ ।କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲ୍ଲାପାଳ ସୁବାଷ ଚନ୍ଦ୍ର ରଇତ, ସାଂସଦଙ୍କ ପ୍ରତିନିଧି ପ୍ରେମ ଅଗ୍ରୱାଲ, ନୂଆପଡ଼ା ପଞ୍ଚାୟତ ସମିତି ଅଧ୍ୟକ୍ଷା ତାରେଶ୍ୱରୀ ସାହୁ ଏବଂ ମୁଖ୍ୟ ଜିଲ୍ଲା କୃଷି ଅଧିକାରୀ ଜଗବନ୍ଧୁ ପଟେଲଙ୍କ ସମେତ ବିଭିନ୍ନ ବିଭାଗର ଜିଲ୍ଲାସ୍ତରୀୟ ଅଧିକାରୀ ଯୋଗଦେଇଥିଲେ ।

କୁଳଡ଼ିହା ବନବିଭାଗ କାର୍ଯ୍ୟାଳୟ ମାଲଖାନାରେ ଅଗ୍ନିକାଣ୍ଡ



ନୀଳଗିରି -୩୦/୧୦(ଅକ୍ଷର ଓଡିଶା)ନୀଳଗିରିସ୍ଥ କୁଳଡ଼ିହା ବନବିଭାଗ କାର୍ଯ୍ୟାଳୟ ପରିସରରେ ଥିବା ମାଲଖାନା(ଗୋଦାମ ଗୃହ) ରେ ଶୁକ୍ରବାର ପୂର୍ବାହ୍ନ ପ୍ରାୟ ୯.୧୦ମିନିଟ୍ ସମୟରେ ଏକ ପ୍ରଚଣ୍ଡଶବ୍ଦକରି ବିସ୍ଫୋରଣ ପରେ ନିଆଁ ଲାଗିଯାଇଥିବା ଦେଖିବାକୁ ମିଳିଥିଲା । ସଙ୍ଗେସଙ୍ଗେ ଅଗ୍ନିଶମବିଭାଗକୁ ଖବରଦେବାପରେ ନୀଳଗିରି ଅଗ୍ନିଶମବାହିନୀ ଘଟଣାସ୍ଥଳରେ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ । ତେବେ ଅଗ୍ନିଶମବିଭାଗର ପ୍ରାଥମିକ ତଦନ୍ତ ଅନୁଯାୟୀ ଗୋଦାମଗୃହରେ ଏକ ମଟରସାଇକେଲର ବ୍ୟାଟେରୀର ସର୍ଟସର୍କିଟ ଯୋଗୁଁ ଏଭଳି ଅଘଟଣ ଘଟିଥିବା ଅନୁମାନ କରାଯାଇଛି । ଏହି ଅଗ୍ନିକାଣ୍ଡରେ ୨ଟି ଜବତ ମଟରସାଇକେଲ, ଗୋଟିଏ ତାର୍ପଲିନ୍ ଏବଂ ଗୋଟିଏ ପୁରୁଣା ଟାୟାର ଜଳିଯାଇଥିବା ବିଭାଗୀୟ ପ୍ରେସବିଜ୍ଞପ୍ତିରେ କୁହାଯାଇଛି । ଏହି ମାଲଖାନାରେ ଶିକାରୀଙ୍କ ଠାରୁ ଜବତ ବିସ୍ଫୋରକ ଠାରୁ ଆରମ୍ଭକରି ଗୁରୁତ୍ୱପୂର୍ଣ୍ଣ ଦସ୍ତାବିଜ୍, ଜବତ ବନ୍ଧୁକ, ମଟରସାଇକେଲ, ଚାରିଚକିଆ ଯାନ, କାଠ ତଥା ଅନ୍ୟାନ୍ୟ ବହୁ ଶିକାର ସରଞ୍ଜାମ ରହିଥିବା ବେଳେ ଅଳ୍ପକେ ବଡ଼ଧରଣର ଅଘଟଣରୁ ବର୍ତ୍ତିଯାଇଛି । ତେବେ ବିଭାଗୀୟ ପ୍ରେସବାର୍ତ୍ତା ଠାରୁ ଅଧିକ କ୍ଷୟକ୍ଷତି ଘଟିଥିବା ଆକଳନ କରାଯାଇଛି । ଅଗ୍ନିକାଣ୍ଡର ପ୍ରକୃତ କାରଣ ଅସ୍ପଷ୍ଟ ରହିଥିବାବେଳେ ଅଧିକ ତଦନ୍ତହେଲେ ବାରୁଦ କିମ୍ବା ବ୍ୟାଟେରୀରୁ ନିଆଁ ଲାଗିଛି ତାହା ଜଣାପଡ଼ିବ।


ଆଠଗଡ ବରିଷ୍ଠ ନାଗରିକ ସଂଘ ତରଫରୁ ମାଗଣା ଚକ୍ଷୁ ଚିକିତ୍ସା ଶିବିର ଆୟୋଜନ



ଆଠଗଡ଼,୩୦/୧୦(ଅକ୍ଷର ଓଡ଼ିଶା)ଆଠଗଡ ବୁଦ୍ଧିଜୀବୀ ବରିଷ୍ଠ ନାଗରିକ ସଂଘ ତରଫରୁ କଟକ ବିଡାନାସୀସ୍ଥ ରୋଟାରୀ ଚକ୍ଷୁ ଚିକିତ୍ସାଳୟ ସହାୟତାରେ ଆଠଗଡର ଗୌଡ଼ଝରି ଗ୍ରାମର ପ୍ରାଥମିକ ବିଦ୍ୟାଳୟ ପରିସରରେ ଏକ ମାଗଣା ଚକ୍ଷୁ ଚିକିତ୍ସା ଶିବିରର ଆୟୋଜନ କରାଯାଇଥିଲା । ସଙ୍ଘର ସଭାପତି ଙ୍କ ଶିବ ପ୍ରସାଦ ପଣ୍ଡାଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଉକ୍ତ ଶିବିରରେ ୮୭ ଜଣ ରୋଗୀଙ୍କର ଚକ୍ଷୁ ପରୀକ୍ଷା କରାଯାଇ ସଂଘ ତରଫରୁ ମାଗଣାରେ ଚଷମା ବଣ୍ଟନ କରାଯାଇଥିଲା ।ଉକ୍ତ ରୋଗୀମାନଙ୍କ ମଧ୍ୟରୁ ୮ ଜଣ ମୋତିଆବିନ୍ଦୁ ରୋଗୀଙ୍କୁ ଚିହ୍ନଟ କରାଯାଇ ଆବଶ୍ୟକୀୟ ଅସ୍ତ୍ରୋପଚାର ନିମନ୍ତେ ପରାମର୍ଶ ଦିଆଯାଇଥିଲା ।ସଂଘର ସମ୍ପାଦକ ଗିରୀଶ କୁମାର ମିଶ୍ର ଉକ୍ତ ଶିବିରକୁ ପରିଚାଳନା କରିଥିଲେ ।ସଂଘର ଉପସଭାପତି ଙ୍କ ପ୍ରଭାତ କୁମାର ମିଶ୍ର, ସହସମ୍ପାଦକ ଧରଣୀଧର ମହାପାତ୍ର, କୋଷାଧକ୍ଷ ଅନନ୍ତ କୁମାର ଦାଶ, ବିଜୟ କୁମାର ପ୍ରଧାନ, ଚନ୍ଦ୍ର ଶେଖର ଦାଶ ଓ ହାଡିବନ୍ଧୁ ରଣା ପ୍ରମୁଖ ସହଯୋଗ କରିଥିଲେ ।

ଚୋରି ମାମଲାରେ ୩ ଗିରଫ

ବଅଁରପାଳ, ୨୯/୧୦ (ଅକ୍ଷର ଓଡ଼ିଶା) ବଅଁରପାଳ ବ୍ଲକ୍ ଅନ୍ତର୍ଗତ ବୁଢ଼ାପଙ୍କ ରେଳ ଷ୍ଟେସନରୁ ବ୍ୟାଟେରି ଚୋରି ଅଭିଯୋଗରେ ତିନି ଯୁବକଙ୍କୁ ପୁଲିସ ଧରି ରେଳ ସୁରକ୍ଷା ବଳ (ଆରପିଏଫ୍) ନିକଟରେ ହସ୍ତାନ୍ତର କରିଛି । ଏହି ଘଟଣାକୁ ନେଇ ସ୍ଥାନୀୟ ଅଞ୍ଚଳରେ ଚର୍ଚ୍ଚା ଜୋର ଧରିଛିଞ୍ଚ ସୂଚନା ଅନୁଯାୟୀ, ଗତ ୨୫ ଓ ୨୬ ତାରିଖରେ ବୁଢ଼ାପଙ୍କ ରେଳ ଷ୍ଟେସନରୁ ବ୍ୟାଟେରି ଚୋରି ହୋଇଥିବା ନେଇ ଅଭିଯୋଗ ହୋଇଥିଲା । ଏହି ଘଟଣାରେ ବଅଁରପାଳ ପୁଲିସ ତଦନ୍ତ କରି ତିନି ଜଣ ଯୁବକଙ୍କୁ ଧରିଥିଲା । ପରେ ସେମାନଙ୍କୁ ରେଳ ସୁରକ୍ଷା ବଳ ଥାନାଧିକାରୀ ଆର୍.ଏନ୍. ବେ



ଶନିବାର ୩୧।୧୦।୨୦୨୬
ଅକ୍ଷର
AKHYARA ODISHA | ଓଡ଼ିଶା

କାହାକୁ କହିବୁ... ଶୁଣିବ କିଏ ?

ବର୍ଷା ନୁହେଁ, ନାଳ ପାଣିରେ ବୁଡ଼ିଲା ବ୍ରହ୍ମପୁର



ବ୍ରହ୍ମପୁର : ୩୦/୧୦ (ଅକ୍ଷର ଓଡ଼ିଶା) କାହାକୁ କହିବୁ... ଶୁଣିବ କିଏ ? ବର୍ଷା ନୁହେଁ, ନାଳ ପାଣିରେ ବୁଡ଼ିଲା ବ୍ରହ୍ମପୁର ! ବିକଳ ଜନତା, ଶୁଣୁନି ପ୍ରଶାସନ ? ବାତ୍ୟା ପ୍ରଭାବରେ ଲଗାଣ ବର୍ଷା, ଆଉ ବର୍ଷା ଯୋଗୁଁ ବେହାଲ ରେଶମ ସହର ବ୍ରହ୍ମପୁର। ସହରର ବିଭିନ୍ନ ଅଞ୍ଚଳରେ ଜଳ ନିଷ୍କାସନ ସମସ୍ୟା ଯୋଗୁଁ ରାସ୍ତା ଉପରେ ଜମି ରହିଛି ନାଳ ପାଣି। ଫଳରେ ଯାତାୟାତରେ ସୃଷ୍ଟି ହୋଇଛି ବାଧା। ବ୍ରହ୍ମପୁର ମହାନଗର ନିଗମର ୪ ନମ୍ବର ୱାର୍ଡ ଅନ୍ତର୍ଗତ ପାଣିଗ୍ରହୀ ନଗରରେ ସ୍ଥିତି ଆହୁରି ଗମ୍ଭୀର। ରାସ୍ତା ଉପରେ ନାଳ ପାଣି ପ୍ରବାହିତ ହେଉଥିବା ବେଳେ ଅନେକ ଘରେ ପଶିଛି ଦୂଷିତ ଜଳ। ନଷ୍ଟ ହୋଇଛି ଘରର ବିଭିନ୍ନ ସାମଗ୍ରୀ। ଜଳ ଘେରରେ ରହିଛନ୍ତି ୧୦୦ରୁ ଅଧିକ ପରିବାର। ସ୍ଥାନୀୟ ଲୋକଙ୍କ କହିବା ଅନୁସାରେ, ଏହି ସମସ୍ୟା ଦୀର୍ଘଦିନ ଧରି ଲାଗି ରହିଥିଲେ ମଧ୍ୟ ଏହାର ସ୍ଥାୟୀ ସମାଧାନ ହୋଇପାରିନାହିଁ । ଆଗରୁ ଯଦି ଏହି ସମସ୍ୟାର ସମାଧାନ ହୋଇଥାନ୍ତା, ତେବେ ଆଜି ଏପରି ସ୍ଥିତି ଦେଖିବାକୁ ପଡ଼ିନଥାନ୍ତା ବୋଲି ଅଞ୍ଚଳବାସୀ କହିଛନ୍ତି। କେବେ ପଡ଼ିବ ପ୍ରଶାସନର ନଜର ? କେବେ ମିଳିବ ଏହି ସମସ୍ୟାର ସ୍ଥାୟୀ ସମାଧାନ ? ଏହା ହେଉଛି ବ୍ରହ୍ମପୁର ଅଞ୍ଚଳ ର ପାଣିଗ୍ରାହୀ ନଗର, ୱାର୍ଡ ନଂ-୪ ଦୃଶ୍ୟ । ତେବେ ଦେଖିବାର ରହିଲା କେବେ ପଡ଼ିବ ପ୍ରଶାସନର ନଜର ? କେବେ ମିଳିବ ଏହି ସମସ୍ୟାର ସ୍ଥାୟୀ ସମାଧାନ ?

ବନ୍ୟା ପରିସ୍ଥିତି ଅନୁଧ୍ୟାନ କଲେ ମନ୍ତ୍ରୀ ଓ ବିଧାୟକ



ବାଲିଗୁଡା, ୩୦/୧୦ (ଅକ୍ଷର ଓଡିଶା) ବାତ୍ୟା 'ଅର୍ଣ୍ଣବ'ର ପ୍ରଭାବରେ କନ୍ଧମାଳ ଜିଲ୍ଲାରେ ଗତକାଲି ଦିନତମାମ ପ୍ରବଳ ବର୍ଷା ହେବା ଫଳରେ ସାଲୁଙ୍କି ନଦୀର ଜଳସ୍ତର ବୃଦ୍ଧି ପାଇଛି। ନଦୀରେ ଜଳସ୍ତର ବଢ଼ିବା ଯୋଗୁଁ ଟିକାବାଲି ବ୍ଲକ ଓ ପାବୁରିଆ ଅଞ୍ଚଳକୁ ସଂଯୋଗ କରୁଥିବା ଗୁରୁତ୍ୱପୂର୍ଣ୍ଣ ସେତୁ ଉପରେ ବନ୍ୟାଜଳ ପ୍ରବାହିତ ହେଉଛି। ଏହି ପରିପ୍ରେକ୍ଷୀରେ ଫଚାୟତ ରାଜ ବିଭାଗ ମନ୍ତ୍ରୀ ରବିନାରାୟଣ ନାୟକ କନ୍ଧମାଳ ଜିଲ୍ଲା ଗସ୍ତ କରି ଫୁଲବାଣୀ ବିଧାୟକ ଉମା ଚରଣ ମଲ୍ଲିକ ଏବଂ ପ୍ରଶାସନିକ ଅଧିକାରୀମାନଙ୍କ ସହ ବିଭିନ୍ନ ଅଞ୍ଚଳ ପରିଦର୍ଶନ କରିଥିଲେ। ବିଶେଷକରି ଟିକାବାଲି ଓ ପାବୁରିଆ ଅଞ୍ଚଳକୁ ସଂଯୋଗ କରୁଥିବା ସେତୁ ନିକଟରେ ପହଞ୍ଚି ବନ୍ୟାଜଳ ପ୍ରବାହର ସ୍ଥିତି ଅନୁଧ୍ୟାନ କରିବା ସହ ବିଭିନ୍ନ ଅଞ୍ଚଳର ପରିସ୍ଥିତି ସମ୍ପର୍କରେ ସମୀକ୍ଷା କରିଥିଲେ। ସନ୍ଧ୍ୟାରେ ଫୁଲବାଣୀ ବ୍ଲକ ଅନ୍ତର୍ଗତ ଆଲାମୀ ଗ୍ରାମ ପଞ୍ଚାୟତର ଲୁହୁରବାଲୀ ଗ୍ରାମକୁ ଗସ୍ତ କରି ସେଠାକାର ପରିସ୍ଥିତି ମଧ୍ୟ ପରିଦର୍ଶନ କରିଥିଲେ। ବାତ୍ୟାଜନିତ ବର୍ଷା ଓ ବନ୍ୟାଜଳ ଯୋଗୁଁ ଜନସାଧାରଣଙ୍କ ଯାତାୟାତରେ ଯେପରି କୌଣସି ଅସୁବିଧା ନହୁଏ, ସେଥିପାଇଁ ପ୍ରଶାସନ ପକ୍ଷରୁ ଆବଶ୍ୟକ ପଦକ୍ଷେପ ନିଆଯାଉଛି।

୧୦୦ କୋଟିର ବେପାର ଠପ୍

ସହରରେ ଅର୍ଦ୍ଧାଧିକ ବ୍ୟବସ୍ୟାୟିକ ପ୍ରତିଷ୍ଠାନ ବନ୍ଦ



ବ୍ରହ୍ମପୁର : ୩୦।୧୦ (ଅକ୍ଷର ଓଡ଼ିଶା) ବାତ୍ୟା ଅର୍ଣ୍ଣବର ପ୍ରଭାବରେ ୧୨ ଘଣ୍ଟାର ପ୍ରବଳ ବର୍ଷା ସହରର ଜନଜୀବନକୁ ସଂପୂର୍ଣ୍ଣ ଭାବେ ଅସ୍ତବ୍ୟସ୍ତ କରିଛି । ସ୍ଥିତି ଏମିତି ହୋଇଥିଲା ଯେ ଘରୁ ପଦାକୁ ବାହାରିବା ବି ସମ୍ଭବପର ହୋଇନଥିଲା । ଏହାସାଙ୍ଗକୁ ପବନ ଯୋଗୁଁ ବିଭିନ୍ନ ସ୍ଥାନରେ ଗଛ ପଡ଼ି ଅବରୋଧ ହେବାରୁ ଯାତାୟାତ ସମସ୍ୟା ଦେଖାଦେଇଥିଲା । ଆଉ ରାତି ପାହିବା କ୍ଷଣି ଯେଉଁଠି ଲୋକଙ୍କ ଖଟି ଓ ଆଡ଼ା ଜମୁଥିଲା ସେଠାରେ ଆଜି ନୀରବତା ରାଜୁତି କରୁଥିବା ଦେଖିବାକୁ ମିଳିଥିଲା । ବଡ଼ବଜାର, ଅର୍ଣ୍ଣପୂର୍ଣ୍ଣା ମାର୍କେଟ, ଭାପୁରବଜାର, ସାନବଜାର, ଦେଶୀବେହେରା ସାହି ସମେତ ବିଭିନ୍ନ ଜନଗହଳି ପୂର୍ଣ୍ଣ ଯାଗାରେ ଦୋକାନ ବନ୍ଦ ରହିଥିବା ବେଳେ ଶୂନଶାନ ଲାଗୁଥିଲା । ସନ୍ଧ୍ୟା ରେ ବର୍ଷା କମିବା ପରେ କିଛି ହାତଗଣତି ଦୋକାନ ଖୋଲିଥିଲା ।ଯେଉଁ ଫାଷ୍ଟଫୁଡ଼ ଦୋକାନ ଖୋଲିଥିଲା ସେଠାରେ ଲୋକଙ୍କ ଅସମ୍ଭାଳଭିଡ଼ ଦେଖିବାକୁ ମିଳିଥିଲା । ଗଞ୍ଜାମ ଚାମ୍ବର ଅଫ ସଭାପତି ଭି.ସନ୍ତୋଷ କୁମାର କହିଛନ୍ତି , ଗଞ୍ଜାମ ଜିଲ୍ଲା ରେ ଆଜି ପ୍ରାୟ ୧୦୦ କୋଟି ଟଙ୍କା ର ବେପାର ବନ୍ଦ ହୋଇଛି । ବ୍ରହ୍ମପୁର ରେ ୬୦ ରୁ ୭୦ କୋଟି ଟଙ୍କାର ବ୍ୟବସାୟ ଅଟକିଛି । ସେହିପରି ଭଞ୍ଜନଗର ଓ ଆସିକା ଭଳି ପ୍ରମୁଖ ସହର ସମେତ ଅନେକ ସ୍ଥାନରେ ବି ଅର୍ଦ୍ଧାଧିକ ଦୋକାନ ବନ୍ଦ ରହିଥିଲା ।

ତୁରେଇ ନିକ୍ତିମାଳରେ ଜଂଘା ମନ୍ଦିର କମିଟିକୁ ଭୂମିଦାନ



କୁଚିଣ୍ଡା,୩୦।୧୦ (ଚତୁର୍ଭୁଜ ଜୟପୁରିଆ): ସମ୍ବଲପୁର ଜିଲ୍ଲା କୁଚିଣ୍ଡା ବ୍ଲକ ଅନ୍ତର୍ଗତ ତୁରେଇ ନିକ୍ତିମାଳଠାରେ ପ୍ରସିଦ୍ଧ ଜଂଘା ମନ୍ଦିର ପରିସରରେ ଏକ ମହତ ତଥା ଆଧ୍ୟାତ୍ମିକ କାର୍ଯ୍ୟକ୍ରମ ସମ୍ପନ୍ନ ହୋଇଯାଇଛି। ସର୍ଗତ ଉମେଶ ନାଏକଙ୍କ ପବିତ୍ର ସ୍ମୃତି ଉଦ୍ଦେଶ୍ୟରେ ତାଙ୍କ ପରିବାରବର୍ଗଙ୍କ ପକ୍ଷରୁ ମନ୍ଦିର ପାର୍ଶ୍ୱରେ ଥିବା ୪ ଡିସମିଲ ଜମି ଶ୍ରୀ ଜଂଘା ମନ୍ଦିର କମିଟିକୁ ବିଧିବଦ୍ଧ ଭାବେ ଶୁକ୍ରବାର ଦାନ କରାଯିବା ସହ ଶୁଭ ଭୂମିପୂଜନ କାର୍ଯ୍ୟ ସମାପନ ହୋଇଛି। ଲବଣୀଧର ନାଏକଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏଥିରେ ସର୍ଗତ ଉମେଶ ନାଏକଙ୍କ ପରିବାର ପକ୍ଷରୁ ବାପା ଜଗଦୀଶ ନାଏକ ଓ ମାତା ଗଜମତି ନାଏକ କର୍ତ୍ତା ଭାବେ ଦାୟିତ୍ୱ ତୁଲାଇ ଭୂମିଦାନ କରିଥିଲେ। ସେହିପରି ବଡ଼ ଝିଅ ବାସନ୍ତୀ ନାଏକ, ଜ୍ୱାଇଁ ପ୍ରଦୀପ ନାଏକ, ସାନ ଝିଅ ସଞ୍ଜୁଲତା ନାଏକ ଏବଂ ଜ୍ୱାଇଁ ଲୋକନାଥ ନାଏକ ପ୍ରମୁଖ ଉପସ୍ଥିତ ରହି ଏହି ମହତ ଦାନ କାର୍ଯ୍ୟରେ ସାମିଲ ହୋଇଥିଲେ। ପୂଜକ ଆଦିତ୍ୟ ପୁରୋହିତଙ୍କ ଦ୍ୱାରା ବୈଦିକ ରୀତିନୀତି ଅନୁସାରେ ପୂଜାର୍ଚ୍ଚନା କରାଯାଇ ଭୂମିପୂଜନ କାର୍ଯ୍ୟ ସମ୍ପନ୍ନ ହୋଇଥିଲା। ମନ୍ଦିର କମିଟିର ସଭାପତି ବୈଦନାଥ ନାଏକ, ଉପସଭାପତି ବିନ୍ଧାଧର ନାଏକ, ସମ୍ପାଦକ ଶ୍ରୀବତ୍ସ ନାଏକଙ୍କ ସମେତ କମିଟିର ସମସ୍ତ କର୍ମକର୍ତ୍ତା ତଥା ଗ୍ରାମବାସୀଙ୍କ ଉପସ୍ଥିତିରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ମନ୍ଦିରର ଉନ୍ନତି ଓ ବିକାଶ ପାଇଁ ପରିବାର ପକ୍ଷରୁ କରାଯାଇଥିବା ଏଭଳି ତ୍ୟାଗପୂତ କାର୍ଯ୍ୟକୁ କମିଟି ଏବଂ ସ୍ଥାନୀୟ ଅଞ୍ଚଳବାସୀ ଉଚ୍ଚ ପ୍ରଶଂସା କରିଛନ୍ତି। ଏହି ସମଗ୍ର କାର୍ଯ୍ୟକ୍ରମକୁ ସଫଳ କରିବାରେ ଲବଣୀଧର ନାଏକ, ଅଧୀର ନାଏକ, ଅଦିଲ ନାଏକ, ଇନ୍ଦ୍ରଜିତ ନାଏକ, ସୋମନାଥ ନାଏକ ଏବଂ ଶ୍ରୀବତ୍ସ ନାଏକ ପ୍ରମୁଖ ସକ୍ରିୟ ସହଯୋଗ କରିଥିଲେ।

ଡ଼ାଲି ବଦଳରେ ଚାରୁ କରିବାରୁ ସ୍ତ୍ରୀକୁ ହାଣିଲା ସ୍ୱାମୀ

ରାତି ୩ ଟାରେ ଅଭିଯୁକ୍ତକୁ କାବୁ କରିଲା ପୋଲିସ, ଗାଁରେ ଏହା ପ୍ରଥମ ଘଟଣା



ଦଶମନ୍ତପୁର, ୩୦/୧୦ (କଇନ ଗରଡ଼ା)ପରିବାର କିମ୍ବା ସ୍ୱାମୀ ସ୍ତ୍ରୀ ମଧ୍ୟରେ ଅନେକ କଳି ଝଗଡା ଲାଗିରହେ । ଆଉ କଳି ଝଗଡାରେ ହିଁ ହତ୍ୟା ଆଉ ଆତ୍ମହତ୍ୟା ଭଳି ଚରମ ନିଷ୍ପତି ନେବା ଆମେ ଜାଣିଛୁ । ହେଲେ କୋରାପୁଟ ଜିଲ୍ଲା ଦଶମନ୍ତପୁର ବ୍ଲକ ଲୁଲ୍ଲା ପଞ୍ଚାୟତ ସ୍ଥିତ ପଦୁଗୁଡ଼ାରେ ଘଟିଥିବା ହତ୍ୟାକାଣ୍ଡ କିଛୁ ପୁରା ଭିନ୍ନ । ଘରେ ରାତିରେ ଖାଇବାରେ ସ୍ତ୍ରୀ ଡ଼ାଲି ରେଷେଇ କରିବା ବଦଳରେ ଚାରୁ କରିଥିବାରୁ ମଦ୍ୟପ ସ୍ୱାମୀ ଶୋଇଥିବା ଅବସ୍ଥାରେ ସ୍ତ୍ରୀକୁ ଧାରୁଆ ଟାଙ୍ଗିଆରେ ହାଣି ହତ୍ୟା କରିଥିବା ଘଟଣା ଏବେ ଅଞ୍ଚଳରେ ଚାଞ୍ଚଲ୍ୟ ସୃଷ୍ଟି କରିଛି । ଘଟଣାଟି ବିଳମ୍ବିତ ରାତିରେ ଘଟିଥିବା ବେଳେ ୪ ଜଣ ପୁଅ ଝିଅ ବାହାରକୁ ବାହାରି କାନ୍ଦି କାନ୍ଦି ପଡ଼ିଶାରେ ଥିବା ଖୁଡ଼ି ଶଶି ଓ ଦାଦା ସଞ୍ଜି ସାଉଁନ୍ତାଙ୍କୁ ଜଣାଇଥିଲେ। ହେଲେ ଆସାମୀ ରାବ ସାଉଁନ୍ତା ସ୍ତ୍ରୀ କବିତାଙ୍କୁ ହତ୍ୟା କରିବାପରେ କବାଟ ବନ୍ଦ କରି ଚୁପଚାପ ରହିଯାଇଥିଲା ମଧ୍ୟରାତିରେ ଗାଁ ସାରା ଖବର ପ୍ରଘଟ ହେବା ପରେ ଗାଁ ଲୋକେ ସବୁ ଏକତ୍ରିତ ହୋଇ ଘର ଚାରିଆଡେ ଜଗି ପୋଲିସକୁ ଖବର ଦେଲେ ଖବର ପାଇ ଥାନା ଅଧିକାରୀ ଚରଣ ସିଂ ମାଝିଙ୍କ ନିର୍ଦେଶରେ ଏ ଏସ୍ ଆଇ ରବୀନ୍ଦ୍ର ବଡ଼କୁମାର ଏବଂ ଟିମ ଘଟଣା ସ୍ଥଳରେ ପହଂଚି ଆସାମୀ କୁ ଧରିବାକୁ ନାକେଦମ ହେବା ପ୍ରାୟ ୨/୩ ଘଣ୍ଟା ପରେ ମରଣା ଅସ୍ତ୍ର ସହ ଆସାମୀ କୁ କାବୁ କରି ରାତି ୩ ଟା ବେଳେ ଥାନାକୁ ନେଇଥିଲେ । ମୃତକଙ୍କ ଭାଇ ଭାସ୍କରଙ୍କ ଏତଲା ପରେ ଏସ୍ ଡ଼ି ପି ଓ ସଞ୍ଜୟ କୁମାର ମଣ୍ଡଳ, ସାଇଣ୍ଟିଫିକ ଟିମର ଅଫିସର ସୁଶୀଳା ଖରାଙ୍କ ସମେତ ଗଣ୍ଡଗୋଳ ପରିସ୍ଥିତିକୁ ଦୃଷ୍ଟିରେ ରଖି ଫୋର୍ସ ମୁତୟନ କରାଯଇଥିବା ଦେଖିବାକୁ ମିଳିଛି । କାକିରିଗୁମ୍ମା ଥାନା ଅଧିନସ୍ଥ ତରିଗୁଡ଼ା ଗାଁର ଚିତ୍ର ସାଉଁନ୍ତାଙ୍କ ଝିଅ କବିତାଙ୍କୁ ରାବ ସାଉଁନ୍ତା ୨୦୧୧ ମସିହାରେ ବିବାହ କରିଥିଲେ ବର୍ତମାନ ତାଙ୍କର ଗୋଟିଏ ପୁଅ ଏବଂ ତିନୋଟି ଝିଅ ରହିଥିବା ବେଳେ ବଡ଼ ଝିଅ ଦୀପା କୁ ୧୧ ବର୍ଷ ପୁଅ ଆରିଆକୁ ୭ ବର୍ଷ,ଦେବିକୁ ୫ ବର୍ଷ ଓ ଶ୍ରୀୟା କୁ ୩ ବର୍ଷର ହୋଇଥିବା ଜଣାପଡିଛି । ମାଆର ହତ୍ୟା ପରେ ଏମାନେ ଏବେ କାହା ସହ ଜୀବନ ଯାପନ କରିବେ ତାକୁ ନେଇ ଏବେ ବଡ଼ ପ୍ରଶ୍ନ ଉଭା ହୋଇଛି ।

ବନ୍ୟା ପରେ ଉଦ୍ଧାର କାର୍ଯ୍ୟ ଜାରି, ବିଦ୍ୟୁତ୍ ଓ ପାନୀୟ ଜଳ ସେବା ବନ୍ଦ

ବାହ୍ୟ ଜଗତରୁ ବିଚ୍ଛିନ୍ନ ଆସିକା, ଜନଜୀବନ ଅସ୍ତବ୍ୟସ୍ତ



ଆସିକା :୩୦/୧୦ (ଅକ୍ଷର ଓଡିଶା)ପ୍ରକୃତିର ତାଣ୍ଡବ ପରେ ଆସିକା ଅଞ୍ଚଳରେ ବନ୍ୟା ପରିସ୍ଥିତି ଧୀରେ ଧୀରେ ସୁଧୁରୁଥିବା ବେଳେ ଏବେ ମଧ୍ୟ ଜନଜୀବନ ସାଭାବିକ ହୋଇପାରିନାହିଁ। ବିଭିନ୍ନ ଅଞ୍ଚଳରେ ଉଦ୍ଧାର ଓ ରିଲିଫ୍ କାର୍ଯ୍ୟ ଜାରି ରହିଛି। ବନ୍ୟାଜଳ ହ୍ରାସ ପାଇବା ପରେ ରାସ୍ତାଘାଟରେ ଜମି ରହିଥିବା ପାଣି ଓ କାଦୁଅ ଯୋଗୁଁ ଯାତାୟାତରେ ସମସ୍ୟା ଦେଖାଦେଇଛି ।ଅନ୍ୟପକ୍ଷରେ ବନ୍ୟାର ପ୍ରଭାବରେ ବିଦ୍ୟୁତ୍ ଯୋଗାଣ ଓ ପାନୀୟ ଜଳ ସେବା ବନ୍ଦ ରହିଥିବାରୁ ସାଧାରଣ ଲୋକେ ନାହିଁ ନଥିବା ଦୁର୍ଦ୍ଦଶା ଭୋଗୁଛନ୍ତି। ବିଦ୍ୟୁତ୍ ନଥିବାରୁ ମୋବାଇଲ୍ ଚାର୍ଜ ଠାରୁ ଆରମ୍ଭ କରି ଦୈନନ୍ଦିନ କାର୍ଯ୍ୟ ପର୍ଯ୍ୟନ୍ତ ସବୁକିଛି ପ୍ରଭାବିତ ହୋଇଛି। ପାନୀୟ ଜଳ ଅଭାବ ଲୋକଙ୍କ ସମସ୍ୟାକୁ ଆହୁରି ବଢ଼ାଇ ଦେଇଛି। ବନ୍ୟା ଯୋଗୁଁ ଯୋଗାଯୋଗ ବ୍ୟବସ୍ଥା ମଧ୍ୟ ବାଧାପ୍ରାପ୍ତ ହୋଇଥିବାରୁ ଆସିକା ବାହ୍ୟ ଜଗତରୁ ବିଚ୍ଛିନ୍ନ ହୋଇପଡ଼ିଛି। ଅନେକ ସ୍ଥାନରେ ଘରଦ୍ୱାର, ଦୋକାନ ବଜାର ଓ ଚାଷଜମିରେ ବନ୍ୟାର ପ୍ରଭାବ ଦେଖିବାକୁ ମିଳିଛି ।ଏଭଳି ସ୍ଥିତିରେ ପ୍ରଶାସନ ପକ୍ଷରୁ ଉଦ୍ଧାର କାର୍ଯ୍ୟ ସହ ରିଲିଫ୍ ବଣ୍ଟନ, ରାସ୍ତା ସଫେଇ, ବିଦ୍ୟୁତ୍ ପୁନଃସଂଯୋଗ ଓ ପାନୀୟ ଜଳ ଯୋଗାଣକୁ ତ୍ୱରାନ୍ୱିତ କରିବାକୁ ଜନସାଧାରଣ ଦାବି କରିଛନ୍ତି। ବନ୍ୟା ପରବର୍ତ୍ତୀ ଦୁର୍ଦ୍ଦଶାରୁ କେବେ ମୁକ୍ତି ମିଳିବ, ତାହାକୁ ନେଇ ଏବେ ଆସିକାବାସୀଙ୍କ ମଧ୍ୟରେ ଚିନ୍ତା ବଢ଼ିଛି।

ବାତ୍ୟା ଅର୍ଣ୍ଣବ ପ୍ରଭାବରେ ବ୍ୟାପକ କ୍ଷୟକ୍ଷତି

ରାଇକିଆ, ୩୦/୧୦ (ଜଗଦୀଶ ଦାଶ),ବାତ୍ୟା 'ଅର୍ଣ୍ଣବ' ପ୍ରଭାବରେ ବହୁ କିଛିକ୍ଷୟକ୍ଷତି। କନ୍ଧମାଳ ଜିଲ୍ଲାରାଇକିଆ ଅଞ୍ଚଳରେ ବ୍ୟାପକ କ୍ଷୟକ୍ଷତି ଘଟିଛି। ବିଶେଷ କରି ମାଣିକେଶ୍ୱର ପଞ୍ଚାୟତର ଡାଙ୍ଗେସି ଗ୍ରାମରେ ଏକ ବଡ଼ଧରଣର ବିପର୍ଯ୍ୟୟରୁ ଗ୍ରାମବାସୀ ଅଳ୍ପକେ ବର୍ତ୍ତି ଯାଇଛନ୍ତି ।ବୁଧବାର ରାତ୍ରିରେ ହୋଇଥିବା ପ୍ରବଳ ବର୍ଷା କାରଣରୁ ପାହାଡ଼ ଉପରୁ ହଠାତ୍ ପାଣି ମାଡ଼ିଆସିଥିଲା। ଏଥିସହ ପାହାଡ଼ ଧସିବା ଯୋଗୁ ବଡ଼ବଡ଼ ପଥରଗୁଡ଼ିକ ଖସି ପଡ଼ିଥିଲା। ଏହି ପ୍ରାକୃତିକ ବିପର୍ଯ୍ୟୟରେ ଗ୍ରାମର ଛଅ ଜଣଙ୍କ ଘର ସମ୍ପୂର୍ଣ୍ଣ ନଷ୍ଟ ହୋଇଯାଇଥିବା ବେଳେ । ପ୍ରବଳ ବର୍ଷା ଓ ଭୟାବହ ପରିସ୍ଥିତି ମଧ୍ୟରେ କିଛି ପରିବାର ଜୀବନ ବିକଳରେ ନିକଟସ୍ଥ ଜଙ୍ଗଲ ଆଡ଼କୁ ଦୌଡ଼ି ପଳାଇଥିଲେ।ମୋଟ ୧୬ଟି ପରିବାର ବସବାସ କରୁଥିବା ଏହି ଦୁର୍ଗମ ଓ ଅପହଞ୍ଚ ପାହାଡ଼ ତଳ ଅଞ୍ଚଳ ସହ ଯୋଗାଯୋଗ ସମ୍ପୂର୍ଣ୍ଣ ବିଚ୍ଛିନ୍ନ ହୋଇଯାଇଛି। ଏହି ପରି ବହୁ ଜାଗାରେ ବହୁତ୍ କିଛି ନଷ୍ଟ ହୋଇଯାଇଥିବା ଖବର ମିଳୁଚି ।ଓ ରାଇକିଆ ବ୍ଲକ୍ ପ୍ରଶାସନ ପକ୍ଷରୁ ଓ ଅନ୍ୟ ଅଫିସର ମାନେ ନଷ୍ଟ ହୋଇଯାଇଥିବା ଘଟଣାସ୍ଥଳ ଗୁଡିକ କୁ ଯାଇ ତଦାରଖ କରିଛନ୍ତି।

ବାତ୍ୟା 'ଅର୍ଣ୍ଣବ'ରେ ଫସଲ କ୍ଷତିପୂରଣ ଦାବି କଲେ ବିଧାୟକ

ଦେବଗଡ଼,୩୦/୧୦(ଅକ୍ଷର ଓଡ଼ିଶା): ବାତ୍ୟା 'ଅର୍ଣ୍ଣବ'ର ପ୍ରଭାବରେ ଦେବଗଡ଼ ଜିଲ୍ଲାର ବିଭିନ୍ନ ଅଞ୍ଚଳରେ ଧାନଚାଷ ଓ ପନିପରିବା ଫସଲର ବ୍ୟାପକ କ୍ଷୟକ୍ଷତି ହୋଇଛି। ଏହାଦ୍ୱାରା ଜିଲ୍ଲାର ଅନେକ ଚାଷୀ ଆର୍ଥିକ କ୍ଷତିର ସମ୍ମୁଖୀନ ହୋଇଛନ୍ତି ।କ୍ଷତିଗ୍ରସ୍ତ ଚାଷୀଙ୍କ ସ୍ୱାର୍ଥକୁ ଦୃଷ୍ଟିରେ ରଖି ଫସଲ କ୍ଷୟକ୍ଷତିର ସଠିକ୍ ଆକଳନ କରିବା ସହ ପ୍ରଭାବିତଚାଷୀଙ୍କୁ ଉପଯୁକ୍ତ କ୍ଷତିପୂରଣ ପ୍ରଦାନ ଦାବିରେ ଦେବଗଡ଼ ବିଧାୟକ ରୋମାଞ୍ଚ ରଞ୍ଜନ ବିଶ୍ୱାଳ ଜିଲ୍ଲାପାଳ କବିନ୍ଦ୍ର କୁମାର ସାହୁଙ୍କୁ ଏକ ଦାବିପତ୍ର ପ୍ରଦାନ କରିଛନ୍ତି।

'ଦୁର୍ନୀତି ନିବାରଣ ସଚେତନତା ସପ୍ତାହ-୨୦୨୬'



ଯାଜପୁର ୩୦/୧୦ (ଅକ୍ଷର ଓଡ଼ିଶା)ଯାଜପୁର ଜିଲ୍ଲା ପ୍ରଶାସନ ପକ୍ଷରୁ ଗତ ଅକ୍ଟୋବର ୨୬ ରୁ ନଭେମ୍ବର ୧, ୨୦୨୬ ପର୍ଯ୍ୟନ୍ତ 'ଦୁର୍ନୀତି ନିବାରଣ ସଚେତନତା ସପ୍ତାହ-୨୦୨୬' ପାଳନ କରାଯାଉଛି। ଏହି ଅବସରରେ ଯାଜପୁର ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରୁ ଏକ ବିଶାଳ ସଚେତନତା ରାଲି ଆରମ୍ଭ ହୋଇଥିଲା। ଏହି ରାଲିକୁ ଅତିରିକ୍ତ ଜିଲ୍ଲାପାଳ ଯୁଧିଷ୍ଠିର ନାୟକ, ଭିଜିଲାନ୍ସ ଡି.ଏସ୍.ପି. ସୁଶୀଲ କୁମାର ଏକ୍କା, ଭିଜିଲାନ୍ସ ଡି. ଏସ୍.ପି. ସୁଲୋଚନା ନାଏକ, ଏ.ଏସ୍.ଆଇ. ଶ୍ରୀକାନ୍ତ କୁମାର ନାଏକ, ଡି.ପି.ସି ମିଶନ ଶକ୍ତି, ଯାଜପୁର ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ କାମିନୀ ରଞ୍ଜନ ପଟ୍ଟନାୟକ ଏବଂ ଜିଲ୍ଲା ସ୍କୁଲର ପ୍ରଧାନ ଶିକ୍ଷକ ବାସୁଦେବ ସେନାପତି ସବୁଜ ପତାକା ଦେଖାଇ ଆନୁଷ୍ଠାନିକ ଭାବେ ଶୁଭାରମ୍ଭ କରିଥିଲେ। ରାଲିଟି ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରୁ ବାହାରି ଗାନ୍ଧୀ ଛକ, ମେଡିକାଲ ଛକ ଏବଂ କୁସୁମା ଦେଇ ଗୌତମ ବୁଦ୍ଧ ସଂସ୍କୃତି ଭବନଠାରେ ପହଞ୍ଚି ଶେଷ ହୋଇଥିଲା ।ଏହି ସଚେତନତା ରାଲିରେ ଯାଜପୁର ଜିଲ୍ଲା ସ୍କୁଲର ଛାତ୍ରଛାତ୍ରୀ ଏବଂ ମିଶନ ଶକ୍ତିର ସଘଂ ସହାୟକ ଗୋଷ୍ଠୀର ସଦସ୍ୟାଙ୍କ ସମେତ ୨୫୦ ରୁ ଊର୍ଦ୍ଧ୍ୱ ବ୍ୟକ୍ତି ସାମିଲ ହୋଇଥିଲେ। ସମସ୍ତ ଅଂଶଗ୍ରହଣକାରୀ ହାତରେ ସଚେତନତା ବାର୍ତ୍ତା ସମ୍ବଳିତ ପ୍ଲାକାର୍ଡ ଧରି ଦୁର୍ନୀତି ନିବାରଣ, ସଚ୍ଛତା ଓ ସଚ୍ଚୋଟତା ସମ୍ପର୍କରେ ଜନସାଧାରଣଙ୍କୁ ସଚେତନ କରିଥିଲେ।

ଅର୍ଣ୍ଣବ ବାତ୍ୟାରେ ବିପନ୍ନଙ୍କ ପାଖରେ ଚିନ୍ମୟାନନ୍ଦ



ଚିକିଟି, ୩୦/୧୦:(କୁରସ ରେଙ୍ଗୀ) ଅର୍ଣ୍ଣବ ବାତ୍ୟାର ପ୍ରଭାବରେ ଚିକିଟି ନିର୍ବାଚନମଣ୍ଡଳୀର ବିଭିନ୍ନ ଅଞ୍ଚଳରେ ଜନଜୀବନ ପ୍ରଭାବିତ ହୋଇଥିବାବେଳେ ବିପନ୍ନ ଲୋକଙ୍କ ପାଖରେ ପହଞ୍ଚି ସହାୟତାର ହାତ ବଢ଼ାଇଛନ୍ତି ଚିକିଟିର ବିଜେଡି ଯୁବନେତା ତଥା ପୂର୍ବତନ ବିଧାୟକ ପ୍ରାର୍ଥୀ ଚିନ୍ମୟାନନ୍ଦ ଶ୍ରୀରୂପ

ଖାଦ୍ୟ ଯୋଗାଣ ସହ ଲୋକଙ୍କୁ ଦେଲେ ଭରସା

ଦେଓ। ବାତ୍ୟାର ପ୍ରଭାବ ଆରମ୍ଭ ହେବାଠାରୁ ପ୍ରଭାବିତ ଅଞ୍ଚଳରେ ପହଞ୍ଚି ଲୋକଙ୍କ ଦୁଃଖଦୁର୍ଦ୍ଦଶା ବୁଝିବା ସହ ସମ୍ଭବ ମୁତାବକ ସହାୟତା ଯୋଗାଇ ଦେଇଛନ୍ତି ।ବିଶେଷକରି ଚିକିଟି ନିର୍ବାଚନମଣ୍ଡଳୀର ଆଦିବାସୀ ବହୁଳ ଅଙ୍କୁଳି, ତୁମ୍ବା, ବୁରାତଳା, ବି. ନୂଆଗାଁ, ସାମନ୍ତିଆପଲ୍ଲୀ, କମ୍ୟାରିଗାଁ, ଜୟନ୍ତୀପୁର, କେଶରୀପଡ଼ା, ସୁରଳ, ସୁବାନୀ ଓ ଏକସିଙ୍ଗି ପଞ



ଶନିବାର ୩୧।୧୦।୨୦୨୬
ଅକ୍ଷର
AKHYARA ODISHA ଓଡ଼ିଶା

ଆକଲାଣ୍ଡରେ ବିପର୍ଯ୍ୟୟର ସାମ୍ନା କଲେ ଭାରତୀୟ ଟିମ୍

ଆକଲାଣ୍ଡ, ୩୦/୧୦ : ଭାରତ ଏବଂ ନ୍ୟୁଜିଲାଣ୍ଡ ମଧ୍ୟରେ ୫ମ୍ୟାଚ୍ ବିଶିଷ୍ଟ ଟି-୨୦ ଶୃଙ୍ଖଳାର ଚତୁର୍ଥ ମୁକାବିଲା ଶୁକ୍ରବାର ଦିନ ଖେଳାଯାଇଛି । ଆକଲାଣ୍ଡର ଇଡେନ୍ ପାର୍କରେ ଖେଳାଯାଇଥିବା ଏହି ମୁକାବିଲାରେ ଭାରତୀୟ ରନ୍‌ବୀରମାନେ ବିପର୍ଯ୍ୟୟର ଶିକାର ହୋଇଛନ୍ତି । ଫଳରେ ନ୍ୟୁଜିଲାଣ୍ଡ ୮୭ ରନ୍‌ରେ ବିଜୟ ହାସଲ କରିଛି । ନ୍ୟୁଜିଲାଣ୍ଡ ମାଟିରେ ଭାରତ ୭ବର୍ଷ ପରେ ପରାସ୍ତ ହୋଇଛି ।





ଭାରତ-ନ୍ୟୁଜିଲାଣ୍ଡ ୪ର୍ଥ ଟି-୨୦

ଏହି ମ୍ୟାଚ୍‌ରେ ଭାରତକୁ ନ୍ୟୁଜିଲାଣ୍ଡ ୨୬୦ ରନ୍‌ର ବଡ଼ ଲକ୍ଷ ଦେଇଥିଲା । କିନ୍ତୁ ଭାରତୀୟ ବ୍ୟାଟର ନିଜର ଲକ୍ଷ୍ୟରୁ ବିଚ୍ୟୁତ ହୋଇଥିଲେ । ଭାରତୀୟ ଟିମ୍ ୨୦ ଓଭରରେ ୯ଟି ୱିକେଟ ହରାଇ ୧୭୨ ରନ୍ କରିପାରିଥିଲେ । ଏହି ବିଜୟ ସହିତ ନ୍ୟୁଜିଲାଣ୍ଡ ଟି-୨୦ ଶୃଙ୍ଖଳାକୁ ୧-୩ କରିଦେଇଛି । ଭାରତୀୟ ଟିମ୍ ପୂର୍ବରୁ ହିଁ ଟି-୨୦ ଶୃଙ୍ଖଳା ନିଜର ନାମରେ କରିସାରିଛି । ଟି-୨୦ ଶୃଙ୍ଖଳାର ପ୍ରାରମ୍ଭିକ ୨ଟି ମ୍ୟାଚ୍ କ୍ରାଇଷ୍ଟଚର୍ଚ୍ଚରେ ଖେଳାଯାଇଥିଲା, ଯାହାକୁ ଭାରତୀୟ ଟିମ୍ ବିଜୟ ହାସଲ କରିଥିଲଶ । ପୁଣି ୱେଲିଂଟନରେ ଖେଳାଯାଇଥିବା ତୃତୀୟ ମୁକାବିଲାକୁ ମଧ୍ୟ ଭାରତ ଜିତିଥିଲା । ଶୃଙ୍ଖଳାର ଅନ୍ତିମ ମୁକାବିଲା ଆସନ୍ତା ନଭେମ୍ବର ୧ ତାରିଖରେ ହାମିଲଟନରେ ଖେଳାଯିବ ।

ଲକ୍ଷ୍ୟ ପଛରେ ଥିବା ଭାରତୀୟ ଟିମ୍‌ର ପ୍ରାରମ୍ଭିକ ପ୍ରଦର୍ଶନ ଖରାପ ଥିଲା । ପ୍ରଥମ ଓଭରରେ ସଞ୍ଜୁ ସାମସନ (୪ରନ୍)ଙ୍କୁ ଜାକବ ଡଫି ଆଉଟ୍ କରିଥିଲେ । ଇଶାନ କିଶନ (୦ରନ୍)ରେ ଭାରତକୁ ଦ୍ୱିତୀୟ ୱିକଟେ ଭାବେ ଝଟକା ଦେଇଥିଲେ । ଏହା ପରେ ଶ୍ରେୟସ ଆୟର ଏବଂ ଅଭିଷେକ ଶର୍ମାଙ୍କ ମଧ୍ୟରେ ତୃତୀୟ ଓଭରରେ ୪୬ ରନ୍‌ର ଭାଗିଦାରୀ ହୋଇଥିଲା । ମ୍ୟାଥୁ ଫିଶର ବଲ୍‌ରେ ଏହି ଭାଗିଦାରୀ ଶେଷ ହୋଇଥିଲା । ଅଭିଷେକ ଶର୍ମା ଆଉଟ୍ ହୋଇଥିଲେ । ଏହା ପୂର୍ବରୁ ଅଭିଷେକ ୩ଟି ଚୌକା ଏବଂ ଗୋଟିଏ ଛକା ବଳରେ ୧୫ଟି ବଲ୍ ସାମ୍ନା କରିଥିଲେ ଏବଂ ୨୭ ରନ୍ ସଂଗ୍ରହ କରିଥିଲେ । ଶ୍ରେୟସ ଆୟର ବ୍ୟକ୍ତିଗତ ଭାବେ ୨୨ ରନ୍ ସଂଗ୍ରହ କରିଥିଲେ । ଏହା ପରେ ଭାରତୀୟ ଟିମ୍ ନୀତିଶ କୁମାର ରେଡ୍ଡୀ (୨୧ ରନ୍) ଏବଂ ଅକ୍ଷର ପଟେଲ (୭ରନ୍) କରିଥିଲେ । ଏହା ପର ଠାରୁ ଭାରତର ବିଜୟ ଆଶା ମଉଳିବାକୁ ଲାଗିଥିଲା । ଯୁବ ଭାରତୀୟ ଖେଳାଳି ନମନ ଧୀର କିଛି ଭଲ ସର୍ଟ ଖେଳିଥିଲେ । କିନ୍ତୁ ସେ ମଧ୍ୟ ବେଶୀ ସମୟ ପର୍ଯ୍ୟନ୍ତ ପଡ଼ିଆରେ ତିଷ୍ଠି ପାରି ନଥିଲେ । ସେ ୧୩ଟି ବଲ୍ ଖେଳି ୨୮ ରନ୍ କରିଥିଲେ । ତିଳକ ବର୍ମା ୧୦୦ ରନ୍‌ରେଟ୍‌ରେ ୩୫ ରନ୍ କରିଥିଲେ । ନ୍ୟୁଜିଲାଣ୍ଡର ଜାକବ ଡଫିଙ୍କୁ ୪ଟି ୱିକେଟ୍ ମିଳିଥିଲା । ମ୍ୟାଥୁ ଫିଶର ଏବଂ ମିଚେଲ ସେଣ୍ଟନର ୨-୨ ୱିକେଟ୍ ନେଇଥିଲେ । ସୂଚନାଯୋଗ୍ୟ, ଏହି ମୁକାବିଲାରେ ଭାରତ ଟସ୍ ଜିଣି ପ୍ରଥମେ ବୋଲିଂ ନିଷ୍ପତ୍ତି ନେଇଥିଲା । ଘରୋଇ ଦଳ ପ୍ରଥମେ ବ୍ୟାଟିଂ କରିଥିଲେ । ନିର୍ଦ୍ଧାରିତ ୨୦ ଓଭରରେ ୭ଟି ୱିକେଟ୍ ହରାଇ ୨୫୯ ରନ୍ ସଂଗ୍ରହ କରିଥିଲେ । ଗ୍ଲେନ ଫିଲିପ୍ସ ଏକ ବିସ୍ଫୋରକ ଶତକ ହାସଲ କରିଥିଲେ । ସେ ୪୯ଟି ବଲ୍ ଖେଳି ୬ଟି ଚୌକା ଏବଂ ୧୦ଟି ଛକା ବଳରେ ୧୦୭ ରନ୍ ସଂଗ୍ରହ କରିଥିଲେ । ସେହିପରି ମିଚେଲ ବ୍ରାସୱେଲ୍ ୨୫ଟି ବଲ୍ ଖେଳି ୪ଟି ଚୌକା ଏବଂ ୬ଟି ଛକା ବଳରେ ୬୫ ରନ୍ ଯୋଡ଼ିଥିଲେ ।

ଭେରେଭ୍ ବିଶ୍ୱର ନୂଆ ୧ନଂ ଟେନିସ୍ ଖେଳାଳି

ଭିଏନା, ୩୦/୧୦ : ଜର୍ମାନୀର ଆଲେକ୍‌ଜାଣ୍ଡର ଭେରେଭ ବିଶ୍ୱର ନୂଆ ୧ ନମ୍ବର ଟେନିସ୍ ଖେଳାଳି ହୋଇଛନ୍ତି । ଆସନ୍ତା ସପ୍ତାହର ଘୋଷିତ ହେବାକୁ ଥିବା ଏଟିପି ମାନ୍ୟତାରେ ସେ ଇଟାଲିର ଜାନିକ ସିନ୍ନରଙ୍କୁ ପଛରେ ପକାଇବେ । ଗୁରୁବାର ଭିଏନା ଓପନ୍ ଟେନିସ୍ ପ୍ରତିଯୋଗିତାର ରାଉଣ୍ଡ-୧୬ରେ ଟାଲନ ଗ୍ରିକସ୍ପୁରଙ୍କୁ ହରାଇ ଏହା ନିଶ୍ଚିତ କରିଛନ୍ତି । ଚଳିତ ବର୍ଷ ଫ୍ରେଞ୍ଚ ଓ ୟୁଏସ୍ ଓପନ୍ ଜିତିଥିବା ଭେରେଭ ଶୀର୍ଷରେ ଥିବା ପ୍ରଥମ ଥର ଲାଗି ଏହି ସଫଳତା ପାଇବେ । ବୋରିସ ବେକରଙ୍କ ପରେ ଦ୍ୱିତୀୟ ଜର୍ମାନୀ ଖେଳାଳି ଭାବେ ୨୯




ବର୍ଷୀୟ ଭେରେଭ ଏହି ଗୌରବ ଅର୍ଜନ କରିବେ । ବେକର ୧୯୯୧ରେ ବିଶ୍ୱର ଏକ ନମ୍ବର ଟେନିସ ଖେଳାଳି ହୋଇଥିଲେ । ୧୯୭୩ରେ ପୁରୁଷ ଟେନିସ୍ ମାନ୍ୟତା ଆରମ୍ଭ ହେବା ପରଠୁ ସେ ୩୦ତମ ବ୍ୟକ୍ତି ଭାବେ ଶୀର୍ଷ ସ୍ଥାନ ଦଖଲ କରିବେ । ଗତ ଦୁଇ ଋତୁ (୨୦୨୪, ୨୦୨୫)ରେ ସମସ୍ତ ଗ୍ରାଣ୍ଡ ସ୍ଲାମ୍ ଟ୍ରଫି ହାତେଇଥିବା ସିନ୍ନର ଓ କାର୍ଲୋସ ଅଲ୍‌କାରାଜ ଆହତ ହେବା ଭେରେଭଙ୍କ ପାଇଁ ବରଦାନ ହୋଇଥିଲା । ୨୦୨୨ ଫ୍ରେଞ୍ଚ ଓପନ୍ ବେଳେ ଭେରେଭ ଶୀର୍ଷର ନିକଟତର ହୋଇଥିଲେ । ହେଲେ ରାଫେଲ ନାଦାଲଙ୍କ ବିପକ୍ଷ ସେମିଫାଇନାଲ୍‌ରେ ତାଙ୍କ ଲିଗାମେଣ୍ଟ ଛିଣ୍ଡିଯିବାରୁ ସେ ଆଉ ଏହି ଋତୁରେ ଖେଳିପାରି ନଥିଲେ । ଏବେ ତାଙ୍କର ୧ ନମ୍ବର ସ୍ୱପ୍ନ ପୂରଣ ହୋଇଛି ।

ରାଜ୍ୟ କୁସ୍ତି ଉଦ୍‌ଯାପିତ ପୁରୀ ଓ କଟକର ଆଧିପତ୍ୟ

ସମ୍ବଲପୁର, ୩୦/୧୦ : ସମ୍ବଲପୁରର ଗଙ୍ଗାଧର ମଣ୍ଡପଠାରେ ଚାଲିଥିବା ରାଜ୍ୟ କୁସ୍ତିପ୍ରତିଯୋଗିତା ଉଦ୍‌ଯାପିତ ହୋଇଯାଇଛି । ଏଥିରେ ପୁରୀ ଓ କଟକ ଖେଳାଳି ଆଧିପତ୍ୟ ବିସ୍ତାର କରିଥିଲେ । ଦ୍ୱିତୀୟ ତଥା ଅନ୍ତିମ ଦିନରେ ୧୭ ଓ ୧୫ ବର୍ଷରୁ କମ୍ ବାଳକ, କନିଷ୍ଠ ମହିଳା, ବରିଷ୍ଠ ମହିଳା ବର୍ଗର ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା । ୫୬ କେଜିରେ କଟକର ରୋହିତ ସାମଲ, ୧୫ ବର୍ଷରୁ କମ୍ ୪୬ କେଜିରେ ପୁରୀର ବୀରେନ ଦଳାଇ, ୫୩ କେଜିରେ ପୁରୀର ଜୟକୃଷ୍ଣ ସାମନ୍ତରାୟ ବିଜେତା ହୋଇଛନ୍ତି । କନିଷ୍ଠ ମହିଳା ୫୦ କେଜିରେ କଟକର ଶୁଭଲକ୍ଷ୍ମୀ ପାଲ, ୫୩ କେଜିରେ କଟକର ଅନ୍ନପୂର୍ଣ୍ଣା ନାୟକ, ୫୬ କେଜିରେ କଟକର ସୋନିଆ ନାୟକ, ୫୯ କେଜିରେ କଟକର ଗାୟତ୍ରୀ ପାଣି ବିଜୟିନୀ ହୋଇଛନ୍ତି । ୭୨ କେଜିରେ ପୋଷ୍ଟାଲର ମନୀଷା ବିଜୟିନୀ । ବରିଷ୍ଠ ମହିଳା ୫୦ କେଜିରେ କଟକର ଶୁଭଶ୍ରୀ ନାୟକ, ୫୩ କେଜିରେ ପୁରୀର ଆଲୋକରଶ୍ମି ଗୁରୁ, ୫୫ କେଜିରେ ଭଦ୍ରକର ବନିତା ବେହେରା, ୫୭ କେଜିରେ ପୁରୀର ସୁପ୍ରିୟା ମହାପାତ୍ର, ୫୯ କେଜିରେ ବାଲେଶ୍ୱରର ଲକ୍ଷ୍ମୀପ୍ରିୟା, ୬୨ କେଜିରେ କଟକର ଅଜିଜା, ୬୮ କେଜିରେ ସମ୍ବଲପୁରର ତମନ୍ନା, ୭୨ କେଜିରେ ପୋଷ୍ଟାଲର ମନୀଷା ବେହେରା ବିଜୟିନୀ ହୋଇଛନ୍ତି ।

ହକି ବିଶ୍ୱକପ୍ ୨୦୩୦ ଆୟୋଜନ ଦୌଡ଼ରେ ଓଡ଼ିଶା ସହ ପଞ୍ଜାବ ଓ ତାମିଲନାଡୁ

ଜଳନ୍ଧର,୩୦/୧୦ : ଅଗାମୀ ୨୦୩୦ ଏଫ୍‌ଆଇଏଚ୍ ପୁରୁଷ ଓ ମହିଳା ବିଶ୍ୱକପ୍ ଆୟୋଜନ ଦୌଡ଼ରେ ଓଡ଼ିଶା ସମେତ ପଞ୍ଜାବ ଓ ତାମିଲନାଡୁ ରହିଛନ୍ତି । ଏହି କଥା ହକି ଇଣ୍ଡିଆ ସମ୍ପାଦକ ଭୋଳାନାଥ ସିଂହ କହିଛନ୍ତି । ପୂର୍ବରୁ ଓଡ଼ିଶା ଦୁଇ ଥର ପୁରୁଷ ବିଶ୍ୱକପ୍ (୨୦୧୮, ୨୦୨୩) ଆୟୋଜନ କରିଥିଲା । ପୁରୁଷ କନିଷ୍ଠ ବିଶ୍ୱକପ୍ ଗତ ବର୍ଷ ଚେନ୍ନାଇ ଓ ମଦୁରାଇରେ ତାମିଲନାଡୁ ସଫଳତାର ସହ ଆୟୋଜନ କରିଛି । କିନ୍ତୁ ପଞ୍ଜାବରେ ଏପର୍ଯ୍ୟନ୍ତ ଏହି ବଡ଼ ଇଭେଣ୍ଟ ହୋଇନାହିଁ । ସଂପ୍ରତି ଏହି ରାଜ୍ୟରେ ପୁରୁଷ ଏସୀୟ ଚାମ୍ପିଅନ୍ସ ଟ୍ରଫି ଚାଲିଛି ।



୧୭ ବର୍ଷ ପରେ ପ୍ରଥମ ଥର ପଞ୍ଜାବକୁ ଅନ୍ତର୍ଜାତୀୟ ହକି ପ୍ରତିଯୋଗିତା ଫେରିଛି । ଶେଷ ଥର ଲାଗି ପଞ୍ଜାବରେ ୨୦୦୯ ଗୋଲ୍ଡ କପ୍ ଅନ୍ତର୍ଜାତୀୟ ହକି ପ୍ରତିଯୋଗିତା ଖେଳାଯାଇଥିଲା । ବିଶ୍ୱକପ୍ ଆୟୋଜନ ଅଧିକାର ନେଇ ଭୋଳାନାଥ କହିଛନ୍ତି ଯେ, ''ଓଡ଼ିଶା, ତାମିଲନାଡୁ ଓ ପଞ୍ଜାବ ଏହି ଦୌଡ଼ରେ ଅଛନ୍ତି । ଯଦି ଓଡ଼ିଶାକୁ ହକି ବିଶ୍ୱକପ୍ ଆୟୋଜନ ଅଧିକାର ମିଳେ, ତେବେ ଏହି ରାଜ୍ୟ ପାଇଁ ବଡ଼ ସଫଳତା ହେବ । ଓଡ଼ିଶା ବି ପ୍ରଥମ ପସନ୍ଦରେ ରହିଛି । ମୁଁ ଚାହେ ହକି ଦେଶର ସବୁ କୋଣରେ ପହଞ୍ଚୁ । ତାମିଲନାଡୁ ଅନେକ ଅଲିମ୍ପିଆନ୍ ତିଆରି କରିଛି ଏବଂ ଆମେ ଗତ ବର୍ଷ ସେଠାରେ କନିଷ୍ଠ ବିଶ୍ୱକପ୍ କରିଥିଲୁ । ପଞ୍ଜାବରେ ଏବେ ପୁରୁଷ ଏସୀୟ ଚାମ୍ପିଅନ୍ସ ଟ୍ରଫି ଚାଲିଛି । ଏପର୍ଯ୍ୟନ୍ତ ଅନ୍ତର୍ଜାତୀୟ ପ୍ରତିଯୋଗିତା ମଧ୍ୟପ୍ରଦେଶରେ ହୋଇ ନଥିବା ବେଳେ ମହିଳା ଏସୀୟ ଚାମ୍ପିଅନ୍ସ ଟ୍ରଫି ଏହାର ରାଜଧାନୀ ଭୋପାଳରେ ନଭେମ୍ବର ୧୯ରୁ ୨୮ ପର୍ଯ୍ୟନ୍ତ ଆୟୋଜିତ ହେବ'' ।



ଉଥାପ୍ପା ହେଲେ ମୁମ୍ବାଇ ଇଣ୍ଡିଆନ୍ସ ପ୍ରଶିକ୍ଷକ

ମୁମ୍ବାଇ, ୩୦/୧୦ : ପୂର୍ବତନ ଭାରତୀୟ ବ୍ୟାଟର୍ ଓ ଦୁଇ ଥର ଆଇପିଏଲ୍ ବିଜେତା ରବିନ ଉଥାପ୍ପାଙ୍କୁ ମୁମ୍ବାଇ ଇଣ୍ଡିଆନ୍ସ ବ୍ୟାଟିଂ ପ୍ରଶିକ୍ଷକ ଭାବେ ନିଯୁକ୍ତି କରିଛି । ତାଙ୍କ ସହ ପୂର୍ବତନ ନ୍ୟୁଜିଲାଣ୍ଡ ବୋଲର ମିଚେଲ ମ୍ୟାକ୍ଲୁଲିନାଘନ (ବୋଲିଂ), ପୂର୍ବତନ ଭାରତୀୟ ଦଳର ଫିଲ୍ଡିଂ ପ୍ରଶିକ୍ଷକ ଟି ଦିଲୀପ (ଫିଲ୍ଡିଂ) ଓ ବୋଲର ଧାୱନ କୁଲକର୍ଣ୍ଣି (ଡେଭେଲପ୍‌ମେଣ୍ଟ ବୋଲିଂ)ଙ୍କୁ ମୁମ୍ବାଇ ଇଣ୍ଡିଆନ୍ସ ୨୦୨୭ ଆଇପିଏଲ୍ ମିନି ନିଲାମ ପୂର୍ବରୁ ମୁଖ୍ୟ ପ୍ରଶିକ୍ଷକ କିରଣ ପୋଲାର୍ଡଙ୍କ ନେତୃତ୍ୱାଧୀନ ପ୍ରଶିକ୍ଷକ ମଣ୍ଡଳୀରେ ସାମିଲ କରିଛି । ଗତ ସପ୍ତାହରେ ମାହେଲା ଜୟବର୍ଦ୍ଧନେଙ୍କ ସ୍ଥାନରେ ପୋଲାର୍ଡଙ୍କୁ ମୁଖ୍ୟ ପ୍ରଶିକ୍ଷକଭାବେ ନିଯୁକ୍ତ କରିବା ପରେ ଗୁରୁବାର ବୋଲିଂ ପ୍ରଶିକ୍ଷକ ଲସିତ ମଲିଙ୍ଗା, ପାରାସ ମହାମ୍ବ୍ରେ ଏବଂ ଫିଲ୍ଡିଂ ପ୍ରଶିକ୍ଷକ କାର୍ଲ ହୋପକିନ୍‌ସନ୍‌ଙ୍କ ସହ ଚୁକ୍ତି ସମାପ୍ତ କରିଥିଲା ୫ ଥରର ବିଜେତା ମୁମ୍ବାଇ ଇଣ୍ଡିଆନ୍ସ । ଉଥାପ୍ପା, ମ୍ୟାକ୍ଲୁଲିନାଘନ ଓ କୁଲକର୍ଣ୍ଣି ନିଜ ଖେଳ ଜୀବନରେ ମୁମ୍ବାଇ ଇଣ୍ଡିଆନ୍ସ ପକ୍ଷରୁ ଆଇପିଏଲ୍‌ରେ ଖେଳିଛନ୍ତି । ଉଥାପ୍ପା କେବଳ ୨୦୦୮ ପ୍ରଥମ ସଂସ୍କରଣରେ ଏହି ଦଳ ସହ ଥିଲା ବେଳେ ମ୍ୟାକ୍ଲୁଲିନାଘନ ୨୦୧୫ରୁ ୨୦୧୯ ପର୍ଯ୍ୟନ୍ତ ମୁମ୍ବାଇ ପକ୍ଷରୁ ୫୬ ମ୍ୟାଚ୍ ଖେଳି ୭୧ ୱିକେଟ୍ ଅକ୍ତିଆର କରିଥିଲେ । ମୁମ୍ବାଇ ପକ୍ଷରୁ ଉଥାପ୍ପା ୧୪ ମ୍ୟାଚ୍ ଖେଳି ୧୧୪ ଷ୍ଟ୍ରାଇକ୍‌ରେଟ୍‌ରେ ୩୭୦ ରନ୍ ସଂଗ୍ରହ କରିଥିଲେ । ଏହାପରେ ସେ ୫ ଆଇପିଏଲ୍ ଫ୍ରାଞ୍ଚାଇଜିରୁ ଖେଳିଥିଲେ ।

କଣ୍ଟିଲୋ ପ୍ରିମିୟର ଲିଗ୍: ଆର.କ୍ଲବ.ଇଲେଭେନ ଓ ଶତପଥୀ ଲାଇନ୍ସ ବିଜୟୀ

କଣ୍ଟିଲୋ,୩୦।୧୦ (ଅକ୍ଷର ଓଡ଼ିଶା): ପଲଟନ ପଡ଼ିଆରେ ୫ମ ସଂସ୍କରଣ କଣ୍ଟିଲୋ ପ୍ରିମିୟର କ୍ରିକେଟ୍ ଲିଗ୍ ଶୁକ୍ରବାର ଚତୁର୍ଥ ଲିଗରେ ଦୁଇଟି ମ୍ୟାଚ ଅନୁଷ୍ଠିତ ହୋଇଯାଇଛି । ପ୍ରଥମ ମ୍ୟାଚ ଆର. କ୍ଲବ. ଇଲେଭେନ ବନାମ ଇଷାନ ରୟାଲ କ୍ଲବ ଏବଂ ଦ୍ୱିତୀୟ ମ୍ୟାଚ୍ ଶତପଥୀ ଲାଇନ୍ସ ବନାମ ଦୀପୁ କିଙ୍ଗସ ମଧ୍ୟରେ ଅନୁଷ୍ଠିତ ହୋଇଥିଲା ।ଆର. କ୍ଲବ. ଇଲେଭେନ ଟସ ଜିତି ବ୍ୟାଟିଂ କରିବାକୁ ନିଷ୍ପତି ନେଇଥିଲା । ୧୨ ଓଭର ବିଶିଷ୍ଟ ମ୍ୟାଚରେ ଆର. କ୍ଲବ. ଇଲେଭେନ ୯ ୱିକେଟ୍ ହରାଇ ୯୪ ରନ୍ ସଂଗ୍ରହ କରିଥିଲା । ଦ୍ୱିତୀୟରେ ବ୍ୟାଟିଂ କରି ଇଷାନ ରୟାଲ କ୍ଲବ ୧୦ ଓଭରରେ ସମସ୍ତ ୱିକେଟ୍ ହରାଇ ମାତ୍ର ୩୮ ରନ୍ କରିଥିଲା ।ଆର. କ୍ଲବ. ଇଲେଭେନ ୫୬ ରନରେ ବିଜୟୀ ହୋଇଥିଲା । ବିଜୟୀ ଦଳର ଲକି ମହାପାତ୍ର ବ୍ୟକ୍ତିଗତ ଭାବେ ୧୦ ବଲରେ ୨୩ ରନ କରି ୩ ୱିକେଟ୍ ଅଧିକାର କରି ମ୍ୟାଚ୍ ଅଫ୍ ଦ ମ୍ୟାଚ୍ ବିବେଚିତ ହୋଇଥିଲେ । ଦ୍ୱିତୀୟ ମ୍ୟାଚ ଶତପଥୀ ଲାଇନ୍ସ ଓ ଦୀପୁ କିଙ୍ଗସ ମଧ୍ୟରେ ମ୍ୟାଚ ଅନୁଷ୍ଠିତ ହୋଇଥିଲା । ଶତପଥୀ ଲାଇନ୍ସ ଟସ ଜିତି ବ୍ୟାଟିଂ କରି ୧୨ ଓଭରରେ ୯ ଉଇକେଟ ହରାଇ ୧୧୦ ରନ ସ୍କୋର କରିଥିଲା । ଦ୍ୱିତୀୟରେ ବ୍ୟାଟିଂ କରି ଦୀପୁ କିଙ୍ଗସ ୧୨ ଓଭରରେ ୯ ଉଇକେଟ ହରାଇ ୯୦ ରନ କରିଥିଲା । ଶତପଥୀ ଲାଇନ୍ସ ୨୧ ରନରେ ବିଜୟୀ ହୋଇଥିଲା । ବିଜୟୀ ଦଳର ସତ୍ୟ ସାମଲ ୧୫ ବଳରୁ ୨୪ ରନ କରି ୨ ଉଇକେଟ ସଂଗ୍ରହ କରି ମ୍ୟାନ ଅଫ ଦି ମ୍ୟାଚ ବିବେଚିତ ହୋଇଥିଲେ । ଉଭୟ ମ୍ୟାଚରେ ସରୋଜ ମହାରଣା, ଶିବ ନାରାୟଣ ସାହୁ ମ୍ୟାଚ ପରିଚାଳନା କରିଥିଲେ । ସ୍କୋର ଦାୟିତ୍ୱରେ ଗୌରାଙ୍ଗ ଚରଣ ସେଠୀ,ଶଙ୍କର କୁମାର ବେହେରା ଏବଂ ଭାଷ୍ୟକାର ସୂର୍ଯ୍ୟମଣି ଜେନା ତୁଲାଇଥିଲେ । ଆଜି ଦୁଇଟି ମ୍ୟାଚ୍ ଅଶୋକ କିଙ୍ଗ ବନାମ ଦ ରୟାଲ କିଙ୍ଗସ ଏବଂ ଦ୍ୱିତୀୟ ମ୍ୟାଚ୍ ପାୱାର ହିଟର ବନାମ ବିକାଶ ୱାରିଅସ ମଧ୍ୟରେ ଅନୁଷ୍ଠିତ ହେବ ବୋଲି ବରୁଣେଇ କ୍ଲବର ସଦସ୍ୟ ଶଙ୍କର ବେହେରା ସୂଚନା ଦେଇଛନ୍ତି ।



ଧର୍ମପରାୟଣ ମହିଳାଙ୍କ ପରଲୋକ

ତାଳଚେର, ୩୦/୧୦ (ଅକ୍ଷର ଓଡିଶା)ତାଳଚେର ବ୍ଲକ କଳମଛୁଇଁ ପଂଚାୟତ ଅନ୍ତର୍ଗତ ମଝିକା ଗ୍ରାମର କୋକିଳ ସାଇଁ(୬୮ବର୍ଷ)ଙ୍କର ଗୁରୁବାର ଦିବା ୧.୩୦ମିନିଟ ସମୟରେ ପରଲୋକ ହୋଇଯାଇଛି । କିଛିଦିନ ହେଲା ସେ ହୃଦ୍‌ରୋଗରେ ପୀଡିତ ହୋଇ ଚିକିତ୍ସିତ ହେଉଥିଲେ । ମୃତ୍ୟୁଶଯ୍ୟା ନିକଟରେ ତାଙ୍କର ଏକମାତ୍ର ପୁତ୍ର ଅରୁଣଙ୍କ ସମେତ ପୁତ୍ରବଧୂ , ପାଂଚ ଝିଅ ଜୋଇଁ ତଥା ଆତ୍ମୀୟସଜନ ଉପସ୍ଥିତ ଥିଲେ । ଜଣେ ମିଷ୍ଟଭାଷୀ, ସରଳ ତଥା ଧାର୍ମିକା ମହିଳା ଭାବରେ ସେ ଆଖପାଖ ଅଂଚଳରେ ପରିଚିତ ଥିଲେ । ତାଙ୍କ ବିୟୋଗରେ ସ୍ଥାନୀୟ ଅଂଚଳରେ ଶୋକର ଛାୟା ଖେଳିଯାଇଛି । ଗ୍ରାମ ଶ୍ମଶାନରେ ତାଙ୍କ ଶେଷକୃତ୍ୟ ସଂପନ୍ନ କରାଯାଇଥିଲା ।

୩୨୦ ଲିଟର ଦେଶୀ ମଦ ଓ ପର୍ଯ୍ୟାପ୍ତ ପରିମାଣର ମହୁଲ ପୋତି ଜବତ



ହାଟଡିହି, ୩୦/୧୦ (ଅମୀୟ ବରାଳ): କେଉଁଝର ଜିଲ୍ଲାଅବକାରୀ ଅଧିକ୍ଷକ ତେଯରାଜ ଯାନୀ ନିର୍ଦ୍ଦେଶ କ୍ରମେ ଅବକାରୀ ଉପ-ଅଧିକ୍ଷକ ଦିବ୍ୟରଞ୍ଜନ ଦିପଙ୍କ ତତ୍ତ୍ୱାବଧାନରେ ଏକ ଟିମ ଗଠନ କରାଯାଇ, ଆନନ୍ଦ ପୁର ଅବକାରୀ ନିରୀକ୍ଷକ ବ୍ରଜମୋହନ ମଲ୍ଲିକଙ୍କ ନେତୃତ୍ୱରେ ଆନନ୍ଦପୁର, ହାଟଡିହି ଓ ଘଟଗାଁ ଅବକାରୀ କର୍ମଚାରୀ ମାନଙ୍କୁ ନେଇ ଗଠିତ ଏକ ସତନ୍ତ୍ର ଟିମ ଓସ୍ତ ପୁରା, ଯୂଗଳକିଶୋରପୁର, ମାର୍ଶାପାଳ, ଘଟଗାଁ , ପଣ୍ଡା ପଡ଼ା, ସୁନାଟାଙ୍ଗିରି, ଗୋହିଟାଙ୍ଗିରି,କମାରନାଳି ବିଭିନ୍ନ ଅଞ୍ଚଳରେ ଚଢ଼ାଉ କରାଯାଇ ୩୨୦ଲିଟର ଦେଶୀ ରନ୍ଧା ମଦ ଓ ୪୬୦୦ ଲିଟର ମହୁଲ ପୋଚ ଓ ୨୯୬ କି.ଗ୍ରା ମହୁଲ ଜବତ କରାଯିବା ସହିତ ଦୁଇ ଅଭିଯୁକ୍ତ କୁ ଗିରଫ କରାଯାଇଛି । ଜବତ ଦେଶୀ ରନ୍ଧା ମଦ ଓ ମହୁଲ ପୋଚ, ମହୁଲ ଫୁଲ ଓ ସ୍ଫୁଟି ର ଆନୁମାନିକ ମୂଲ୍ୟ ପ୍ରାୟ ୫ଲକ୍ଷ ଟଙ୍କାରୁ ଉଙ୍କ ହେବ ବୋଲି ଅବକାରୀ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି । ଉକ୍ତ ଚଢ଼ାଉରେ ଆନନ୍ଦପୁର, ହାଟଡିହି, ଘଟଗାଁ ଅବକାରୀ ବିଭାଗର ସମସ୍ତ କର୍ମଚାରୀ ସାମିଲ ଥିଲେ । ଏନେଇ ଆନନ୍ଦପୁର ଅବକାରୀ ଥାନା ଓ ଘଟଗାଁ ଅବକାରୀ ଥାନା ପକ୍ଷରୁ ୩ଗୋଟି ପୃଥକ୍ ଅବକାରୀ ମାମଲା ରୁଜୁ କରାଯାଇଛି । ଏହିପରି ଭାବେ ଆଗକୁ ଚୋରା ମାଦକ ଦ୍ରବ୍ୟ କାରବାର ଉପରେ ଚଢାଉ ଜାରୀ ରହିବ ବୋଲି ଆନନ୍ଦପୁର ଅବକାରୀ ନିରୀକ୍ଷକ ବ୍ରଜମୋହନ ମଲ୍ଲିକ କହିଛନ୍ତି ।

ଗାଁ ସାଥୀ ସଂଘର ଜିଲ୍ଲାସ୍ତରୀୟ ସମ୍ମିଳନୀ ଅନୁଷ୍ଠିତ

ଖଣ୍ଡପଡ଼ା, ୩୦/୧୦ (ଅକ୍ଷର ଓଡ଼ିଶା) ଖଣ୍ଡପଡ଼ା ସହରର ଆରାଧ୍ୟ ମା' ଉମାଦେବୀଙ୍କ ପୀଠ ପରିସରରେ ଗାଁ ସାଥୀ ସଂଘର ନୟାଗଡ ଜିଲ୍ଲାସ୍ତରୀୟ ସମ୍ମିଳନୀ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି । ଗାଁ ସାଥୀ ରାଜ୍ୟସ୍ତରୀୟ ସଂଘ ମିଳିତ କ୍ରିୟାନୁଷ୍ଠାନ କମିଟି ଆନୁକୂଲ୍ୟରେ



ଆୟୋଜିତ ସମ୍ମିଳନୀରେ ନୟାଗଡ ଜିଲ୍ଲା ଅଧୀନ ୮ ଟି ବ୍ଲକ ଅଞ୍ଚଳରୁ ଶତାଧିକ ସଦସ୍ୟ ଓ ସଦସ୍ୟା ଯୋଗ ଦେଇଥିଲେ । ବରିଷ୍ଠ ସଂଗଠକ କାଳନ୍ଦୀ ନାୟକ କାର୍ଯ୍ୟକ୍ରମରେ ପୌରହିତ୍ୟ କରିଥିଲେ । ଗାଁ ସାଥୀ ସଂଘର ରାଜ୍ୟ ସଭାପତି ଲକ୍ଷ୍ମୀଧର ବିଶ୍ୱାଳ ମୁଖ୍ୟଅତିଥି ରୂପେ ଯୋଗଦେଇ ଗାଁ ସାଥୀ ମାନଙ୍କର ବିଭିନ୍ନ ସମସ୍ୟା ଓ ରାଜ୍ୟ ସରକାର